

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-04 ◆SUNDAY ◆28 JUNE 2026 ◆PAGE-12+4 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୦୪ ◆ରବିବାର ◆୨୮ ଜୁନ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦

## ଶିମିଳିପାଳର ଶୋଭା ବଢ଼ାଇଲା ଜିନତ୍

### ୪ ଶାବକଙ୍କ ସହ ବୁଲୁଛି ମା'



■ ବାରିପଦା, ୨୭।୬ (ସମିସ): ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବାଘୁଣୀ ଜିନତ ଓ ତା'ର ୪ଟି ଶାବକ ଏକାଠି ନିର୍ଭୟରେ ବୁଲୁଥିବା ଦେଖିବାକୁ ମିଳିଛି। ଶନିବାର ଦିନ ବନବିଭାଗ ଅଧିକାରୀ ଏହି ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ କର୍ତ୍ତୃପକ୍ଷ ଏହି ଖବରକୁ ନିଶ୍ଚିତ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସୂଚନାନୁସାରେ, ଏହି ଶାବକଙ୍କ ବୟସ ୨ ମାସରୁ କମ୍ ହେବ ଓ ସେମାନେ ନିଜର ପ୍ରାରମ୍ଭିକ ବିକାଶ ପର୍ଯ୍ୟାୟର ଅଂଶସ୍ୱରୂପ ମା' ସହିତ ଜଙ୍ଗଲରେ ବୁଲିବା ଆରମ୍ଭ କରିଛନ୍ତି। ବାଘୁଣୀ ଓ ତା'ର ଶାବକଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବନ୍ୟପ୍ରାଣୀ କର୍ତ୍ତୃପକ୍ଷ ▶ପୃଷ୍ଠା-୭

## ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା

## ପୋତି ହୋଇଗଲା ଘରଦ୍ୱାର

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଭୟଙ୍କର ବାଦଲଫଟା ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ପାହାଡ଼ରୁ ଖସିଥିବା ପଥର ଓ ମାଟି ଅତଡ଼ା ଅନେକ ଘର, ଦୋକାନ ବଜାରକୁ ପୋତି ପକାଇବା ସହ ଅନେକ ଗାଡ଼ିମୋଟର ମଧ୍ୟ ଏହି ଆବର୍ଜନା ମଧ୍ୟରେ ଫସି ରହିଛି। ଅପରପକ୍ଷରେ, ଦେଶର ବିଭିନ୍ନ ସ୍ଥାନରେ ବର୍ଷା ଓ ବଜ୍ରପାତ ଯୋଗୁଁ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶର ବାଲାଘାଟରେ ବଜ୍ରପାତ ଯୋଗୁଁ ୪ ଜଣ ଏବଂ ଦେବାସରେ ପ୍ରବଳ ବର୍ଷା ଯୋଗୁଁ ଘରର ବାଲକୋନି ୨ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ବଜ୍ରପାତ ଯୋଗୁଁ ଝାଡ଼ଖଣ୍ଡରେ ୧୦ ଜଣ ଏବଂ ଛତିଶଗଡ଼ରେ ୨ ଜଣ ପ୍ରାଣ ହରାଇଛନ୍ତି। ଇତିମଧ୍ୟରେ ଦେଶର ୨୨ଟି ରାଜ୍ୟକୁ ମୌସୁମୀ ବାୟୁ ଅଗ୍ରସର ହୋଇସାରିଥିବା ବେଳେ ଆସନ୍ତା ଜୁଲାଇ ୫ ▶ପୃଷ୍ଠା-୭



ବର୍ଷା ଓ ବଜ୍ରପାତରେ ୧୮ ମୃତ

୨୨ ରାଜ୍ୟକୁ ଛୁଇଁଲା ମୌସୁମୀ

ବର୍ଷା ସତ୍ତ୍ୱେ ଉତ୍ତର ଭାରତରେ ୪୦ ଉପରେ ତାତି

## ପୁଣି ପ୍ରଶ୍ନପତ୍ର ଲିକ୍

■ ପୁଣେ, ୨୭।୬ (ଏଜେନ୍ସି): ପୁଣି ପ୍ରଶ୍ନପତ୍ର ଲିକ୍। ଏଥର ମହାରାଷ୍ଟ୍ରରେ। ଆସନ୍ତାକାଲି ମହାରାଷ୍ଟ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା ହେବାକୁ ଯାଉଥିବା ବେଳେ ଆଜି ପ୍ରଶ୍ନପତ୍ର ଲିକ୍ ହୋଇଛି। ଫଳରେ ଏହି ପରୀକ୍ଷାକୁ ବାତିଲ କରିଦିଆଯାଇଛି। ଏହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ କେନ୍ଦ୍ର ସରକାର ଅଡୁଆରେ ପଡ଼ିଥିବା ବେଳେ ମହାରାଷ୍ଟ୍ର ପରେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବାରୁ ତ୍ରୁଟିଶୂନ୍ୟ ପରୀକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଲାଣି।

### ପରୀକ୍ଷାର ଠିକ୍ ଦିନକ ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ

### ସ୍ଥଗିତ ହେଲା ଶିକ୍ଷକ ଯୋଗ୍ୟତା ପରୀକ୍ଷା

ପରୀକ୍ଷାର ଠିକ୍ ଦିନକ ପୂର୍ବରୁ ଥାଣେ ଜିଲ୍ଲାରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ନେଇ ଅଭିଯୋଗ ଆସିବା ପରେ ମହାରାଷ୍ଟ୍ର ରାଜ୍ୟ ପରୀକ୍ଷା ପରିଷଦ ପକ୍ଷରୁ ଏହି ପରୀକ୍ଷା ବାତିଲ କରାଯାଇଛି। ପୁଲିସ୍ ଚଢ଼ାଉ ବେଳେ ଜବତ ହୋଇଥିବା ପ୍ରଶ୍ନଗୁଡ଼ିକ ମୂଳ ପ୍ରଶ୍ନପତ୍ର ସହ ମିଶିଯାଉଥିବାରୁ ଏହି ପଦକ୍ଷେପ ନିଆଯାଇଛି। ମହାରାଷ୍ଟ୍ର ରାଜ୍ୟ ପରୀକ୍ଷା ପରିଷଦର ▶ପୃଷ୍ଠା-୭

## ୨୦ ରାଜ୍ୟରେ ବଜେଟ୍ ବ୍ୟୟ ମନ୍ଥର

# ୨ ମାସରେ ଖର୍ଚ୍ଚ ମାତ୍ର ୫.୮୬%

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଚଳିତ ଆର୍ଥିକବର୍ଷର ପ୍ରଥମ ଦୁଇ ମାସରେ ପୁଞ୍ଜି ବ୍ୟୟରେ ଝୁଣ୍ଟିଲେ ରାଜ୍ୟ। ଏପ୍ରିଲ ଏବଂ ମେ' ମାସରେ ଦେଶର ୨୦ଟି ରାଜ୍ୟରେ ପୁଞ୍ଜି ବ୍ୟୟ ଆନୁପାତିକ ଭାବରେ ହ୍ରାସ ପାଇଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ ବା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ ପ୍ରକାଶିତ ମାସିକ ହିସାବର ବିଶ୍ଳେଷଣ ଅନୁଯାୟୀ, ଏହି ରାଜ୍ୟଗୁଡ଼ିକ ମୋଟ ୧୦ ଲକ୍ଷ କୋଟି ଟଙ୍କାର ବଜେଟ ଆବଣ୍ଟ ମଧ୍ୟରୁ ୫୮,୬୩୬ କୋଟି ଟଙ୍କା ଅର୍ଥାତ ୫.୮୬ ପ୍ରତିଶତ ଅର୍ଥ ବ୍ୟବହାର କରିଛନ୍ତି। ହେଲେ ଗତ ବର୍ଷ ସମାନ ସମୟରେ ରାଜ୍ୟଗୁଡ଼ିକ ସେମାନଙ୍କର ପୁଞ୍ଜି ବ୍ୟୟର ୬.୨୧ ପ୍ରତିଶତ ଖର୍ଚ୍ଚ କରିଥିଲେ। ଏହି ୨୦ ରାଜ୍ୟରେ ପୁଞ୍ଜି ବ୍ୟୟ ୨୦୨୫-୨୬ରେ ୯.୨୯ ଲକ୍ଷ କୋଟି ଟଙ୍କାରୁ ୧୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲେ ସୁଦ୍ଧା ପ୍ରକୃତ ଖର୍ଚ୍ଚ ପ୍ରାୟ ୧.୭ ପ୍ରତିଶତ ବୃଦ୍ଧି ପାଇଛି। ଓଡ଼ିଶା ମଧ୍ୟ ବଜେଟ୍ ଅର୍ଥ ବ୍ୟୟ କ୍ଷେତ୍ରରେ ବହୁ ପଛରେ ପଡିଛି। ୨୦୨୫-୨୬ ଆର୍ଥିକବର୍ଷରେ ଓଡ଼ିଶା ସରକାରଙ୍କ ପୁଞ୍ଜି ବ୍ୟୟ ବୃଦ୍ଧି

### ୨୦୨୫-୨୬ରେ ବଜେଟ୍ ବ୍ୟୟରେ ଓଡ଼ିଶା ବହୁ ପଛରେ

### ଏପ୍ରିଲରେ ବ୍ୟୟ ନକାରାତ୍ମକ

### ମେ'ରେ ଖର୍ଚ୍ଚ ୨,୪୨୫ କୋଟି

ସାମଗ୍ରିକ ଖର୍ଚ୍ଚ ତୁଳନାରେ ଢ଼େର ପଛରେ ପଡ଼ିଛି। ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟ ଏହାର ବଜେଟ୍ ଆକଳନ (ବିଇ)ର ମାତ୍ର ୬୫.୮୮% ଅର୍ଥ ଖର୍ଚ୍ଚ କରିପାରିଛି। ଚଳିତ ଆର୍ଥିକବର୍ଷର ଏପ୍ରିଲ ମାସରେ ଓଡ଼ିଶାର ବ୍ୟୟ ନକାରାତ୍ମକ ରହିଥିବାବେଳେ ମେ' ମାସରେ ଏଥିରେ କିଚିଟା ସୁଧାର ଆସିଛି। ମେ' ମାସରେ ଓଡ଼ିଶା ପ୍ରାୟ ୨,୪୨୫ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଦର୍ଶାଇଛି।

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ମାସ ଅର୍ଥାତ୍ ମେ'ରେ ରାଜ୍ୟଗୁଡ଼ିକ ସାମୂହିକ ଭାବରେ ପ୍ରାୟ ୩୯୨୬୭ କୋଟି ଟଙ୍କାର ପୁଞ୍ଜି ବ୍ୟୟ କରିଛନ୍ତି, ଯାହା ଗତ ବର୍ଷ ମେ ମାସରେ ହୋଇଥିବା ଖର୍ଚ୍ଚର ପ୍ରାୟ ୩୫୮୬୪ କୋଟି ଟଙ୍କା ତୁଳନାରେ ପ୍ରାୟ ୯.୫% ଅଧିକ। ଏପ୍ରିଲରେ ପୁଞ୍ଜି ବ୍ୟୟରେ ମନ୍ଥର ଗତି ପରେ ମେ' ମାସରେ ରାଜ୍ୟଗୁଡିକ ସାମୂହିକ ଭାବରେ ଖର୍ଚ୍ଚରେ କିଛିଟା ସୁଧାର ଆଣିଛନ୍ତି। ୨୦୨୬-୨୭ର ପ୍ରଥମ ଦୁଇ ମାସରେ କେରଳ ଏହାର ପୁଞ୍ଜି ଖର୍ଚ୍ଚର ୨୯.୩୫% ବ୍ୟବହାର କରି ରାଜ୍ୟଗୁଡିକ ମଧ୍ୟରେ ଶୀର୍ଷରେ ରହିଛି। ହରିୟାଣା ୨୨.୪୬% , ଆନ୍ଧ୍ର ପ୍ରଦେଶ (୧୧.୩୮%) ଏବଂ ହିମାଚଳ ପ୍ରଦେଶ (୧୦.୨୫ %) ଭଳି ରାଜ୍ୟର ପୁଞ୍ଜି ବ୍ୟବହାର ହାର ୧୦ ପ୍ରତିଶତ ଉପରେ ▶ପୃଷ୍ଠା-୭

## ଶାନ୍ତି ପ୍ରୟାସରେ ବାଧା

## ପୁଣି ଆମେରିକା-ଇରାନ ମୁହାଁମୁହିଁ



### ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଘାଟି ଉପରେ ବୋମା ବର୍ଷଣ

### ଆମେରିକା ଘାଟି ଉପରେ ଇରାନର ପାଲଟା ଆକ୍ରମଣ

■ ୱାଶିଂଟନ, ୨୭।୬ (ଏଜେନ୍ସି): ଶାନ୍ତି ବୁଝାମଣା ସତ୍ତ୍ୱେ ଆମେରିକା ଏବଂ ଇରାନ ମଧ୍ୟରେ ପୁଣି ତିକ୍ତତା ଦେଖାଦେଇଛି। ଜୁନ୍ ୨୫ ତାରିଖରେ ହର୍ମୁଜ ପ୍ରଣାଳୀରେ ସିଙ୍ଗାପୁରର ଏକ ମାଲବାହୀ ଜାହାଜ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣର ଜବାବରେ ଆମେରିକା ଶୁକ୍ରବାର ଦିନ ଇରାନର ସାମରିକ ଘାଟିଗୁଡ଼ିକ ଉପରେ ଜୋରଦାର ଆକ୍ରମଣ କରିଛି। ଆମେରିକାର ଏହି ବୋମାବର୍ଷା ପରେ ଇରାନର 'ଇସଲାମିକ ବିପ୍ଳବୀ ସୁରକ୍ଷା ବାହିନୀ' ମଧ୍ୟ ପ୍ରତିଆକ୍ରମଣ କରି ଏହି ଅଞ୍ଚଳରେ ଥିବା ଆମେରିକୀୟ ସେନା ଛାଉଣୀକୁ ଟାର୍ଗେଟ କରିଛି, ଯାହାଫଳରେ ସମଗ୍ର ପଶ୍ଚିମ ଏସିଆରେ ଯୁଦ୍ଧର କଳାବାଦଲ ଦେଖାଦେଇଛି।

ଆମେରିକା ସେନା ପକ୍ଷରୁ ଆକ୍ରମଣ କରାଯିବାର ମାତ୍ର କେଇ ମିନିଟ୍ ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାର ସଙ୍କେତ ଦେଇଥିଲେ। ହ୍ୱାଇଟ୍ ହାଉସରେ ▶ପୃଷ୍ଠା-୭

## ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ଘଟଣା

## ଓଟିଏଏସ୍ ଅଧିକାରୀ ଭୀମସେନ ଟୁଡୁ ବହିଷ୍କୃତ



ଟ୍ରେନିଙ୍ଗ୍ ସମୟରେ ଗିରଫ ହୋଇଥିଲେ

■ ଭୁବନେଶ୍ୱର, ୨୭।୬ (ସମିସ): ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ନୂଆ କରି ନିଯୁକ୍ତି ପାଇଥିବା ଓଟି ଆଣ୍ଡ ଏଏସ୍ ଅଧିକାରୀ ଭୀମସେନ ଟୁଡୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସରକାରୀ ସେବାରୁ ବହିଷ୍କାର କରିଛନ୍ତି। ଭବିଷ୍ୟତରେ ମଧ୍ୟ ଶ୍ରୀ ଟୁଡୁ ଆଉ କୌଣସି ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

ନୂଆ କରି ଓଟିଏଏସ୍ ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଙ୍ଗ୍ ସମୟରେ ୨୦୨୬ ଜୁନ୍ ୪ ତାରିଖଠାରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ରେ ତାଙ୍କ ଶେଷ ପରୀକ୍ଷାରେ ମଧ୍ୟ ଯୋଗ ଦେଇନଥିଲେ। ସେହି ସମୟରେ ସେ ଏକ ମୃତ୍ୟୁ ମାମଲାରେ ବାରଙ୍ଗ ପୁଲିସ ଦ୍ୱାରା ଗିରଫ ହୋଇଥିଲେ ଏବଂ ▶ପୃଷ୍ଠା-୭

## ମୁକ୍ତାଝରି ସାହିରେ ଡବଲ ମର୍ଡର

## ମାଆ-ଝିଅଙ୍କୁ କାଟିଦେଲେ

■ ମହୁଲଡିହା, ୨୭।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ତରାମରା ପଞ୍ଚାୟତ ଡକେଇପାଳ ଗ୍ରାମର ମୁକ୍ତାଝରୀ ସାହିରେ ଡବଲ ମର୍ଡର ହୋଇଛି। କେହି ଦୁର୍ବୃତ୍ତ ମାଆ-ଝିଅଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି। ମୁକ୍ତାଝରୀ ସାହିର ଚୈତନ ଟୁଡୁ (୩୫) ଆଜି ଦିନ ୧୦ଟା ବେଳେ କୋଦାଳ ଧାର କରିବା ପାଇଁ ବିନ୍ଧାଣି ପାଖକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଫେରି ଦେଖିବା ବେଳକୁ ଘରର କବାଟ ବନ୍ଦ ଅଛି। ଡାକିଲେ ମଧ୍ୟ କେହି ଶୁଣି ନ ଥିଲେ। ଶୋଇବା ଘର ଭିତର ପଟୁ ବନ୍ଦ ଥିଲା। ସିଡି ଲଗାଇ ସ୍କାଇ ଲାଇଟ ପଟେ ଉଠି ଦେଖିଥିଲେ ଯେ ସ୍ତ୍ରୀ ସୀତାମଣି ଟୁଡୁ (୩୦) ଓ ଝିଅ ଜବାମଣି ଟୁଡୁ ( ୮) ତଳେ ମରି ପଡିଥିଲେ। ଭିତର ପଟୁ କବାଟ ଖୋଲି ଦେଖନ୍ତି ତ ଝିଅ ବେକ ଧାରୁଆ ଅସ୍ତ୍ରରେ କଟାଯାଇଛି ଓ ସ୍ତ୍ରୀ ସୀତାର ମଧ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ ପରେ ପ୍ରଚୁର ରକ୍ତସ୍ରାବ ପରେ ମୃତ୍ୟୁ ହୋଇଛି। ସେ ପୁଲିସକୁ ଖବର ଦେବାରୁ ମହୁଲଡିହା ଥାନା ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଥିବାବେଳେ କରଞ୍ଜିଆ ଏସଡିପିଓ ନବକୃଷ୍ଣ ନାୟକ ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରିଛନ୍ତି । ରବିବାର ସକାଳେ ବାରିପଦାରୁ ସାଇଣ୍ଟିଫିକ ଟିମ ଆସିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଆଇଆଇସି ତୁଷାର ନାୟକ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡର କାରଣ କ'ଣ ଓ କିଏ ହତ୍ୟାକାରୀ, ସେ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।

## ପିଲାଙ୍କ ପଢ଼ା ବହିରେ ତ୍ରୁଟି

## ଦାଗୀ ହାତରେ ଚାବିକାଠି !

### ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ନାମରେ ୧୫ ବିଧାୟକ କରିଥିଲେ ଅଭିଯୋଗ

### ସବୁ ଜାଣି ୨ ବର୍ଷ ହେଲା ନିରବ ଥିଲେ ସରକାର

■ ଭୁବନେଶ୍ୱର, ୨୭।୬ (ସମିସ): ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ଘଟଣାରେ ପୂର୍ବତନ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ମୋଟ୍ ୪ ଜଣ ନିଲମ୍ବିତ ହେବା ପରେ ବିବାଦ ଥମିବା ବଦଳରେ ଆହୁରି ବଢ଼ିଛି। ଶ୍ରୀ ପାଢ଼ୀ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଖରାପ ବ୍ୟବହାର କରୁଥିବା ୧୫ ଜଣ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସରକାର କୌଣସି ତତ୍କାଳ କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ। ସମ୍ପ୍ରତି ପୁସ୍ତକ ବିଭ୍ରାଟର ମୁଖ୍ୟ ନାୟକ ବୋଲି କୁହାଯାଉଥିବା ଶ୍ରୀ ପାଢ଼ୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଯାହାର ପ୍ରତିଫଳନ ଦୁଇବର୍ଷ ପରେ ହେବା ସହ ପ୍ରାୟ ୫୭ ଲକ୍ଷ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଜୀବନ ବାଜିରେ ଲାଗିଥିବା ଅଭିଯୋଗ

### ୩୮୦ କୋଟି ସ୍ୱାହା

### ୫୭ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ଖେଳ

ହୋଇଛି। ଅପରପକ୍ଷରେ ସରକାର କାହିଁକି ସେହି ସମୟରେ ନିରବ ରହିଥିଲେ, ତାହା ମଧ୍ୟ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଗତ ୨୦୨୪ ଡିସେମ୍ବର ୯ ତାରିଖରେ ୧୫ ଜଣ ବିଧାୟକ ଶ୍ରୀ ପାଢ଼ୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗରେ ସେମାନେ ଦର୍ଶାଇଥିଲେ ଯେ, ଏସ୍‌ସିଇଆର୍‌ଟି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ସେ ଦୁର୍ବ୍ୟବହାର କରୁଥିଲେ। ଉଭୟ ପୁରୁଷ ଓ ମହିଳା କର୍ମଚାରୀଙ୍କ ପ୍ରତି ଖରାପ ଭାଷା ପ୍ରୟୋଗ କରୁଥିଲେ। ଏପରିକି ଇଡିଅଟ୍, ନନ୍‌ସେନସ୍, ଗେଟ୍ ଆଉଟ୍ ବୋଲି କହୁଥିଲେ। ଫଳରେ କର୍ମଚାରୀମାନେ ଧାରଣାରେ ବସିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାରୁ କାର୍ଯ୍ୟସ୍ଥଳରେ ଏକ ପ୍ରତିକୂଳ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ତାଙ୍କର ୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ▶ପୃଷ୍ଠା-୭

## ବିକଳ୍ପ ଇନ୍ଧନ ଆଣିବ ଜଳ ସଙ୍କଟ

### ୧ ଲିଟର ଇଥାନଲ୍ ପାଇଁ ଆବଶ୍ୟକ ୧୦ ହଜାର ଲିଟର ପାଣି

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ପେଟ୍ରୋଲ୍ ସହିତ ଇଥାନଲ୍ ମିଶ୍ରଣ ବର୍ତ୍ତମାନ କେନ୍ଦ୍ର ସରକାର ଜୋରଦାର ପ୍ରୟାସ ଚଳାଇଛନ୍ତି। ହେଲେ ସ୍ୱଚ୍ଛ ଶକ୍ତିର ସମାଧାନ କୁହାଯାଉଥିବା ଏହି ବିକଳ୍ପ ଇନ୍ଧନ ଦେଶରେ ଏକ ଭୟଙ୍କର ଜଳ ସଙ୍କଟ ସୃଷ୍ଟି କରିବ। ଏହି ସମସ୍ୟାର ମୂଳରେ ଏପରି କିଛି ଫସଲ ରହିଛି, ଯାହା ଭାରତରେ ଚାଷ ହେଉଥିବା ପ୍ରାୟ ଅନ୍ୟ ଯେକୌଣସି ଫସଲ ଅପେକ୍ଷା ଅଧିକ ପାଣି ବ୍ୟବହାର କରିଥାଏ। ଯେପରିକି ମକା, ଆଖୁ ଏବଂ ଧାନ। ଜଳବାୟୁ ପରିବର୍ତ୍ତନ ଉପରେ ଗଠିତ ଆନ୍ତଃସରକାରୀ କମିଟିର ଅଞ୍ଜଲ ପ୍ରକାଶ କହିଛନ୍ତି, ତେଲରେ ଇଥାନଲ୍ ମିଶ୍ରଣ ଭାରତର ଜଳ ସଙ୍କଟକୁ ଆହୁରି ଖରାପ କରିପାରେ। ଏହାର ମୁଖ୍ୟ କାରଣ ଇଥାନଲ୍ ନିମନ୍ତେ ଆବଶ୍ୟକ ହେଉଥିବା ଅଧିକାଂଶ କଞ୍ଚାମାଲ ଆଖୁ ଏବଂ ଦ୍ରୁତ ବଢୁଥିବା ମକାରୁ ହୋଇଥାଏ। ଏହି



ଦୁଇ ଫସଲ ଚାଷ ଏବଂ ପ୍ରକ୍ରିୟାକରଣ ପାଇଁ ଅତ୍ୟନ୍ତ ଜଳ-ନିର୍ଭରଶୀଳ।

ଇଥାନଲ୍ ମିଶ୍ରଣ ଅର୍ଥ ହେଉଛି ଆମଦାନୀ ହୋଇଥିବା ଅଶୋଧିତ ତେଲ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବା ପାଇଁ ପେଟ୍ରୋଲରେ ଇଥାନଲ୍ ନାମକ ଏକ ଉଦ୍ଭିଦ-ଆଧାରିତ ଆଲକୋହଲର ମିଶ୍ରଣ କରିବା। ଦେଶ ଏହି କାର୍ଯ୍ୟକ୍ରମରେ ଦ୍ରୁତ ଗତିରେ ଆଗକୁ ବଢୁଛି। ଚାଉଳ ଏହାର ଏକ ପ୍ରମୁଖ କଞ୍ଚାମାଲ ପାଲଟିଛି। ସରକାର ୨୦୨୪-୨୫ ରେ ଇଥାନଲ୍ ଉତ୍ପାଦନ ପାଇଁ ୫.୨ ନିୟୁତ ଟନ୍ ଚାଉଳ ଆବଣ୍ଟନ କରିଥିଲେ, ଏବଂ ବର୍ତ୍ତମାନ ୨୦୨୫-୨୬ ରେ ଏ ନେଇ ଲକ୍ଷ୍ୟ ୯ ନିୟୁତ ଟନ୍ ରଖାଯାଇଛି। ଚାଉଳରୁ ଏକ ଲିଟର ଇଥାନଲ୍ ଉତ୍ପାଦନ କରିବା ପାଇଁ ପ୍ରାୟ ୧୦,୭୯୦ ଲିଟର ପାଣି ଆବଶ୍ୟକ ହୁଏ, ଯେଉଁଥିରେ ଚାଷ ସମୟରେ ଜଳସେଚନ ପାଇଁ ବ୍ୟବହୃତ ପାଣି ମଧ୍ୟ ଅନ୍ତର୍ଭୁକ୍ତ। ଚାଉଳ-ଆଧାରିତ ଇଥାନଲ୍‌ରେ ବ୍ୟବହୃତ ଅଧିକାଂଶ ପାଣି ପ୍ରକ୍ରିୟାକରଣ ନୁହେଁ, ଚାଷରୁ ଆସିଥାଏ। ୧ କିଲୋଗ୍ରାମ ଚାଉଳ ଉତ୍ପାଦନ ପାଇଁ ପ୍ରାୟ ୩ରୁ ୫ ହଜାର ଲିଟର ପାଣି ଆବଶ୍ୟକ ହୁଏ। ପ୍ରାୟ ୨.୫ରୁ ୩ କିଲୋଗ୍ରାମ ଚାଉଳରୁ ଏକ ଲିଟର ଇଥାନଲ୍ ଉତ୍ପାଦନ ହୁଏ, ଯାହା ମୋଟ ▶ପୃଷ୍ଠା-୭

## ମହାନଦୀରେ ପାଣି କମୁଛି; ଟ୍ରିବ୍ୟୁନାଲରେ ତାରିଖ ଗଡୁଛି

### ଛତିଶଗଡ଼ର ୨୭ ମିଲିୟନ ଏକର ଫୁଟ ପାଣି ଦାବି ମାନିନେଲେ ଓଡ଼ିଶା ପ୍ରତି ହେବ ଆତ୍ମଘାତୀ

■ ଭୁବନେଶ୍ୱର, ୨୭।୬ (ସମିସ): ମହାନଦୀ ଜଳ ବିବାଦ ମାମଲାରେ ନ୍ୟାୟ ମିଳିବା ପରିବର୍ତ୍ତେ ଚିରାଚରିତ ଭାବେ ଓଡ଼ିଶାକୁ ଆଉ ଏକ ତାରିଖ ମିଳିଛି। ଶନିବାର ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଟ୍ରିବ୍ୟୁନାଲରେ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଶୁଣାଣିରେ ଉଭୟ ରାଜ୍ୟ ପକ୍ଷରୁ ଗଠିତ ଯୁଗ୍ମ ବୈଷୟିକ ଟିମ୍‌ର ରିପୋର୍ଟ ଉପସ୍ଥାପିତ ହୋଇଥିବା ବେଳେ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ବୈଠକ ସମ୍ପର୍କରେ ସୂଚନା ଦେଇ ଆଡଭୋକେଟ ଜେନେରାଲ(ଏଜି) ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଉଭୟ ରାଜ୍ୟ ମଧ୍ୟରେ ହୋଇଥିବା ବୈଠକ ସନ୍ତୋଷଜନକ



### ଅନେକ ବିଷୟରେ ଉଭୟ ରାଜ୍ୟ ସହମତ; ନିଷ୍ପତ୍ତି ନେବେ ଶୀର୍ଷ ନେତୃତ୍ୱ: ଏଜି

### ବିଶେଷଜ୍ଞଙ୍କ ଦାବି, ଶୁଣାଣିର ଆଲୋଚ୍ୟ ବିଷୟକୁ ସାର୍ବଜନୀନ କରନ୍ତୁ ସରକାର

ରହିଛି। ଟ୍ରିବ୍ୟୁନାଲ ମଧ୍ୟ ଏ ଦିଗରେ ଗୁରୁତ୍ୱର ସହ ବିଚାର କରି ସମସ୍ତ ନିଷ୍ପତ୍ତିକୁ ସ୍ୱୀକୃତି ପ୍ରଦାନ କରୁଛନ୍ତି। ଅନେକ ବିଷୟରେ ସହମତି ଧୀରେଧୀରେ ଆଗକୁ ବଢୁଛି। ଆଗାମୀ ଦିନରେ ଉଭୟ ରାଜ୍ୟର ଶୀର୍ଷ ନେତୃତ୍ୱ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଏଜି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଅପରପକ୍ଷେ ଆଜିର ଶୁଣାଣିକୁ ନେଇ ଜଳ ବିଶେଷଜ୍ଞ ତଥା ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ଟ୍ରିବ୍ୟୁନାଲର ଆଜିର ଶୁଣାଣି ପରେ ଏଜି ପିତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଟ୍ରିବ୍ୟୁନାଲରେ ଆଲୋଚନା ହୋଇଛି। ଛତିଶଗଡ଼ ଏବଂ ଓଡ଼ିଶାର କେତେ ପାଣି କାହାର ଆବଶ୍ୟକତା ରହିଛି, ତାହା ଉପରେ ଆଲୋଚନା କରିଛନ୍ତି। ଆମେ ଏନେଇ ଏଜିଙ୍କୁ ପ୍ରଶ୍ନ କରିବାକୁ ଚାହୁଁଛୁ ଯେ ମହାନଦୀରୁ ଛତିଶଗଡ଼ ପ୍ରାୟ ୨୭ ମିଲିୟନ ଏକର ଫୁଟ ପାଣି ମହାନଦୀରୁ ଦାବି କରୁଛି। ମାତ୍ର ମହାନଦୀରେ ▶ପୃଷ୍ଠା-୭



# ଭେନେଜୁଏଲାରେ ଭଗ୍ନସ୍ତୂପ ତଳେ ଜୀବନ ଖୋଜା

**ଏକ ହଜାର ମୃତଦେହ ଉଦ୍ଧାର, ୫୦ ହଜାରରୁ ଅଧିକ ନିଖୋଜ**

କାରାକାସ, ୨୭ ।୬(ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ଗତ ବୁଧବାର ସନ୍ଧ୍ୟାରେ ଆସିଥିବା ଦୁଇ ଦୁଇଟି ଶକ୍ତିଶାଳୀ ଭୂକମ୍ପ (ତୀବ୍ରତା ୭.୨ ଏବଂ ୭.୫) ଯୋଗୁଁ ସେଠାରେ ଏକ ଶତାବ୍ଦୀର ସବୁଠାରୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଛି। ଏହି ମହାବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁସଂଖ୍ୟା ୯୨୦ରେ ପହଞ୍ଚିଥିବା ବେଳେ ୫୦ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି। କାରାକାସ ଏବଂ ଲା ଗ୍ୱାଇରା ସମେତ ବିଭିନ୍ନ ଅଞ୍ଚଳରେ ୩, ୩୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ଏବଂ ଶତାଧିକ ଲୋକ ଏବେ ମଧ୍ୟ ଭଙ୍ଗା ଘରର ସ୍ଲାବ୍ ତଳେ ଚାପି ହୋଇ ରହିଛନ୍ତି। ସରକାରୀ ସାହାଯ୍ୟ ମିଳିବାରେ ବିଳମ୍ବ ହେଉଥିବାରୁ ସ୍ଥାନୀୟ ବାସିନ୍ଦାମାନେ ନିଜେ ଦଳ ଗଠନ କରି ଖାଲି ହାତରେ ଏବଂ ସାଧାରଣ ଯନ୍ତ୍ରପାତି ସାହାଯ୍ୟରେ ସେମାନଙ୍କ ପ୍ରିୟଜନଙ୍କୁ ଉଦ୍ଧାର କରିବା ପାଇଁ ଭଙ୍ଗାସ୍ତୂପ ଖୋଳୁଛନ୍ତି। ଅନ୍ୟପଟେ, ଭେନେଜୁଏଲାର ଏହି ସଙ୍କଟ ସମୟରେ ବିଶ୍ୱର ବିଭିନ୍ନ ଦେଶ ଏବଂ ମିଳିତ ଜାତିସଂଘ ସାହାଯ୍ୟର ହାତ ବଢ଼ାଇଛନ୍ତି। ଆମେରିକା, ମେକ୍ସିକୋ, କଲୋମ୍ବିଆ, ସ୍ୱିଜରଲ୍ୟାଣ୍ଡ ପରି ପ୍ରାୟ ୧୭ଟି ଦେଶରୁ ୧, ୦୦୦ରୁ ଅଧିକ ଉଦ୍ଧାରକାରୀ ଦଳ ଭେନେଜୁଏଲାରେ ପହଞ୍ଚି କାର୍ଯ୍ୟ ଆରମ୍ଭ କଲେଣି। ଭାରତ, ଚୀନ୍ ଏବଂ ବ୍ରାଜିଲ ଭଳି ଦେଶ ମଧ୍ୟ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗଜ୍ ଆମେରିକା ପ୍ରଶାସନ ସହ ଯୋଗାଯୋଗ କରି ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଭୂକମ୍ପ ପରବର୍ତ୍ତୀ ୪୮ ରୁ ୭୨ ଘଣ୍ଟା ଅତିକ୍ରମ କରିଯାଇଥିବାରୁ ଧ୍ୱଂସାବଶେଷ ତଳୁ ଆଉ କାହାକୁ ଜୀବିତ ଉଦ୍ଧାର କରିବା ଆଶା କ୍ଷୀଣ ହେବାରେ ଲାଗିଛି।

## ଆସନ୍ତା ବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ନୂଆଦିଲ୍ଲୀ/ୱାଶିଂଟନ, ୨୭ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବର୍ଷ ପ୍ରାରମ୍ଭରେ ଭାରତ ଗସ୍ତ କରିପାରନ୍ତି। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସୂଚନା ଅନୁସାରେ, ଏହି ଗସ୍ତ ସଫଳ ହେଲେ ଏହା ଟ୍ରମ୍ପଙ୍କ ଦ୍ୱିତୀୟ ଭାରତ ଗସ୍ତ ହେବ। ଏହା ପୂର୍ବରୁ ସେ ୨୦୨୦ର ଭାରତ ଆସି ଅହମଦାବାଦରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମ୍ଭାବ୍ୟ ଗସ୍ତ ପୂର୍ବରୁ ଭାରତର ହାଇଦ୍ରାବାଦରେ ଏକ ପ୍ରମୁଖ ସଡ଼କକୁ ଟ୍ରମ୍ପଙ୍କ ନାମରେ ନାମିତ କରାଯାଇଛି, ଯାହା ପାଇଁ ସେ ଭାରତକୁ ଧନ୍ୟବାଦ ଜଣାଇଛନ୍ତି। ଆମେରିକାର ଦୁଇ ଶହ ପଚାଶତମ ସ୍ୱାଧୀନତା ଦିବସ ଅବସରରେ ହାଇଦ୍ରାବାଦ ସ୍ଥିତ ଆମେରିକୀୟ ଦୂତାବାସ ନିକଟସ୍ଥ ଏକ ସଡ଼କକୁ 'ଡୋନାଲ୍ଡ ଟ୍ରମ୍ପ ଆଭେନ୍ୟୁ' ଭାବେ ନାମିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆମେରିକାର ରାଷ୍ଟ୍ରଦୂତ ସେର୍ଗିଓ ଗୋର ଏବଂ ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମଲ୍ଲୁ ଭଟ୍ଟି ବିକ୍ରମାର୍କ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମାନ ପାଇଁ ଖୁସି ବ୍ୟକ୍ତ କରି ଟ୍ରମ୍ପ ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଲେଖିଛନ୍ତି, 'ଏଭଳି ସମ୍ମାନ ପାଇବାରେ ମୁଁ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି। ଭାରତକୁ ଅନେକ ଧନ୍ୟବାଦ।'

## ଡିଏମ୍‌କେ ମେଣ୍ଟ ଛାଡ଼ିଲା ଏମ୍‌ଡିଏମ୍‌କେ

ଚେନ୍ନାଇ, ୨୭ ।୬(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏକ ବଡ଼ ଓଲଟପାଲଟ ଦେଖିବାକୁ ମିଳିଛି। ଭାଇକୋଙ୍କ ନେତୃତ୍ୱାଧୀନ ଏମଡିଏମକେ ଦଳ ଏମକେ ଷ୍ଟାଲିନଙ୍କ ଡିଏମକେ ସହ ଥିବା ନିଜର ୯ ବର୍ଷର ପୁରୁଣା ମେଣ୍ଟକୁ ଆନୁଷ୍ଠାନିକ ଭାବେ ଶେଷ କରିଦେଇଛି। ଦଳର ସାଧାରଣ ପରିଷଦ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏମଡିଏମକେ ଅଭିଯୋଗ କରିଛି ଯେ ଡିଏମକେ ପକ୍ଷରୁ ସେମାନଙ୍କ ଦଳକୁ ଦୁର୍ବଳ କରିବା ପାଇଁ କ୍ରମାଗତ ଚେଷ୍ଟା କରାଯାଉଥିଲା, ଯେଉଁଥିପାଇଁ ମେଣ୍ଟରେ ରହିବା ଆଉ ସମ୍ଭବ ନଥିଲା। ଅପରପକ୍ଷରେ ଡିଏମକେ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ଭାଇକୋ ନିଜ ପୁଅକୁ ଦଳରେ ଉଚ୍ଚ ପଦବୀ ଦେବା ଯୋଗୁଁ ସେମାନଙ୍କ ଦଳ ନିଜେ ଦୁର୍ବଳ ହେବାରେ ଲାଗିଛି। ଏହି ମେଣ୍ଟ ଭାଙ୍ଗିବା ପରେ ଏମଡିଏମକେ ଏବେ ରାଜ୍ୟର ଶାସକ ଟିଭିକେ ଦଳ ଆଡ଼କୁ ଢଳୁଥିବା ସଙ୍କେତ ମିଳିଛି। ତେବେ ଏମଡିଏମକେର ଦୁଇଜଣ ବିଧାୟକ ଏହି ବୈଠକକୁ ବାସନ୍ଦ କରି ଡିଏମକେ ସହ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣା ପରେ ତାମିଲନାଡୁର ଆଗାମୀ ରାଜନୈତିକ ସମୀକରଣ ବଦଳିବା ସହ ଶାସକ ଓ ବିରୋଧୀ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆହୁରି ତୀବ୍ର ହେବା ନିଶ୍ଚିତ ହୋଇଯାଇଛି।

## ୧୩ଟି ହୋଟେଲ: କୋଚିଂ ସେଣ୍ଟର ସିଲ୍

ଅହମଦାବାଦ, ୨୭ ।୬(ଏଜେନ୍ସି): ଅଗ୍ନି ନିରାପତ୍ତା ନିୟମକୁ ବେଖାତିର କରିବା ଅଭିଯୋଗରେ ଗୁଜରାଟର ଅହମଦାବାଦ ସହରରେ ଅଗ୍ନିଶମ ବାହିନୀ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ଯୋଗୁଁ ୧୩ଟି ହୋଟେଲ ଏବଂ ଗୋଟିଏ ପ୍ରମୁଖ କୋଚିଂ ସେଣ୍ଟରକୁ ସିଲ୍ କରାଯାଇଛି। ଅହମଦାବାଦ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ପକ୍ଷରୁ ସହରର ବିଭିନ୍ନ ବ୍ୟବସାୟିକ, ଶିକ୍ଷାନୁଷ୍ଠାନ ଓ ହୋଟେଲଗୁଡ଼ିକରେ ବ୍ୟାପକ ଚଢ଼ାଉ କରାଯାଇଥିଲା। ଏହି ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରିଥିବା ୧୫୪ଟି ହୋଟେଲ ଏବଂ ୬୨ଟି କୋଚିଂ ସେଣ୍ଟରକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସହରର ପଶ୍ଚିମ ଜୋନ୍‌ରେ ସବୁଠାରୁ ଅଧିକ କାର୍ଯ୍ୟାନୁଷ୍ଠାନ ହୋଇଛି, ଯେଉଁଠାରେ ୭ଟି ହୋଟେଲ ସମେତ ନବକାର୍ ଇନଷ୍ଟିଚ୍ୟୁଟ୍ ନାମକ ଏକ ଶିକ୍ଷାନୁଷ୍ଠାନକୁ ସିଲ୍ କରାଯାଇଛି। ସେହିପରି ଉତ୍ତର-ପଶ୍ଚିମ ଜୋନ୍‌ରେ ନିରାପତ୍ତା ଅଭାବରୁ ହୋଟେଲ ଫିଜା, ହୋଟେଲ ଫାଉଣ୍ଟେନ୍ ଓ ଆପୋଲୋ ହୋଟେଲ ସମେତ ୬ଟି ପ୍ରତିଷ୍ଠାନକୁ ବନ୍ଦ କରିଦିଆଯାଇଛି। ଆଗାମୀ ଦିନରେ ମଧ୍ୟ ଏହିଭଳି ଚଢ଼ଉ ଜାରି ରହିବ ଏବଂ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନଥିବା ପ୍ରତିଷ୍ଠାନଗୁଡ଼ିକ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି।

**ରାମ ମନ୍ଦିର ଚାନ୍ଦା ଅର୍ଥ ଘୋଟାଲା**

# ସିସିଟିଭି ଗାଏବ୍, ଡ୍ରାଇଭର ହାତରେ ହୁଣ୍ଡି ଚାବି

## ୬ ଜଣଙ୍କ ଠାରୁ ମିଳିଲାଣି ୮୦ ଲକ୍ଷ ଟଙ୍କା, ବିଦେଶୀ ମୁଦ୍ରା

ଲକ୍ଷ୍ନୌ, ୨୭।୬ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ହୁଣ୍ଡି ଟଙ୍କା ଘୋଟାଲାକୁ ନେଇ ବିସ୍ଫୋରକ ତଥ୍ୟ ଆସିବାରେ ଲାଗିଛି। ହୁଣ୍ଡି ଦାନ ଅର୍ଥରୁ ୭ରୁ ସାଢ଼େ ସାତ କୋଟି ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮୦ ଲକ୍ଷ ଟଙ୍କା ଏବଂ ବିଦେଶୀ ମୁଦ୍ରା ଉଦ୍ଧାର ହେଲାଣି। ଏହି ଘୋଟାଲାରେ

### ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ସୁରକ୍ଷା କାହିଁକି?: ବିରୋଧୀ

ମନ୍ଦିରଟ୍ରଷ୍ଟର ୮ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଥିବା ବେଳେ ୬ ଜଣଙ୍କ ଠାରୁ ୮୦ ଲକ୍ଷ ଟଙ୍କା ଜବତ ହୋଇଛି। ଗଣତି କୋଠରୀର ପାଖରେ ଥିବା ୱାସରୁମରେ ଲୁଚାଇ ରଖାଯାଇଥିବା ଅଢ଼େଇ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି। ଏବେ ଯାଞ୍ଚ ଓ ଚଢ଼ଉ ଜାରି ରହିଥିବାରୁ ଆହୁରି ଟଙ୍କା ମିଳିବ ବୋଲି କୁହାଯାଉଛି। ତେବେ ଏହି ଘୋଟାଲାରେ କେବଳ ଛୋଟ ଛୋଟ କର୍ମଚାରୀଙ୍କୁ ଗିରଫ କରାଯାଇ ବଡ଼ ବଡ଼ କର୍ମକର୍ତ୍ତାଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିବା ସହିତ ଟ୍ରଷ୍ଟର ବରିଷ୍ଠ କର୍ମକର୍ତ୍ତାଙ୍କୁ ତଦନ୍ତର ପରିସରଭୁକ୍ତ କରିବା ଲାଗି ଦାବି କରିଛନ୍ତି।

ଘୋଟାଲାର ତଦନ୍ତ କରୁଥିବା ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ଯେତେ ଯାଞ୍ଚ ପ୍ରକ୍ରିୟା ଆଗକୁ ବଢ଼ାଉଛି, ସେଥିରେ ବିସ୍ଫୋରକ ତଥ୍ୟ ମିଳିବାରେ ଲାଗିଛି। ଭକ୍ତମାନେ ଦାନ କରୁଥିବା ଟଙ୍କାକୁ ଗଣିବା ବେଳେ ଏହାକୁ ଲୁଟ୍ କରିବା ଲାଗି ଅଭିଯୁକ୍ତମାନେ ସୁଚିନ୍ତିତ ଢଙ୍ଗରେ ଯୋଜନା ଚଳାଇଥିଲେ। ଦାନ ଅର୍ଥ ଗଣିବା ଲାଗି ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର କୋଠରୀ ରହିଛି। ଏଥିରେ ସିସିଟିଭି ଲଗାଯିବା ସହିତ ସୁରକ୍ଷା ଗାର୍ଡଙ୍କ ଉପସ୍ଥିତିରେ ୧୪ ଜଣ କର୍ମଚାରୀ ଅର୍ଥ ଗଣିବା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଏଥିରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ୧୧ ଜଣ ଏବଂ ଟ୍ରଷ୍ଟର ତିନି ଜଣ କର୍ମଚାରୀ ଅଛନ୍ତି। ଏମାନଙ୍କ ପାଇଁ ସ୍ୱତନ୍ତ୍ର ପୋଷାକ ପିନ୍ଧିବାର ବ୍ୟବସ୍ଥା ରହିଛି, ଯେଉଁଥିରେ କି ପକେଟ୍ ନଥିବ। ଗଣତି କୋଠରୀ ଭିତରକୁ ପ୍ରବେଶ କରିବା ସମୟରେ ଏବଂ ବାହାରିବା ସମୟରେ ଏହି କର୍ମଚାରୀଙ୍କୁ ତନ୍ନ ତନ୍ନ କରି ଗାର୍ଡ ଯାଞ୍ଚ କରିବାର ପ୍ରାବଧାନ ରହିଛି। ପୁଣି ସେଠାରେ ଯେଉଁ ସିସିଟିଭି ଲାଗିଛି ତାହାକୁ ୧୮୦ ଦିନ ପାଇଁ ସୁରକ୍ଷିତ ରଖାଯିବାର ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ଗଣତି ବେଳେ ଏହିସବୁ ଏସ୍‌ଓପି ଆଦୌ ପାଳନ କରାଯାଉ ନଥିଲା ବୋଲି ଏସ୍‌ଆଇଟି ଯାଞ୍ଚ ବେଳେ ଜଣାପଡ଼ିଛି। କର୍ମଚାରୀମାନେ ସ୍ୱତନ୍ତ୍ର ପୋଷାକ ପିନ୍ଧୁ ନଥିଲେ କି ସୁରକ୍ଷା ଗାର୍ଡ ଦ୍ୱାରା ସେମାନଙ୍କର ଯାଞ୍ଚ ମଧ୍ୟ କରାଯାଉନଥିଲା। କେବଳ ଏତିକି ନୁହେଁ, ସିସିଟିଭି ଫୁଟେଜ୍‌କୁ ୧୮୦ ଦିନ ପାଇଁ ସୁରକ୍ଷିତ ରଖିବା ବଦଳରେ ୪୫ ଦିନରେ ଏହାକୁ ନଷ୍ଟ କରାଯାଥିଲା। ଏହାକୁ ନେଇ ତଦନ୍ତକାରୀ ଟିମ୍ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମନ୍ଦିରରେ ୪ଟି ଦାନ ବାକ୍ସ ଥିବା ବେଳେ ଏହାର ଚାବି ରହୁଥିଲା ଟ୍ରଷ୍ଟର ସଂପାଦକ ଚମ୍ପତ ରାୟଙ୍କ ଡ୍ରାଇଭର ତଥା ଅଭିଯୁକ୍ତ ଟିନ୍ନୁ ଯାଦବ ହାତରେ। ଡ୍ରାଇଭର ହାତରେ କାହିଁକି ଚାବି ରଖାଯାଇଥିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ମାମଲାର ଅନ୍ୟତମ ଅଭିଯୁକ୍ତ ସୁଭାଷ ଶ୍ରୀବାସ୍ତବ ଗଣତି କାମରେ ନିୟୋଜିତ ଥିବା ବେଳେ ଟ୍ରଷ୍ଟର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ପରାମର୍ଶରେ ତାକୁ ନିଯୁକ୍ତି ମିଳିଥିଲା। ତେଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଘୋଟାଲାରେ ଟ୍ରଷ୍ଟର ଅନେକ ବରିଷ୍ଠ କର୍ମକର୍ତ୍ତା ମଧ୍ୟ ସାମିଲ ଅଛନ୍ତି।



ସୂଚନାଯୋଗ୍ୟ ଯେ ଦିନକୁ ୭୦ ହଜାରରୁ ୮୦ ହଜାର ଭକ୍ତ ମନ୍ଦିର ଦର୍ଶନ କରନ୍ତି। ଗତବର୍ଷ ମନ୍ଦିର ହୁଣ୍ଡିକୁ ମିଳିଥିଲା ୩୨୭ କୋଟି ଟଙ୍କାର ଦାନ ଅର୍ଥ।

## ବୈଠକରେ ଶୋଇପଡ଼ିଲେ କି ଟ୍ରମ୍ପ?

ୱାଶିଂଟନ, ୨୭ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ସରକାରୀ ବୈଠକ ସମୟରେ ଆଖି ବନ୍ଦ କରି ବସିଥିବାର ଦେଖିବାକୁ ମିଳିଛି, ଯାହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ହ୍ୱାଇଟ୍ ହାଉସର ଓଭାଲ ଅଫିସଠାରେ ଆୟୋଜିତ 'ଧାର୍ମିକ ସ୍ୱାଧୀନତା କମିଶନ' ବୈଠକ ସମୟରେ ଏହି ଘଟଣା ଘଟିଛି। କନଜରଭେଟିଭ୍ ଖ୍ରୀଷ୍ଟିଆନ ସଦସ୍ୟମାନଙ୍କୁ ନେଇ ଗଠିତ ଏହି କମିଶନର ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ବୈଠକରେ ଚର୍ଚ୍ଚ ଏବଂ ରାଷ୍ଟ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ହଟାଇବା ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା ଚାଲିଥିଲା। ତେବେ ଟେକ୍ସାସର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଡ୍ୟାନ୍ ପାଟ୍ରିକ ଗଣମାଧ୍ୟମକୁ ସମ୍ବୋଧିତ କରୁଥିବା ସମୟରେ, ଟ୍ରମ୍ପ କିଛି ସମୟ ପାଇଁ ଆଖି ବନ୍ଦ କରି ଶୋଇପଡ଼ିଥିବା ଭଳି ଭିଡିଓରେ ଦେଖାଯାଇଥିଲା। ପରେ ଅନ୍ୟ ଜଣେ ବକ୍ତା କହିବା ଆରମ୍ଭ କରିବା ପରେ ସେ ଆଖି ଖୋଲି ଚାହିଁଥିଲେ। ଟ୍ରମ୍ପ ବୈଠକରେ ଶୋଇପଡ଼ିବା ନେଇ ଏହା ପ୍ରଥମ ଘଟଣା ନୁହେଁ। ଚଳିତ ବର୍ଷ ଫେବ୍ରୁଆରୀ ମାସରେ 'ବୋର୍ଡ ଅଫ୍ ପିସ୍' ବୈଠକ ସମୟରେ ମଧ୍ୟ ସେ ଶୋଇପଡ଼ିଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା। ସେହିପରି ମେ' ମାସରେ ଘଟିଥିବା ଏକ ସମାନ ଘଟଣାରେ ହ୍ୱାଇଟ୍ ହାଉସ ପକ୍ଷରୁ ସଫେଇ ଦିଆଯାଇଥିଲା ଯେ, ରାଷ୍ଟ୍ରପତି ଶୋଇନଥିଲେ ବରଂ ସେ କେବଳ ଦୀର୍ଘ ସମୟ ଧରି ଆଖି ପିଛାଡୁଥିଲେ। ଏହି ନୂଆ ଭିଡିଓ ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଟ୍ରମ୍ପଙ୍କୁ ଥଟ୍ଟା କରିବା ସହ 'ତାଙ୍କୁ କେହି ଜଣେ ଶୋଇବାରୁ ଉଠାଇ ଦିଅନ୍ତୁ' ବୋଲି ମନ୍ତବ୍ୟ ଦେଇଛନ୍ତି। ଏହି ଘଟଣାକୁ ନେଇ ପ୍ରଶ୍ନ ଉଠିବା ପରେ ହ୍ୱାଇଟ୍ ହାଉସର ମୁଖପାତ୍ର ଡେଭିସ୍ ଇଙ୍ଗଲ୍ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ଟ୍ରମ୍ପ ଆମେରିକା ଇତିହାସର ସବୁଠାରୁ ଅଧିକ ସକ୍ରିୟ ଏବଂ ଶକ୍ତିଶାଳୀ ରାଷ୍ଟ୍ରପତି, ଯିଏ ଦେଶର ସମସ୍ୟା ସମାଧାନ ପାଇଁ ନିରନ୍ତର କାମ କରୁଛନ୍ତି। ଏଥିସହ ସେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ନେଇ କଟାକ୍ଷ ମଧ୍ୟ କରିଛନ୍ତି।



## କାକୁଡ଼ି ଚାଷ ପାଇଁ କେନ୍ଦ୍ର ମନ୍ତ୍ରୀ ନେଇଛନ୍ତି ୯୯ ଲକ୍ଷର ସବ୍‌ସିଡି

ନୂଆଦିଲ୍ଲୀ, ୨୭ ।୬(ଏଜେନ୍ସି): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟର ରାଜ୍ୟମନ୍ତ୍ରୀ ଭାଗୀରଥ ଚୌଧୁରୀ ନିଜ ମନ୍ତ୍ରାଳୟରୁ ପ୍ରାୟ ୯୯.୬ ଲକ୍ଷ ଟଙ୍କାର ସରକାରୀ ସବସିଡି (ରିହାତି) ନେବାକୁ କେନ୍ଦ୍ର କରି ଏକ ବଡ଼ ବିବାଦ ମୁଣ୍ଡଟେକିଛି। ରାଜସ୍ଥାନର ଆଜମେର୍ ଆସନରୁ ସାଂସଦ ଥିବା ଚୌଧୁରୀଙ୍କୁ ନେଇ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ, କାକୁଡ଼ି ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ତାଙ୍କୁ ଏହି ଅର୍ଥ ମିଳିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ବୋର୍ଡ ଏହି ସବସିଡି ମଞ୍ଜୁର କରିଛି, ମନ୍ତ୍ରୀ ଚୌଧୁରୀ ନିଜେ ସେହି ବୋର୍ଡର ଉପ-ସଭାପତି ଅଛନ୍ତି। ଏହି ଘଟଣାକୁ ନେଇ କଂଗ୍ରେସ ଏବଂ ବିରୋଧୀ ଦଳଗୁଡ଼ିକ ବିଜେପିକୁ ଘେରିଛନ୍ତି ଏବଂ ଏହାକୁ ସ୍ୱାର୍ଥ ସଂଘର୍ଷ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ଓ ଭ୍ରଷ୍ଟାଚାରର ଏକ ନୂଆ ମଡେଲ ବୋଲି ଆଖ୍ୟା ଦେଇଛନ୍ତି। କଂଗ୍ରେସ ନେତା ପବନ ଖେଡ଼ା ଏବଂ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଏହାକୁ ସରକାରୀ ପାଣ୍ଠିର ଖୋଲା ଲୁଟ୍ ବୋଲି ସମାଲୋଚନା କରିଛନ୍ତି।

ଅନ୍ୟପଟେ କେନ୍ଦ୍ର ମନ୍ତ୍ରୀ ଭାଗୀରଥ ଚୌଧୁରୀ ଶନିବାର ଦିନ ଏହି ଅଭିଯୋଗ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ ସେ ପିଲାଦିନରୁ ଚାଷ କାର୍ଯ୍ୟ ସହ ଜଡ଼ିତ ଏବଂ ଜଣେ ସାଧାରଣ କୃଷକ ଭାବରେ ୨୦୧୮ ମସିହାରେ (ମନ୍ତ୍ରୀ ହେବା ପୂର୍ବରୁ) ଏହି ସବସିଡି ପାଇଁ ଆବେଦନ କରିଥିଲେ। ସେ ନିଜ ଜମିରେ ପଲିହାଉସ୍ ନିର୍ମାଣ କରିଛନ୍ତି ଏବଂ ସେଠାରେ ସବସିଡି ଓ ଋଣ ସମ୍ପର୍କିତ ସମସ୍ତ ସୂଚନାର ବୋର୍ଡ ଲଗାଇଛନ୍ତି, ତେଣୁ ଏଥିରେ କିଛି ଲୁଚାଇବାର ନାହିଁ। ସୂଚନାଯୋଗ୍ୟ ଯେ, ଏହି ସମାନ ସ୍କିମ୍‌ରେ କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ନରେଶ ପାଲ୍ ଗାଙ୍ଗୱାରଙ୍କ ପରିବାର (ମାଆ, ପତ୍ନୀ ଓ ପୁଅ) ମଧ୍ୟ ୧.୧୬ କୋଟିରୁ ଅଧିକ ଟଙ୍କାର ସବସିଡି ପାଇଥିବା ରିପୋର୍ଟରେ ପ୍ରକାଶ ପାଇଛି।



## ରୁଷ କ୍ଷେପଣାସ୍ତ୍ର କାରଖାନାରେ ୟୁକ୍ରେନର ବୋମାମାଡ଼

କିଭ୍, ୨୭ ।୬(ଏଜେନ୍ସି): ଦୀର୍ଘ ୫ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ୟୁକ୍ରେନ ସେନା ରୁଷକୁ ଏକ ବଡ଼ ଝଟକା ଦେଇଛି। ୟୁକ୍ରେନ ପକ୍ଷରୁ ରୁଷର ଭୋଲଗୋଗ୍ରାଡ୍ ସହରରେ ଥିବା ଏକ ପ୍ରମୁଖ ସାମରିକ ଉଦ୍ୟୋଗ 'ଟାଇଟାନ-ବାରିକାଡି' ଉପରେ ଶକ୍ତିଶାଳୀ ମିସାଇଲ ଆକ୍ରମଣ କରାଯାଇଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସୂଚନା ଅନୁଯାୟୀ, 'ଏଫ୍‌ପି-୫ ଫ୍ଲେମିଙ୍ଗୋ' ମିସାଇଲ ସାହାଯ୍ୟରେ ଏହି କାରଖାନାକୁ ଟାର୍ଗେଟ କରାଯାଇଛି, ଯେଉଁଠାରେ ରୁଷ ତା'ର ଘାତକ 'ଇସ୍କାନ୍ଦର-ଏମ୍' ମିସାଇଲ ସିଷ୍ଟମର ବିଭିନ୍ନ ଯନ୍ତ୍ରାଂଶ ଏବଂ ସାମରିକ ଗାଡ଼ି ନିର୍ମାଣ କରୁଥିଲା। ଏହି ଆକ୍ରମଣରେ ପ୍ରାୟ ୧୦ ଜଣ ଆହତ ହୋଇଥିବା ବେଳେ କାରଖାନାର ବ୍ୟାପକ କ୍ଷତି ଘଟିଛି। ରୁଷକୁ ଆର୍ଥିକ ଓ ସାମରିକ ସ୍ତରରେ ଦୁର୍ବଳ କରିବା ପାଇଁ ୟୁକ୍ରେନ ଏହିଭଳି ଦୂରଗାମୀ ଆକ୍ରମଣକୁ ଜୋରଦାର କରିଛି। ଅନ୍ୟପଟେ, ରୁଷ ମଧ୍ୟ ୟୁକ୍ରେନ ଉପରେ ପାଲଟା ଡ୍ରୋନ ଆକ୍ରମଣ ଜାରି ରଖିଛି। ଗତ ରାତିରେ ୟୁକ୍ରେନର ଉତ୍ତର-ପୂର୍ବ ସୁମି ଅଞ୍ଚଳରେ ରୁଷର ଏକ ଡ୍ରୋନ ଆକ୍ରମଣ ଯୋଗୁଁ ଜଣେ ୬୬ ବର୍ଷୀୟ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ୟୁକ୍ରେନର ଡ୍ରୋନ୍ ଆକ୍ରମଣର ଜବାବ ଦେବାକୁ ଯାଇ ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସେମାନେ ଗୋଟିଏ ରାତିରେ ପ୍ରାୟ ୬୬୦ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଆକାଶରେ ଖସାଇ ଦେଇଛନ୍ତି। ରୁଷକୁ ଯୁଦ୍ଧ ଶେଷ କରିବା ପାଇଁ ବାଧ୍ୟ କରିବାକୁ ରାଷ୍ଟ୍ରପତି ଜେଲେନସ୍କି ଏକ '୪୦ ଦିନିଆ ସାମରିକ ଅଭିଯାନ'ର ନିର୍ଦ୍ଦେଶ ଦେଇଛନ୍ତି, ଯାହାଫଳରେ ଆଗାମୀ ଦିନରେ ଏହି ଆକ୍ରମଣ ଆହୁରି ତୀବ୍ର ହେବାର ଆଶଙ୍କା କରାଯାଉଛି।



## ଟ୍ରମ୍ପଙ୍କୁ ଶୁଣୁନି ଇସ୍ରାଏଲ; ଲେବାନନ୍‌ରେ ଡ୍ରୋନ୍ ଆକ୍ରମଣ



ବେରୁଟ୍, ୨୭ ।୬(ଏଜେନ୍ସି): ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ସୀମା ବିବାଦ ହ୍ରାସ କରିବା ପାଇଁ ଆମେରିକା ମଧ୍ୟସ୍ଥତାରେ ଏକ ସୁରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବାର ମାତ୍ର ଗୋଟିଏ ଦିନ ପରେ ପୁଣି ହିଂସା ଦେଖାଦେଇଛି। ଶନିବାର ଦିନ ଦକ୍ଷିଣ ଲେବାନନର ନବାତିୟା ଅଞ୍ଚଳରେ ଇସ୍ରାଏଲ ପକ୍ଷରୁ ଏକ ଡ୍ରୋନ୍ ଆକ୍ରମଣ କରାଯାଇଥିବା ନେଇ ଲେବାନନର ସରକାରୀ ଗଣମାଧ୍ୟମ ସୂଚନା ଦେଇଛି। ୱାଶିଂଟନରେ ଚାରି ଦିନର ଆଲୋଚନା ପରେ ଶୁକ୍ରବାର ଦିନ ହିଁ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ହୋଇଥିଲା, ଯାହାକୁ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ ଆଞ୍ଚଳିକ ଶାନ୍ତି ଦିଗରେ ଏକ ପ୍ରାଥମିକ ପଦକ୍ଷେପ ବୋଲି କହିଥିଲେ। ତେବେ ଏହି ଆଲୋଚନାରେ ଇରାନ ସମର୍ଥିତ ହିଜବୁଲ୍ଲା ଗୋଷ୍ଠୀ ସାମିଲ ନଥିଲେ। ଜୁନ୍ ୧୭ ରେ ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ବୁଝାମଣା ପରେ ଅସ୍ତ୍ରବିରତି ପାଇଁ ଚେଷ୍ଟା ଚାଲିଥିବା ବେଳେ, ଏହି ତାଜା ଆକ୍ରମଣ ନୂତନ ସୁରକ୍ଷା ଚୁକ୍ତିର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ ଆଞ୍ଚଳିକ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି।

## ଜୋନାଥନ୍‌କୁ ଦେଖିଲେ ମୋଦୀ

**ସେଶେଲ୍ସରେ ବିଶ୍ୱର ସବୁଠାରୁ ବୟସ୍କ ଜୀବ**

ଭିକ୍ଟୋରିଆ, ୨୭ ।୬(ଏଜେନ୍ସି): ସେଶେଲ୍ସ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେଠାକାର ଜାତୀୟ ଉଭିଦ ଉଦ୍ୟାନ ପରିଦର୍ଶନ କରି ବିଶ୍ୱର ସବୁଠାରୁ ବୟସ୍କ ସ୍ଥଳଭାଗ ଜୀବ 'ଜୋନାଥନ' (ଏକ ବିଶାଳକାୟ କଇଁଛ)କୁ ଭେଟିଛନ୍ତି। ଭାରତ ଏବଂ ସେଶେଲ୍ସ ମଧ୍ୟରେ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସେଠାକାର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରଣ କରାଯାଇଛି। ଏହି ଗସ୍ତ ସମୟରେ ମୋଦୀ ଉଦ୍ୟାନରେ ଏକ ବୃକ୍ଷ ରୋପଣ ମଧ୍ୟ କରିଛନ୍ତି। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ ଅନୁଯାୟୀ, ଜୋନାଥନର ବୟସ ପ୍ରାୟ ୧୯୪ ବର୍ଷ ଏବଂ ତାଙ୍କର ଜନ୍ମ ୧୮୩୨ ମସିହାରେ ହୋଇଥିବା ଅନୁମାନ କରାଯାଏ। ବାର୍ଦ୍ଧକ୍ୟ ଜନିତ କାରଣରୁ ତାର ଦୃଷ୍ଟିଶକ୍ତି ଓ ଶୁଙ୍ଘିବା ଶକ୍ତି କମିଯାଇଥିଲେ ସୁଦ୍ଧା ସେ ଏବେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ସେଶେଲ୍ସର ସବୁଠାରୁ ବଡ଼ ଆକର୍ଷଣ ପାଲଟିଛି। ଏହି ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ଆର୍ଥିକ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।



## ୫୯ ବର୍ଷ ଜମି ବିବାଦର ଅନ୍ତ ଘଟାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୭ ।୬(ଏଜେନ୍ସି): ଉତ୍ତରାଖଣ୍ଡର ହରିଦ୍ୱାର ଜିଲ୍ଲାରେ ପ୍ରାୟ ସାତ ଦଶନ୍ଧି ଧରି ଚାଲିଥିବା ଏକ ଜମି ବିବାଦର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ଅନ୍ତ ଘଟାଇଛନ୍ତି। ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ୧୯୫୭ ମସିହାରେ ହୋଇଥିବା ଏକ ଜମି ବିକ୍ରି ଦଲିଲ୍‌କୁ ବୈଧ ଘୋଷଣା କରି ଏହି ଐତିହାସିକ ରାୟ ଶୁଣାଇଛନ୍ତି। ହରିଦ୍ୱାରର ନରସିପୁର କଲାନ୍ ଗାଁରେ ପ୍ରାୟ ୧୫.୫ ବିଘା ଜମିକୁ ନେଇ ଆବେଦନକାରୀ ଶରାଫତ ଅଲୀଙ୍କ ପୂର୍ବପୁରୁଷମାନେ ୧୯୫୭ ଜୁନ୍ ୪ରେ ଏକ ପଞ୍ଜିକୃତ ଦଲିଲ୍ ମାଧ୍ୟମରେ କିଣିଥିଲେ ଏବଂ ସେହି ଦିନଠାରୁ ସେମାନେ ଏହି ଜମିକୁ ନିଜ ଦଖଲରେ ରଖିଥିଲେ। ୧୯୮୪ ରେ ଏହି ଜମି ସେମାନଙ୍କ ନାମରେ ନାମଜାରୀ (ମ୍ୟୁଟେସନ) ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଅନ୍ୟ ସହ-ଅଂଶୀଦାରମାନଙ୍କ ଆପତ୍ତି କାରଣରୁ ମାମଲା ପୁଣି ଖୋଲିଥିଲା। ୧୯୯୯ ରେ ଚକବନ୍ଦୀ ଅଧିକାରୀ ଏବଂ ପରେ ୨୦୧୭ ରେ ହାଇକୋର୍ଟ ଏହି ଦଲିଲ୍‌କୁ ଅବୈଧ ଘୋଷଣା କରି ଆବେଦନକାରୀଙ୍କ ଦାବିକୁ ଖାରଜ କରିଦେଇଥିଲେ। ଏହି କ୍ରମରେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ରଦ୍ଦ କଲେ ସୁପ୍ରିମକୋର୍ଟ। ତଳ କୋର୍ଟ ଏବଂ ହାଇକୋର୍ଟଙ୍କ ରାୟକୁ ସମ୍ପୂର୍ଣ୍ଣ ଭୁଲ୍ ଦର୍ଶାଇ ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ଜମି ବିକ୍ରି ଦଲିଲ୍ ଜାଲ୍ କିମ୍ବା ପ୍ରତାରଣାମୂଳକ ଥିଲା ବୋଲି ବିରୋଧୀ ପକ୍ଷ କେବେ ହେଲେ କୋର୍ଟରେ ଦାବି କରିନାହାନ୍ତି। ସାକ୍ଷୀଙ୍କ ରହୁଥିବା ସ୍ଥାନର ନାମରେ ଥିବା ସାମାନ୍ୟ ତ୍ରୁଟିକୁ ଆଧାର କରି ଏକ ପଞ୍ଜିକୃତ ଆଇନଗତ ଦଲିଲ୍‌କୁ ଅବୈଧ କୁହାଯାଇପାରିବ ନାହିଁ।

## ବିଶ୍ରାରେ ଏକତରଫା ପ୍ରେମର ଭୟଙ୍କର ପରିଣତି

# ପେଟ୍ରୋଲ ଢାଳି ଯୁବତୀଙ୍କୁ ଜାଳି ଦେଲା ପ୍ରେମ ପାଗଳ

■ ୮୦ ପ୍ରତିଶତ ପୋଡ଼ି ଯାଇଛନ୍ତି ଯୁବତୀ
■ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ

ରାଉରକେଲା,୨୭।୬(ସମିସ): ଏକତରଫା ପ୍ରେମର ଭୟଙ୍କର ପରିଣତି ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗାଁରେ। ବିଫଳ ପ୍ରେମିକ ଭଲ ପାଉଥିବା ଯୁବତୀଙ୍କୁ ଶୋଇଥିବା ଅବସ୍ଥାରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଜାଳି ଦେଇଛି। ଏହି ଚାଞ୍ଚଲ୍ୟକର ଘଟଣା ଘଟିଛି ଶୁକ୍ରବାର ବିଳମ୍ବିତ ରାତିରେ। ଯୁବତୀଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବାବେଳେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ସେ ଏବେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଝିଅ ବାପାଙ୍କ ଏତଲା ପରେ ବିଶ୍ରା ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପାଗଳ ପ୍ରେମିକ ଘଟଣା ପରେ ଫେରାର ହୋଇଯାଇଛି।

ସୂଚନା ମୁତାବକ, ରାଉରକେଲା ପୁଲିସ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ ସନ୍ତୋଷପୁର ଗ୍ରାମରେ ଜେନା ଟପ୍ପୋ ନାମକ ଜଣେ ବ୍ୟକ୍ତି ପରିବାର ସହ ବସବାସ କରନ୍ତି। ତାଙ୍କ ଝିଅ ଗ୍ରାଜୁଏସନ ପରେ ବିଶ୍ରା ବ୍ଲକର ଆଧାର କେନ୍ଦ୍ରରେ କାମ କରୁଥିଲେ। ତାଙ୍କ ପଡ଼ୋଶୀରେ ବାସ କରୁଥିବା ସମ୍ପର୍କୀୟ ଭାଇ ରଜତ କିରୋ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିବାବେଳେ ବାରମ୍ବାର ପ୍ରେମ ନିବେଦନ କରିଆସୁଥିଲେ। ମାତ୍ର ଯୁବତୀ ଜଣଙ୍କ ଏହାକୁ ପ୍ରତ୍ୟାଖ୍ୟାନ କରିଆସୁଥିଲେ। ଫଳରେ ନିରାଶ ହୋଇ ପ୍ରେମ ପାଗଳ ଯୁବକ ରଜତ ଶେଷରେ ପ୍ରତିଶୋଧପରାୟଣ ହୋଇ ପଡ଼ିଥିଲା। 'ମୋର ନୁହେଁ ତ କାହାର ନୁହେଁ' ନୀତିରେ ଶନିବାର ରାତି ପ୍ରାୟ ସାଢେ ୧୧ଟା ବେଳେ ଅଭିଯୁକ୍ତ ଯୁବକ ରଜତ ପେଟ୍ରୋଲ ବୋତଲ ଧରି ସମ୍ପୃକ୍ତ ଯୁବତୀଙ୍କ ଘର ନିକଟରେ ପହଞ୍ଚି ଥିଲା। ଯୁବତୀ ଜଣଙ୍କ ଶୋଇଥିବାବେଳେ ଝରକା ବାଟେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ହୁତୁ ହୁତୁ ହୋଇ ବିଛଣା ସହ ଯୁବତୀ ଜଣକ ଜଳୁଥିବାବେଳେ ଘରେ ଥିବା ସମସ୍ତ ଆସବାବପତ୍ରରେ ନିଆଁ ଲାଗି ପାଉଁଶ ହୋଇ ଯାଇଥିଲା। ଝିଅର ଚିତ୍କାର ଶୁଣି ପରିବାର ଲୋକେ ଏବଂ ପଡୋଶୀ ନିଦରୁ ଉଠି ପଡ଼ିଥିଲେ। ପ୍ରଥମେ ମୋଟର ଦ୍ୱାରା ପାଇପରେ ପାଣି ପକାଇ ନିଆଁକୁ ଲିଭାଇ ଝିଅକୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିବାବେଳେ ଝିଅର ଅବସ୍ଥା ଗୁରୁତର ଥିବାରୁ ଡାକ୍ତରମାନେ ତାଙ୍କୁ ବୁର୍ଲା ପଠାଇ ଦେଇଥିଲେ। ବୁର୍ଲାରେ ମଧ୍ୟ ବର୍ଣ୍ଣ ବିଭାଗରେ ବେଡ୍ ନାହିଁ ବୋଲି କହି ସେଠିକାର ଡାକ୍ତରମ ରାଉରକେଲାର ଏକ ଘରୋଇ ଡାକ୍ତରଖାନାକୁ ରେଫର କରି ଦେଇଥିଲେ। ପରିବାର ଲୋକ ପୁନର୍ବାର ଝିଅକୁ ବୁର୍ଲାରୁ ରାଉରକେଲା ଫେରାଇ ଆଣି ଆଜି ଦିନ ସାଢେ ୧୧ଟାରେ ସମ୍ପୃକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରିଛନ୍ତି।

ଏ ବିଷୟରେ ତାଙ୍କ ପରିବାର ଲୋକଙ୍କ କହିବା କଥା ଯେ, ରଜତ ତାଙ୍କ ଝିଅକୁ ବାରମ୍ବାର ହଇରାଣ କରି ଆସୁଥିଲା। ତାକୁ ବି ଏ ନେଇ ବୁଝାସୁଝା କରାଯାଇଥିଲା। ଏହା ସତ୍ତ୍ୱେ ବି ସେ ନ ମାନି ଏପରି କରିଛି। ତାକୁ କଠୋର ଦଣ୍ଡ ଦେବାକୁ ଦାବି କରିବା ସହ ତାଙ୍କର ହୋଇଥିବା କ୍ଷତିର ଭରଣା ପାଇଁ ଦାବି କରାଯାଇଛି।

## କଣ୍ଟେନର ପଛରେ ପିଟିହେଲା ପୁଲିସ ଭ୍ୟାନ୍

# ୨ ଡିଏସ୍‌ପିଙ୍କ ସମେତ ୩ ଗୁରୁତର

ବାଲେଶ୍ୱର/ବାରିପଦା,୨୭।୬(ସମିସ): କଣ୍ଟେନର ପଛରେ ଧକ୍କା ଦେଲା ପୁଲିସ ଭ୍ୟାନ। ଦୁଇ ପୁଲିସ ଅଧିକାରୀଙ୍କୁ ଗୁରୁତର ଆହତ ହୋଇଥିବା ବେଳେ ଡ୍ରାଇଭର ଶୋଚନୀୟ ଅବସ୍ଥାରେ ରେମୁଣା ମେଡ଼ିକାଲ କଲେଜରେ ଭର୍ତ୍ତି ହୋଇଛନ୍ତି। ବାଲେଶ୍ୱର ରେମୁଣା ୧୬ ନମ୍ବର ଜାତୀୟ ରାଜପଥ ନୂଆଗାଁ ଛକ ନିକଟରେ ଭଦ୍ରକରୁ ବାରିପଦା ଯାଉଥିବା ସମୟରେ ନୂଆଗାଁ ଛକ ନିକଟରେ ଏକ କଣ୍ଟେନର ପଛରେ ପୁଲିସ୍ ଭ୍ୟାନ ପିଟି ହୋଇଥିଲା। ଫଳରେ ଏହି ଭୟଙ୍କର ଦୁର୍ଘଟଣାରେ ଭ୍ୟାନ ଭିତରେ ଥିବା ଡ୍ରାଇଭର ଓ ଦୁଇ ପୁଲିସ ଅଧିକାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରେମୁଣା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ବାରିପଦାରେ କାର୍ଯ୍ୟରତ ଏଚଆରପିଏସ ଡ଼ିଏସପି ପାସ୍କେଲ ଏକ୍କା ଓ କ୍ରାଇମ ଡ଼ିଏସପି ନିରୁପମା ମଲ୍ଲିକ ଭଦ୍ରକ ମହରମ ଡିଉଟିରେ ଯାଇଥିବାବେଳେ ଆଜି ବାରିପଦା ଫେରୁଥିବା ସମୟରେ ଅପରାହ୍ଣରେ ତାଙ୍କ ଭ୍ୟାନ ବାଲେଶ୍ୱର ଜିଲ୍ଲା ୧୬ନଂ ଜାତୀୟ ରାଜପଥର ନୂଆଗାଁ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କଣ୍ଟେନର ପଛରେ ଧକ୍କା ହୋଇ ଭ୍ୟାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ସ୍ଥାନୀୟ ଲୋକ ୨ଡ଼ିଏସପିଙ୍କ ସମେତ ଚାଳକ ବାଦଲ ପ୍ରଧାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେମୁଣା ମେଡିକାଲ କଲେଜରେ ଭର୍ତ୍ତି କରିଛନ୍ତି। ବାଲେଶ୍ୱର ଶିଳ୍ପାଞ୍ଚଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଚାଳକ ବାଦଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ବାରିପଦାରୁ ଅତିରିକ୍ତ ଏସ୍‌ପିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ରେମୁଣା ମେଡିକାଲ କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।



## ବିଜେଡିର ପ୍ରଶ୍ନ

# କେବେ ସୁଧୁରିବ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି

## ରାଜ୍ୟରେ ବଢୁଛି ଅପରାଧୀଙ୍କ ଦୌରାତ୍ମ୍ୟ; ପୁଲିସ ଉପରେ ଆସ୍ଥା ହରାଇଲେଣି ସାଧାରଣଜନତା

ଭୁବନେଶ୍ୱର,୨୭।୬(ସମିସ): ଓଡ଼ିଶା ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ବିଜେପି ରାଜ୍ୟର ଶାସନ ଭାର ନେବା ଦିନଠାରୁ ଦୀର୍ଘ ୨ ବର୍ଷ ହେଲାଣି ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। କେବଳ ଆଇନଶୃଙ୍ଖଳା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି । ମହିଳା ବିରୋଧୀ ହିଂସା, ଚାଷୀ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି, ସାରା ରାଜ୍ୟରେ ମାଫିଆରାଜ, ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ଆଦି ଘଟଣାମାନ ଏବେ ରାଜ୍ୟବାସୀଙ୍କୁ ଅଣନିଶ୍ୱାସୀ କରିଦେଉଛି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ବାରମ୍ବାର ଘଟୁଥିବା ହିଂସାତ୍ମକ ଅପରାଧ ଯୋଗୁଁ ରାଜ୍ୟବାସୀଙ୍କ ମନରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି।

ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା କହିଥିଲେ ଯେ ସହଦେବଖୁଣ୍ଟା ଥାନାଠାରୁ ମାତ୍ର ୬୦୦ ମିଟର ଦୂରରେ ଦୁର୍ବୃତ୍ତମାନେ ୮ ରାଉଣ୍ଡ ଗୁଳି ଚଳାଇ ଦିନ ଦ୍ୱିପ୍ରହରରେ ବାଲେଶ୍ୱରର ବ୍ୟବସାୟୀ ଶେଖ ହମିଦଙ୍କୁ ନିର୍ମମ ହତ୍ୟା କରାଯାଇଛି।



### ଅପରାଧୀଙ୍କ ସୁରକ୍ଷାକବଚ ସାଜୁଛନ୍ତି ବିଜେପି ନେତା

ସେହିପରି ପୁରୀରେ ଜଣେ ହୋଟେଲ ମାଲିକଙ୍କୁ ତାଙ୍କ ମ୍ୟାନେଜର ଓ ସହଯୋଗୀମାନେ ହତ୍ୟା କରିଥିଲେ। ପୁରୀରେ ଏଭଳି ଘଟଣା କେବଳ ଜନସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁନାହିଁ, ବରଂ ପର୍ଯ୍ୟଟକ ଓ ସମ୍ଭାବ୍ୟ ନିବେଶକଙ୍କ ନିକଟରେ ଓଡ଼ିଶାର ଭାବମୂର୍ତ୍ତିକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି। ଏ ସମସ୍ତ ଘଟଣା ସ୍ପଷ୍ଟ ହେଉଛି ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା ବେଳେ ପୁଲିସ ବିଭାଗ କୋମାକୁ ଚାଲିଯାଇଛି। ମାଣିଆବନ୍ଧ ଏକ ଶାନ୍ତିପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ଥିଲା ଏବଂ ପୂର୍ବରୁ ଏପରି ଅପରାଧିକ ଘଟଣା କେବେ ଘଟିନଥିଲା । ଶାଢ଼ୀ ପାଇଁ ସାରା ଦେଶରେ ପ୍ରସିଦ୍ଧ ଏହି ଅଞ୍ଚଳ ଆଜି ଏହି ଘଟଣା ପରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ପହଞ୍ଚିଛି ଏବଂ ସ୍ଥାନୀୟ ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ଭାବନା ସୃଷ୍ଟି ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ଜୋନାଲ ସହସଂଯୋଜକ ଏସ୍କେ.ନିଜାମୁଦ୍ଦିନ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ଯେକୌଣସି ସରକାରଙ୍କର ସର୍ବପ୍ରଥମ ଦାୟିତ୍ୱ । ଓଡ଼ିଶାବାସୀ ସୁରକ୍ଷା, ନିରାପତ୍ତା ଓ ନ୍ୟାୟ ପାଇବାର ଅଧିକାରୀ । ସଂଖ୍ୟାଲଘୁ ବର୍ତ୍ତମାନ ରାଜ୍ୟରେ ସୁରକ୍ଷିତ ନାହାନ୍ତି । ବାଲେଶ୍ୱରରେ ବ୍ୟବସାୟୀ ଏସ୍କେ. ହମିଦ୍‌ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ରାଜ୍ୟରେ ଘଟୁଥିବା ସଂଗଠିତ ଅପରାଧକୁ ସରକାର ଯଦି ରୋକିନପାରିବେ ଆଗାମୀ ଦିନରେ ଭୟଙ୍କ ବିରୋଧର ସମ୍ମୁଖୀନ ହେବେ ବୋଲି ସେ ଚେତାଇ ଦେଇଥିଲେ। ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି କହିଥିଲେ ଯେ ଗତ ୨୩ ତାରିଖରେ ରାଜ୍ୟର ଆଇନମନ୍ତ୍ରୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସୁଚାରରୂପେ ପରିଚାଳନା ନିମନ୍ତେ ସମୀକ୍ଷା ବୈଠକ କରି ଗଣମାଧ୍ୟମକୁ କହିଥିଲେ, ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେବା ସହିତ ଭକ୍ତମାନଙ୍କ ସୁରକ୍ଷାରେ କୌଣସି ଅବହେଳା କରାଯିବ ନାହିଁ। କିନ୍ତୁ ପରଦିନ ଅପରାଧୀମାନେ ଆଇନମନ୍ତ୍ରୀଙ୍କ କଥାକୁ ଖାତିର ନକରି ପୁରୀର ଜଣେ ହୋଟେଲ ବ୍ୟବସାୟଙ୍କୁ ନିର୍ମମ ଭାବେ ହତ୍ୟା କରି ଖସିଯିବାରେ ସଫଳ ହେଲେ। ସେହିପରି ବଡମ୍ବାର ମାଣିଆବନ୍ଧ ସରପଞ୍ଚଙ୍କ ସ୍ୱାମୀଙ୍କୁ ସର୍ବସମ୍ମୁଖରେ ତାଙ୍କ ପୁଅଙ୍କ ଉପସ୍ଥିତିରେ ଗୁଳି ମାରି ହତ୍ୟା କରିବାକୁ ଉଦ୍ୟମ କରିଥିବା ଆସାମୀମାନଙ୍କୁ ଧରିବାରେ ଏପର୍ଯ୍ୟନ୍ତ ପୁଲିସ ସକ୍ଷମ ହୋଇନାହିଁ। ରାଜ୍ୟରେ ଏଭଳି ଅପରାଧମାନ କେତେ ଦିନ ଚାଲିବ ବୋଲି ଡ. ମହାନ୍ତି ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

## ଯୁବ ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣାରେ ୪୮ ଘଣ୍ଟା ମହଲତ ଦେଲା ବିଜେଡି

# କାର୍ଯ୍ୟାନୁଷ୍ଠାନ ନହେଲେ ଏସ୍‌ପି ଅଫିସ ଘେରଉ ଚେତାବନୀ

ବାଲେଶ୍ୱର,୨୭।୬ (ସମିସ): ବାଲେଶ୍ୱରର ଯୁବ ବ୍ୟବସାୟୀ ସେକ ହମିଦଙ୍କୁ ଗୁଳିମାଡ଼ ଓ ହତ୍ୟା ଘଟଣାରେ ଶନିବାର ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଏସପିଙ୍କୁ ଭେଟିଛି । ଦିନ ଦ୍ୱି-ପ୍ରହରେ ଛାତିଥରା ଗୁଳିକାଣ୍ଡକୁ ନାପସନ୍ଦ କରିବା ସହ ବାଲେଶ୍ୱରରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ତଥା କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଦାବି କରିଛନ୍ତି । ଯଦି ସମ୍ପୃକ୍ତ

### ଏସ୍‌ପି ଓ ମୃତକଙ୍କ ପରିବାରଙ୍କୁ ଭେଟିଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଘଟଣାରେ ୪୮ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଏସ୍‌ପି ଅଫିସ ଘେରଉ କରିବା ନେଇ ବିଜେଡି ଚେତାବନୀ ଦେଇଛି । ଏଥିସହ ହମିଦଙ୍କ ଗଣେଶ୍ୱରପୁରସ୍ଥିତ ଘର ଓ ଅରଡ଼ବଜାରସ୍ଥିତ ଗୁଳିକାଣ୍ଡ ସ୍ଥଳକୁ ଏହି ସ୍ୱତନ୍ତ୍ର ଟିମ ପରିଦର୍ଶନ କରିବା ସହ ପରିବାରବର୍ଗ ଓ ବ୍ୟବସାୟୀଙ୍କୁ ଭେଟିଛି। ପରେ ସମ୍ପୃକ୍ତ ଟିମ୍ ଅରଡ଼ବଜାରସ୍ଥିତ ଗୁଳିକାଣ୍ଡ ସ୍ଥଳରେ ପହଞ୍ଚି ଘଟଣା ବିଷୟରେ ଲୋକଙ୍କଠୁ ବୁଝାବୁଝି କରିଛନ୍ତି ।

ଗତ ଗୁରୁବାର ଦିବାଲୋକରେ ଗୁଳିମାଡ଼ କରି ହମିଦଙ୍କୁ ହତ୍ୟା କରାଯାଇଛି। ଘଟଣାକୁ ନେଇ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶନିବାର ସକାଳେ ପ୍ରଥମେ ରେମୁଣା ଗୋଲେଇ ଓ ପରେ



ହମିଦଙ୍କ ଗଣେଶ୍ୱରପୁର ସ୍ଥିତ ଘରେ ପହଞ୍ଚି ଘଟଣାକୁ ଗ୍ରାଉଣ୍ଡରୁ ତଦାରଖ କରିଛି । ହମିଦଙ୍କ ସ୍ତ୍ରୀ, ପୁଅ ଓ ପରିବାର ପ୍ରିୟଜନଙ୍କୁ ଭେଟିବା ସହ ଘଟଣା ବାବଦରେ ଆଲୋଚନା କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଏ ନେଇ ପୁଲିସ ତାଙ୍କ ଘରେ ପହଞ୍ଚିନଥିବା ପରିବାର ବର୍ଗ କହିବା ସହ ହମିଦଙ୍କ ପତ୍ନୀ କାନ୍ଦି କାନ୍ଦି ହାତ ଯୋଡି ନ୍ୟାୟ ଭିକ୍ଷା କରିଛନ୍ତି । ପରେ ଟିମ୍‌ର ସଂଯୋଜକ ତଥା ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଟିମ୍‌ର ସଦସ୍ୟଙ୍କ ମଧ୍ୟରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବରିଷ୍ଠ ସାଧାରଣ ସମ୍ପାଦିକା ତଥା ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ ଏବଂ ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ ପ୍ରମୁଖ ବାଲେଶ୍ୱର ପୁଲିସ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ଅବଗତ କରାଇ ସମ୍ପୃକ୍ତ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରଛନ୍ତି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଯଦି ଏହା ନହୁଏ, ତେବେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ହିସାବରେ ଲୋକଙ୍କ ହିତକୁ ଗୁରୁତ୍ୱ ଦେଇ ବିଜେଡି ଏସ୍‌ପି ଅଫିସ ଘେରଉ କରିବ ବୋଲି ଟିମ୍ ଚେତାବନୀ ଦେଇଛି । ଏହି ପରିପ୍ରେକ୍ଷୀରେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ଦାସ, ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୌର ଉପାଧକ୍ଷ କୈଳାଶ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ରେମୁଣା ଏନଏସି ଚେୟାରମ୍ୟାନ ତନୁଜା ଗିରି, ଉପାଧକ୍ଷ ଏହେସାନ ଖାନ, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସଞ୍ଜୟ ବେହେରା, ଅଶୋକ ଆଦ୍ୟ, ଅଶୋକ ଦାସ, ଧନଞ୍ଜୟ ଜେନା, ଯୁବ ନେତା ଭରତ ଭୂଷଣ ଦାସ ଓ ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ ପ୍ରଧାନ ପ୍ରମୁଖ ଏସ୍‌ପି ଅଫିସରେ ଉପସ୍ଥିତ ରହି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।

## ■ ମୋରଡ଼ା ଥାନା ଅଧିକାରୀଙ୍କ ଧମକରେ ନାବାଳିକା ଅଚେତ ପ୍ରସଙ୍ଗ

# ମୟୂରଭଞ୍ଜ ଏସ୍‌ପିଙ୍କୁ ରିପୋର୍ଟ ତଲବ କଲେ ମାନବିକ ଅଧିକାର ଆୟୋଗ

ବାରିପଦା, ୨୭।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନାକୁ ନ୍ୟାୟ ମାଗିବାକୁ ଯାଇ ଥାନା ଅଧିକାରୀଙ୍କ ନାଲି ଆଖି ଓ ଧମକ ପରେ ଜଣେ ନାବାଳିକା ୪ଘଣ୍ଟା ଅଚେତ ହେବା ଘଟଣାରେ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଡ଼ିଶା ହ୍ୟୁମାନ ରାଇଟ୍ସ କମିଶନ) ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆଗାମୀ ସେପ୍ଟେମ୍ବର ୨୫ ତାରିଖରେ କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି।

ସୂଚନା ମୁତାବକ, ଜଣେ ଯୁବକଙ୍କ ଦ୍ୱାରା ବାରମ୍ବାର ଅଭଦ୍ରୋଚିତ ତଥା ଅଶାଳୀନ ବ୍ୟବହାରରେ ଅତିଷ୍ଠ ହୋଇ ଗତ ମେ' ମାସ ୧୬ ତାରିଖ ଶନିବାର ଦିନ ୧୫ ବର୍ଷୀୟା ଜଣେ ନାବାଳିକା ମୋରଡା ଥାନାକୁ ନ୍ୟାୟ ପାଇଁ ଯାଇଥିଲେ। ମାତ୍ର ସେ ନ୍ୟାୟ ପାଇବା ପରିବର୍ତ୍ତେ ଥାନା ଅଧିକାରୀ ସୁମିତ ସୋରେନଙ୍କ ନାଲି ଆଖି ଓ ୭ ବର୍ଷ କାରାଦଣ୍ଡ ଭଳି ଧମକର ସାମ୍ନା କରିଥିଲେ। ଫଳରେ ନାବାଳିକା ଜଣକ ଅତି ମାତ୍ରାରେ ଭୟଭୀତ ହୋଇ ଦୀର୍ଘ ୪ ଘଣ୍ଟା ଧରି ଚେତାଶୂନ୍ୟ ଅବସ୍ଥାକୁ ଯାଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏହି ସମ୍ବେଦନଶୀଳ ଖବର "ସକାଳ"ରେ ପ୍ରକାଶିତ ହେବା ପରେ ମାନବିକ ଅଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ ଓଡ଼ିଶା ମାନବିକ ଅଧିକାର ଆୟୋଗଙ୍କଠାରେ ଏକ ମାମଲା ରୁଜୁ କରିଥିଲେ। ଶ୍ରୀ ଦାସ ଦର୍ଶାଇଥିଲେ ଯେ, ଜଣେ ନାବାଳିକା ପୀଡ଼ିତାଙ୍କୁ ଥାନାରେ ନିର୍ଯାତନା ପ୍ରସଙ୍ଗ ମାନବିକ ଅଧିକାର ଉଲ୍ଲଂଘନ ହୋଇଥିବାରୁ ସରକାର ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହିତ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅନୁରୋଧ କରିଥିଲେ। ଏହି ମାମଲାରେ ଓଡ଼ିଶା ମାନବିକ ଅଧିକାର ଆୟୋଗଙ୍କ ହସ୍ତକ୍ଷେପ ଲୋଡି ଶ୍ରୀ ଦାସ ଆୟୋଗଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରାଇ ଥାନା ଅଧିକାରୀଙ୍କ ବିରୋଧରେ

### ସେପ୍ଟେମ୍ବର ୨୫ରେ ପରବର୍ତ୍ତୀ ଶୁଣାଣି

ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ଦେବା ଆବଶ୍ୟକ ବୋଲି ଦର୍ଶାଇଥିଲେ। ଦାଖଲ ହୋଇଥିବା କେସ ନଂ୧୮୭୭ ଆଧାରରେ ଓଡ଼ିଶା ମାନବିକ ଅଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ଏସ ପୂଜାରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ରିପୋର୍ଟ ମାଗିବା ସହ ପରବର୍ତ୍ତୀ ଶୁଣାଣି ଆଗାମୀ ସେପ୍ଟେମ୍ବର ୨୫ରେ ହେବ ବୋଲି ରାୟ ଦେଇଛନ୍ତି। ଘଟଣା ଘଟିବା ପରେ ପୀଡ଼ିତା ପରିବାର ଏସପି, ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନ୍ୟାୟ ଚାହିଁଥିବାବେଳେ ରାଷ୍ଟ୍ରପତିଙ୍କୁ ନିବେଦନ କରିଥିଲେ ହେଁ ଅଭିଯୁକ୍ତ ଥାନା ଅଧିକାରୀ ବର୍ତ୍ତମାନ ସୁଦ୍ଧା ଉପରିସ୍ଥ ଅଧିକାରୀଙ୍କ ସୁରକ୍ଷାରେ ନିଜ ଥାନାରେ କାର୍ଯ୍ୟ ତୁଲାଉଛନ୍ତି।

## ■ ଚୁକ୍ତିଭିତ୍ତିକ ପ୍ରୋଗ୍ରାମ ମ୍ୟାନେଜରଙ୍କୁ ମିଳିଲା ନ୍ୟାୟ

# ୪ ମାସରେ ଚାକିରି ନିୟମିତ କର: ହାଇକୋର୍ଟ

କଟକ,୨୭।୬(ସମିସ): ରାଜ୍ୟର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ)ରେ ନିଯୁକ୍ତ ହୋଇ ପରବର୍ତ୍ତୀ ସମୟରେ ଜିଲ୍ଲା ପରିଷଦଗୁଡିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ହାଇକୋର୍ଟରୁ ମିଳିଛି ନ୍ୟାୟ। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଏହି ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସେବାକୁ ସ୍ଥାୟୀ ବା ନିୟମିତ ନ କରି ସେମାନଙ୍କୁ ସମାନ କାର୍ଯ୍ୟ ପାଇଁ ସ୍ଥାୟୀ ସୁରକ୍ଷା ନ ଦେବା ଏକପ୍ରକାର ଶୋଷଣ ବୋଲି ଅଦାଲତ କହିଛନ୍ତି। ହିମାଂଶୁ ଭୂଷଣ ମହାରଣା ଓ ଅନ୍ୟମାନଙ୍କ ଦ୍ୱାରା ଦାୟର ଏକ ମାମଲାର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଆସନ୍ତା ୪ ମାସରେ ଆବେଦନକାରୀଙ୍କ ଚାକିରି ନିୟମିତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଆରଡିଏଗୁଡ଼ିକ ସୋସାଇଟି ହୋଇଥିଲେ ମଧ୍ୟ, ୨୦୨୨ରେ ସେଗୁଡ଼ିକର ଜିଲ୍ଲା ପରିଷଦ ସହ ସମ୍ପୂର୍ଣ୍ଣ ମିଶ୍ରଣ ସରିଛି। ସମ୍ବିଧାନର ଧାରା ୧୨ ଅନୁଯାୟୀ ଜିଲ୍ଲା ପରିଷଦ ସ୍ଥାନୀୟ କର୍ତ୍ତୃପକ୍ଷ ଭାବେ ପରିସରଭୁକ୍ତ। ତେଣୁ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ସେମାନଙ୍କର ପ୍ରାପ୍ୟ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୧୦ ମସିହାରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଅଧୀନରେ ଥିବା ବିଭିନ୍ନ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ଆବେଦନକାରୀମାନେ ସହକାରୀ ପ୍ରୋଜେକ୍ଟ ଡାଇରେକ୍ଟର (ଏପିଡି) ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ଏହି ପଦକୁ ପ୍ରୋଗ୍ରାମ ମ୍ୟାନେଜର ଭାବେ ନାମିତ କରାଯାଇଥିଲା। ୨୦୨୨ରେ ସରକାର ଡିଆରଡିଏଗୁଡ଼ିକୁ ଜିଲ୍ଲା ପରିଷଦ ସହ ମିଶ୍ରଣ କରିଦେଇଥିଲେ ଏବଂ ଏହି କର୍ମଚାରୀମାନେ ସେଠାରେ କାର୍ଯ୍ୟ ଜାରି ରଖିଥିଲେ। ଦୀର୍ଘ ୬ ବର୍ଷରୁ ଅଧିକ (ପ୍ରାୟ ଏକ ଦଶନ୍ଧି) ସେବା ସମ୍ପୂର୍ଣ୍ଣ କରିସାରିଥିବାରୁ, ସରକାରଙ୍କ ୨୦୧୩ ଓ ୨୦୧୪ର ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମାବଳୀ ଅନୁଯାୟୀ ଚାକିରି ନିୟମିତ କରିବା ସହ ନିୟମିତ ଦରମା ପ୍ରଦାନ ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାର ଏହି ନିୟମିତକରଣକୁ ବିରୋଧ କରି ଯୁକ୍ତି ଦର୍ଶାଇଥିଲେ ଯେ ଡିଆରଡିଏଗୁଡ଼ିକ ସୋସାଇଟି ଆକ୍ଟ ଅଧୀନରେ ପଞ୍ଜୀକୃତ ଥିଲେ, ତେଣୁ ସରକାରୀ ନିୟମ ସେମାନଙ୍କ ପାଇଁ ଲାଗୁ ହେବ ନାହିଁ ଓ ଆବେଦନକାରୀମାନେ କୌଣସି ନିୟମିତ ପ୍ରତିଯୋଗିତାମୂଳକ ସରକାରୀ ପରୀକ୍ଷା ମାଧ୍ୟମରେ ଆସିନାହାନ୍ତି। ସରକାରଙ୍କ ଅନୁମୋଦନକ୍ରମେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ମାଧ୍ୟମରେ ମେଧା ଆଧାରରେ ଏହି ନିଯୁକ୍ତି ହୋଇଥିଲା। ଏହାକୁ ସର୍ବାଧିକ ଅନିୟମିତ କୁହାଯାଇପାରେ, କିନ୍ତୁ କୌଣସି ପରିସ୍ଥିତିରେ 'ବେଆଇନ' କୁହାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

## କାରଖାନାରେ ଗ୍ୟାସ୍ ଲିକ୍ ଦୁର୍ଘଟଣା

# ତାମିଲନାଡୁରୁ କେନ୍ଦୁଝର ଫେରିଲେ ୫୮ ଶ୍ରମିକ

କେନ୍ଦୁଝର/ତେଲକୋଇ,୨୭।୬(ସମିସ): ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୧ ଜଣ ନିରୀହ ଶ୍ରମିକଙ୍କ ଜୀବନ ଯାଇଛି। ଏହି ଘଟଣାରେ ଏବେବି ଆଉ ଦୁଇଜଣ ଗୁରୁତର ଥିବା ସୂଚନା ରହିଛି। ଏଭଳି ସ୍ଥିତିରେ ସେଠାରେ କାମ କରୁଥିବା ଆଉ ୫୮ ଜଣଙ୍କୁ ପ୍ରଶାସନ ଆଜି ଫେରାଇ ଆଣିବାରେ ସଫଳ ହୋଇଥିବା ଜଣାପଡ଼ିଛି। ତାମିଲନାଡୁ ରାଜ୍ୟର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଯାଇ ୭୦ ଅଧିକ କାମ କରୁଥିଲେ। କାମ କରୁଥିବା ସମୟରେ କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ସେମାନଙ୍କ ମଧ୍ୟରୁ ପ୍ରଥମେ ମୃତ ୫ ଜଣଙ୍କ ମଧ୍ୟରେ ସଦର ଥାନା ଅନ୍ତର୍ଗତ କୋଡିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଦୁବନାଳୀଟାଙ୍ଗିରୀ ଗ୍ରାମର ଶିବାନୀ ଜୁଆଙ୍ଗ, ତେଲକୋଇ ଥାନା ଦୁବନାଳୀ ଟାଙ୍ଗିରୀ ଗ୍ରାମର ଗୀତା ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଗୁମନୀ ଜୁଆଙ୍ଗ ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ ମୃତ୍ୟୁ ବରଣ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପୁଣି କେନ୍ଦୁଝର ଟାଉନ ଥାନା କୋଡିପଶା ଗ୍ରାମର ସୂଜନୀ ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଯାମିନୀ ଜୁଆଙ୍ଗ ପ୍ରମୁଖଙ୍କର ମୃତ୍ୟୁ ହୋଇଥିଲା। ପୁଣି ଚିକିତ୍ସାଧୀନ ଅବସ୍ଥାରେ ହରିଚନ୍ଦନପୁର ବ୍ଲକ କନ୍ତଲା ବାଲିସାହିର ସୁବାଶୀ ଯୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସେହିପରି ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତେଲକୋଇ ଥାନା ଟାଙ୍ଗୀରି ଗାଁର ରୀତା ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିବାବେଳେ ପରେ ଦୁଇଜଣ ତେଲକୋଇ ଥାନା ପିତାନାଳୀ ଗାଁର ସୁମିତ୍ରା ଜୁଆଙ୍ଗ ଏବଂ ଗୋନାସୀକା ନିକଟସ୍ଥ ଗୋଳିଆବନ୍ଧ

### ଶବ ହୋଇ ଫେରିଥିଲେ ୧୧, ଏବେ ବି ୨ ଗୁରୁତର

ରାଇଡିହାର ଦୀପାଞ୍ଜଳି ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜିଲ୍ଲା ଶ୍ରମ ଅଧିକାରୀ ସୂଚନା ଦେଇଥିଲେ।

ଇତିମଧ୍ୟରେ ଘରକୁ ଫେରିଥିବା ଲୋକମାନଙ୍କ ମଧ୍ୟରେ ଜିଲ୍ଲାର ବାଂଶପାଳ ବ୍ଲକ ତଳଚମ୍ପେଇ ଗ୍ରାମର ୧ ଜଣ, କୋଡିପସାର ୧୪ ଜଣ, ବରାହଗଡର ୬ ଜଣ, ଗୋନାସୀକାର ୬ ଜଣ, କାଞ୍ଚିପାଣିର ୧ ଜଣ, ଖୁଡିପଶାର ୧ ଜଣ, କୋଡିପଶାର ୨ ଜଣ, ଥିବାବେଳେ ହରିଚନ୍ଦନପୁର ବ୍ଲକର ସୁନାପେଣ୍ଠର ୩ ଜଣ, ବାରେଇଗଡା, ଗୁଡାକମଣ, ହୁଣ୍ଡା, ମୌନଗୋଡ଼ା, ପୀଠଗଡା, ପିଠାଗୋଳା, ଟେଣ୍ଡଲାପଶି ଗ୍ରାମର ଜଣେ ଲେଖାଏଁ, ତେଲକୋଇ ବ୍ଲକର ତାଳପଦାରୁ ୧୧ ଜଣ, ବିମଳାରୁ ଜଣେ, ଓରିଆରୁ ଜଣେ, ଶିବନାରାୟଣପୁରଗୋଡ଼ାରୁ ଜଣେ, ତାଳଦାରୁ ଜଣେ ଏବଂ ଘଟଗାଁ ବ୍ଲକର ପାଣ୍ଡପଡାରୁ ୨ ଜଣ ଫେରି ଆସିଥିବା ଜିଲ୍ଲା ଶ୍ରମ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ସୂଚନା ଅନୁସାରେ ଏମାନେ ସମସ୍ତେ ପ୍ରାୟ ମହିଳା ହୋଇଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବୋଲି ସୂଚନା ମିଳୁଛି। ଏତେ ସଂଖ୍ୟାରେ ମହିଳା ପ୍ରଶାସନର ଅଗୋଚରରେ କିପରି ବାହାରକୁ ଦାଦନ ଖଟିବାକୁ ଗଲେ ତାହା ତଦନ୍ତସାପେକ୍ଷ ହୋଇଛି। ବାଂଶପାଳ, ହରିଚନ୍ଦନପୁର, ତେଲକୋଇ, ଘଟଗାଁ ଏବଂ ସଦର ବ୍ଲକ ଦାୟିତ୍ୱରେ ଥିବା ଶ୍ରମ ନିରୀକ୍ଷକ ଏହାକୁ ଜାଣି ପାରିଲେ ନାହିଁ କିପରି? ତାହା ବଡ଼ ପ୍ରଶ୍ନ ହୋଇ ରହିଛି। ଏହି ଅଧିକାରୀଙ୍କର ଅବହେଳା ପାଇଁ ତାମିଲନାଡୁର ତିରୁଭଲୁର ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ କାରଖାନରେ ଆମୋନିଆ ଗ୍ୟାସ ଲିକ ଦୁର୍ଘଟଣା ଫଳରେ ୧୧ ଜଣ ମହିଳାଙ୍କ ଅକାଳରେ ଜୀବନ ଯାଇସାରିଲାଣି। ସେମାନଙ୍କର ପରିବାରର ଏଭଳି କ୍ଷତି ଭରଣା ଅସମ୍ଭବ ଥିବାବେଳେ ଦୋଷୀ ଅଧିକାରୀଙ୍କ ବିରୋଧରେ ସରକାର ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି ଦେଖିବାକୁ ରହିଲା।

# ବିୟର ବୋତଲରେ ଯୁବକଙ୍କ ତଣ୍ଟି କାଟି ହତ୍ୟା

ଶଗଡା/ମନମୁଣ୍ଡା,୨୭।୬(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଡିଗି ଗ୍ରାମର ଗୁଲୁ ଫାଷ୍ଟଫୁଡ୍ ଦୋକାନ ପାଖ ମୁହାଣ (ନାଳ) ନିକଟରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ଜଣକ ହେଲେ ରକ୍ଷିବନ୍ଧ ଗ୍ରାମର କପିଳ ନାୟକ (୩୦)। କାଠ ଫାଳିଆରେ ମାଡ଼ ମାରି ବିଅର ବୋତଲରେ ତଣ୍ଟି କାଟିବା ପରେ ପଥରରେ ତାଙ୍କ ମୁଣ୍ଡ ଛେଚି ଅତି ଅମାନୁଷିକ ଭାବେ ହତ୍ୟା କରାଯାଇଛି। ପୁଲିସ ଶବ ଜବତ କରି ମନମୁଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। କପିଳଙ୍କ ବାପା ରମେଶ ନାଏକଙ୍କ ଅଭିଯୋଗ ଆଧାରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା। ସକାଳୁ ଲୋକେ ମୃତଦେହ ଦେଖି ପରିବାର ଲୋକ ଓ ମନମୁଣ୍ଡା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଚିହ୍ନଟ କରି ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ତାଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହା ସ୍ପଷ୍ଟ ହୋଇନାହିଁ। ଏହି ଘଟଣା ଏବେ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। କପିଳ ଟ୍ରାକ୍ଟର ଚଳାନ୍ତି। ସେ ବାକି ଟଙ୍କା ମାଗିବାକୁ ସନ୍ଧ୍ୟାରେ ମାଲିକଙ୍କ ଘରକୁ ଯାଇଥିଲେ। ଫେରିବା ବେଳକୁ ଫାଷ୍ଟଫୁଡ ସେଣ୍ଟର ନିକଟରେ କିଛି ସାଙ୍ଗଙ୍କ ସହ ବଚସା ହୋଇ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି।

ସକାଳ
THE SAKALA



## ବନ୍ଧା ସରିଥିଲା କୋକେଇ

# ଶ୍ମଶାନ ପରିବର୍ତ୍ତେ ମେଡିକାଲ ଫେରିଲା ନାବାଳକର ମୃତଦେହ

ନୀଳଗିରି, ୨୭।୬ (ସମିସ)

ଶ୍ମଶାନକୁ ଯିବାପାଇଁ କୋକେଇ ବନ୍ଧା ସରିଥିଲା ସାଇ, ଭାଇ, କୁଟୁମ୍ବ ସଜବାଜ ହୋଇ ସାରିଥିଲେ କିନ୍ତୁ ଶେଷ ମୁହୂର୍ତ୍ତରେ ଶ୍ମଶାନ ପରିବର୍ତ୍ତେ ପୁଣିଥରେ ମେଡିକାଲକୁ ଫେରିଲା ନାବାଳକର ମୃତଦେହ। ଏଭଳି ଘଟଣା ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ମହିସାପଟା ପଞ୍ଚାୟତ ପାଟଣା ଗ୍ରାମରେ। ପୁଅ ମୃତ୍ୟୁର କାରଣ ଜାଣିବା ପାଇଁ ଶ୍ମଶାନରୁ ଫେରାଇ ଆଣି ନୀଳଗିରି ଡାକ୍ତରଖାନା ରେ ପହଞ୍ଚିଥିଲେ ପରିବାର ଲୋକେ ଓ ବାପା।

ପାଟଣା ଗ୍ରାମର କିଶୋର ରଣାଙ୍କ ୧୪ ବର୍ଷୀୟ ପୁଅ ଆଦିତ୍ୟ ରଣାଙ୍କ ଶୁକ୍ରବାର ସକାଳ ୯ଘଟିକା ୩୦ମିନିଟ୍ ସମୟରେ ପାଟିରୁ ଗରଳ ବାହାରୁଥିବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଆସି ଆଡମିଶନ କରିଥିଲେ। ଅପରାହ୍ନ ୪ଘଟିକା ୩୦ ମିନିଟ୍ ରେ ଆଦିତ୍ୟଙ୍କ ମୃତ୍ୟୁ ହେବା ନେଇ ଡାକ୍ତର ସୂଚନା ଦେବା ସହ ଡିସଚାର୍ଜ କରିଦେଇଥିଲେ। ବାପା କିଶୋର ଗରିବ ପରିବାର ଲୋକ, ସେ କିଛି ବୁଝି ନପାରି ଶବକୁ ଧରି ନିଜ ଘରକୁ ଫେରିଥିଲେ। ଅନ୍ତିମ ସଂସ୍କାର କରିବା ପାଇଁ କୋକେଇ



ବନ୍ଧା ସରିଥିଲା, ପରେ ପଡ଼ୋଶୀମାନେ ପୁଅ ମୃତ୍ୟୁର କାରଣ ପଚାରିଥିଲେ ବାପା କିଶୋର କିଛି କହି ପାରିନଥିଲେ। ଡାକ୍ତରଖାନାରୁ ମିଳିଥିବା କାଗଜ ପତ୍ରରେ ପୁଅ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିଲା। ଏହି ଘଟଣା ମେଡିକାଲ କର୍ତ୍ତୃପକ୍ଷଙ୍କ ଅସାବଧାନତା ଯୋଗୁଁ ଏହା କରାଯାଇଥିବା ଅଭିଯୋଗ କରିଥିଲେ ପରିବାର ଲୋକେ। ଶେଷରେ ପୁଅର ମୃତ୍ୟୁ କେମିତି ହେଲା ଜାଣିବା ପାଇଁ ପଡ଼ୋଶୀଙ୍କ ପରାମର୍ଶ କ୍ରମେ ବାପା ଶବକୁ ଧରି ରାତ୍ରି ୯ ଘଟିକା ସମୟରେ ନୀଳଗିରି ମେଡିକାଲକୁ ଆଣିଥିଲେ। ଏ ନେଇ ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହ ଶବ ନୀଳଗିରି ଥାନା ପକ୍ଷରୁ ଅପମୃତ୍ୟୁ ମାମଲା ନଂ ୩୮/୦୬ ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ପୁନଃ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ମଧ୍ୟାହ୍ନ ୧ଘଟିକା ୩୦ମିନିଟ ପର୍ଯ୍ୟନ୍ତ ନୀଳଗିରି ହସପିଟାଲ ପରିସରରେ ଶବ ରହିଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷ ଶବ ବ୍ୟବଚ୍ଛେଦ କରିନଥିଲେ। ପରେ ମେଡିକାଲ ପରିସରରେ କିଛି ସମୟ ପାଇଁ ଉତ୍ତେଜନା ଲାଗିରହିଥିବା ବେଳେ ଶେଷରେ ନୀଳଗିରି ମେଡିକାଲ କର୍ତ୍ତୃପକ୍ଷ ଶବକୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଶବ ବ୍ୟବଚ୍ଛେଦ କରାଯାଇଛି।

## ବାଖୁଡ଼ୀପଦାରୁ ଖୁଆଡ଼ ରାସ୍ତାର ହେଲା ସଂଯୋଗୀକରଣ

ଜଳେଶ୍ୱର ବ୍ଲକ, ୨୭।୬ (ସମିସ) : ଜଳେଶ୍ୱର ନିର୍ବାଚନୀମଣ୍ଡଳୀର ବରଡ଼ିହା ଗ୍ରାମ ପଞ୍ଚାୟତ ବାଖୁଡ଼ୀପଦା ଗାଁ ସମେତ ଆଖ ପାଖ ଗ୍ରାମର ପାଞ୍ଚ ହଜାର ଲୋକ ଖୁଆଡ଼ ଗ୍ରାମ ଉପରେ ନିର୍ଭରଶୀଳ। ପିଲାମାନଙ୍କର ସ୍କୁଲ ସାଙ୍ଗକୁ ହସ୍ପିଟାଲ, ମନ୍ଦିର, ବଜାର, ହାଟ ,ବ୍ୟାଙ୍କ, ପୋଷ୍ଟ ଅଫିସଠାରୁ ଆରମ୍ଭ କରି ଅନ୍ୟ ସମସ୍ତ କାର୍ଯ୍ୟ ପାଇଁ ଖୁଆଡ଼ ବଜାର ଉପରେ ନିର୍ଭରଶୀଳ, ବର୍ଷା ଋତୁରେ ପିଲାମାନେ କାଦୁଅ ବିଲ ହିଡରେ ପଡ଼ି କାଦ ସରସର ହୋଇ ସ୍କୁଲ ଆସିବାକୁ ପଡି ଥାଏ। ଅପର ପକ୍ଷରେ ବାଖୁଡ଼ୀପଦାଠାରୁ ଖୁଆଡ଼ ୧ କିଲୋମିଟର ବିଲ ରାସ୍ତା



ପରିବର୍ତ୍ତେ ୫ କିଲୋମିଟର ରାସ୍ତା ପାର ହୋଇ ଆସିବାକୁ ପଡ଼େ ଯାହାକୁ ନେଇ ବାଖୁଡ଼ୀପଦା, ଦୁଧିଆଶୋଳ,ରଙ୍ଗାମାଠିଆ, କ୍ଷୀରକୁଳସାହି, ନୁହାପଡ଼ା, ସମେତ ଅନେକ ଗାଁର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏ ନେଇ ବାଖୁଡ଼ୀପଦାର କିଛି ଉଦୀୟମାନ ଯୁବଗୋଷ୍ଠୀଙ୍କ ପ୍ରଚେଷ୍ଟା ଏବଂ ରାସ୍ତା ନିର୍ମାଣ ପାଇଁ ଜମି ଦାନ ଦେଉଥିବା ଜମି ମାଲିକଙ୍କ ମହାନତା ପାଇଁ ଏକ ସ୍ଥାୟୀ ରାସ୍ତା ନିର୍ମାଣ ଚାଲିଛି ଯାହାକି ଦୀର୍ଘ ଦସନ୍ଧିର ସପ୍ନ ସାକାର ହେବାକୁ ଯାଉଛି ଯାହାକୁ ନେଇ ବିଶେଷ ଭାବେ ବାଖୁଡ଼ୀପଦା ଗାଁ ବାସୀ ରାସ୍ତା ପାଇଁ ସହଯୋଗ କରିଥିବା ଜମି ମାଲିକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହତ କୃତଜ୍ଞତା ଜ୍ଞାପନ କରିଥିଲେ।

## ଜଳେଶ୍ୱର ରଥଯାତ୍ରା ପ୍ରସ୍ତୁତି ବୈଠକ



ଜଳେଶ୍ୱର, ୨୭।୬ (ସମିସ): ଜଳେଶ୍ୱର ବଡ ବଜାରସ୍ଥିତ ଜଗନ୍ନାଥ ମନ୍ଦିରର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ନାନ ପୂର୍ଣ୍ଣିମା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପ୍ରତିଦିନର ରତିନୀତି ସହିତ ରଥଯାତ୍ରା ଓ ବାହୁଡା ଯାତ୍ରା ବିଷୟରେ ଆଲୋଚନା କରାଯାଇ ସମୟ ନିର୍ଘଣ୍ଟ କରାଯାଇଥିଲା। ସୁଚାରୁରୂପେ ଓ ଶାନ୍ତି ଶୃଙ୍ଖଳା ସହିତ କିପରି ରଥଯାତ୍ରା ସମ୍ପନ୍ନ ହେବ ସେଥିପାଇଁ ଟ୍ରାଫିକ ବ୍ୟବସ୍ଥା, ବିଦ୍ୟୁତ୍ ବିଭାଗ ପକ୍ଷରୁ ଆଲୋକୀକରଣ ସହିତ ସୁରକ୍ଷା ଓ ସନ୍ଧ୍ୟାରେ ଲାଇନ କଟ ସମସ୍ୟା, ପୌରପରିଷଦ ପକ୍ଷରୁ ପରିସ୍କାର ପରିଚ୍ଛନ୍ନ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମନ୍ଦିରର ମୁଖ୍ୟ ଟ୍ରଷ୍ଟି ଚନ୍ଦନ କୁମାର ଦାସ ଅଧ୍ୟକ୍ଷତା କରିଥିବା ବେଳେ ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଆଇଆଇସି ଅଶୋକ କୁମାର ବାରିକ, ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ବିଦ୍ୟାଧର ପଣ୍ଡା, ବରିଷ୍ଠ ଉପଦେଷ୍ଟା ଆଇନଜୀବୀ ଚିନ୍ମୟ କୁମାର ଦାସ, ବନମାଳୀ ଧଳ, ଦିଲ୍ଲୀପ କୁମାର ଗିରି, ବିକାଶ ଧର, ଦୁଲାଲ ଚନ୍ଦ୍ର ଦାସ, ଆନନ୍ଦ କର ପ୍ରମୁଖଙ୍କ ସହିତ ମନ୍ଦିର କମିଟିର ସଦସ୍ୟ ସମୀର ପାତ୍ର, ଗୋବିନ୍ଦ ସାହୁ, ଅମଲ ମଣ୍ଡଳ, ପ୍ରଶାନ୍ତ ପ୍ରଧାନ, ରାମଭରଶ ସାହୁ, ସୁଶାନ୍ତ କୁମାର ପ୍ରଧାନ, ସୁବ୍ରତ କୁମାର ବେରା, ନିଳାଦ୍ରୀ କର, ହୃଶିକେଶ ଦାସଙ୍କ ସହିତ ସମସ୍ତ ସଦସ୍ୟ ଓ ଜଳେଶ୍ୱରର ବିଦ୍ଧିଜୀବି ମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବୈଠକ ଶେଷରେ ଜଳେଶ୍ୱର ଅଞ୍ଚଳବାସୀ ଏହି ମହାନ ପର୍ବ ମହାପ୍ରଭୁଙ୍କ ରଥଯାତ୍ରାରେ ସାମିଲ ହୋଇ ସୂଚାରୁରୂପେ ରଥଯାତ୍ରା ପାଳନ କରିବା ପାଇଁ କମିଟି ପକ୍ଷରୁ ସହଯୋଗ କାମନା କରାଯାଇଥିଲା।

## ଜଳେଶ୍ୱରରେ ପବିତ୍ର ମହରମ ପାଳିତ

ଜଳେଶ୍ୱର, ୨୭।୬ (ସମିସ): ଜଳେଶ୍ୱର ଅଂଚଳରେ ପବିତ୍ର ମହରମ ପର୍ବ ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ବସ୍ତିରୁ ୪ଟି ସୁଉଚ୍ଚ ତାଜିଆ ବାହାରି ଜଳେଶ୍ୱରର ଶୋଭା ବର୍ଦ୍ଧନ କରିଥିବା ବେଳେ ସହର ପରିକ୍ରମା ପୂର୍ବକ ମୁଖ୍ୟ ସଡକରେ ଥାନା ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ଏହି ତାଜିଆ ଶୋଭାଯାତ୍ରାରେ ବାଲେଶ୍ୱର ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ବାର ସଭାପତି କୁଞ୍ଜବିହାରୀ ଦାସ, ଦେବକାନ୍ତ କାସ୍ତ, କାଉନସିଲର ଗୋବିନ୍ଦ ସାହୁ, ସୁରଜ ଚୈରାସିଆ, ଫରିଦ ଅହମ୍ମଦ, କାଉନସିଲର ମୀର ଆବାସ ଅଲ୍ଲୀ, ରାଜୀବ ପରିଡା, ଦିଲ୍ଲୀପ ପରିଡା, ସେକ ସାହା ବୁଦ୍ଧିନ, ଜୈନାଲ ସାହା, ସେକ ସିରାଜ, ସାମସର ସାହା ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ରାଜପୁର ୧ନଂ ତାଜିଆର ଖଲିଫା ସେକ ସମୀର, ୨ନଂ ଝାଡେଶ୍ୱରପୁର ତାଜିଆର ଖଲିଫା ସେକ୍ ଆଝାରୁଦ୍ଦିନ, ୩ନଂ ଶାସନବାଡ ତାଜିଆର ଖଲିଫା ସେକ୍ ଅଫସର ଅଲ୍ଲୀ, ୪ନଂ ଶେଖବାଡ ତାଜିଆର



ଖଲିଫା ମମତାଜ ଖାନ ପ୍ରମୁଖ ନିଜ ନିଜ ଅଂଚଳର ତାଜିଆର ନେତୃତ୍ୱ ନେଇଥିଲେ। ତାଜିଆ ଓ ଆଖଡା ଖେଳ ସହିତ ଯୁବକ ମାନେ ଶୋଭାଯାତ୍ରା କରିଥିଲେ। ଏହି ଉପଲକ୍ଷେ ଜଳେଶ୍ୱର ଥାନା ଦ୍ୱାରା ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଥାନା ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ତାଜିଆର ସାଜସଜ୍ଜା, ବାଡିଖେଳ ଓ ଶାନ୍ତିଶୃଙ୍ଖଳାର ସହିତ ଶୋଭାଯାତ୍ରା କରିଥିବା ଦଳକୁ ୧ନଂ ତାଜିଆ ଭାବେ ଘୋଷଣା କରାଯିବା ସହିତ ଅନ୍ୟ ଦଳର ତାଜିଆ ଗୁଡିକୁ ନମ୍ବର ପ୍ରଦାନ କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଏସ୍.ଡି.ପି.ଓ ସୁରେଶ ତ୍ରିପାଠୀ ଓ ଆଇ.ଆଇ.ସି ଅଶୋକ କୁମାର ବାରିକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାନ୍ତି ଶୃଙ୍ଖଳାର ସହିତ ଏହି ମହରମ ପର୍ବ ପାଳନ ପାଇଁ ଜଳେଶ୍ୱର ପୁଲିସ ପକ୍ଷରୁ ଫୋର୍ସ ସହିତ ଅଫସର ମାନଙ୍କୁ ମୁତୟନ କରାଯାଇଥିଲା। ଏହି ମହରମ ପର୍ବ ହିନ୍ଦୁ ମୁସଲିମ ଭାଇଚାରା ମଧ୍ୟରେ ଶାନ୍ତି ଶୃଙ୍ଖଳାର ସହିତ ପାଳନ ହୋଇଥିଲା।

## ୪୦ ଦିନରେ ୧୧ ବେଆଇନ କାଠ ଗାଡ଼ି ଜବତ

ଜଳେଶ୍ୱର ବ୍ଲକ, ୨୭।୬ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରେଞ୍ଜର ବନ୍ୟପ୍ରାଣୀ ବନାଞ୍ଚଳ ସରକାରୀ ଭାରପ୍ରାପ୍ତ ବନ ସଂରକ୍ଷକ ସଞ୍ଜୟ କୁମାର ମହାନ୍ତି ଗତ ମେ ୧୯ ତାରିଖରେ ଜଳେଶ୍ୱର ରେଞ୍ଜରେ ଭାରପ୍ରାପ୍ତ ରେଞ୍ଜର ଭାବେ ଦାୟିତ୍ୱ ଗ୍ରହଣ କରିବାର ୪୦ ଦିନ ମଧ୍ୟରେ ୧୧ଟି ବେଆଇନ କାଠ ବୋଝେଇ ଗାଡି ଜବତ କରିବାରେ ସଫଳ ହୋଇଛନ୍ତି। ଯାହା ଫଳରେ ସାଧାରଣତଃ କାଠ ମାଫିଆଙ୍କ ମହଲରେ କୋକୁଆ ଭୟ ଖେଳି ଯାଇଛି। ସାଧାରଣ ଲୋକଙ୍କ



କହିବା କଥା ପୁର୍ବରୁ ଏଭରି ଧର ପଗଡ଼ ହେଉନଥିଲା ଯାହା ଫଳରେ କାଠ ମାଫିଆ ମାନେ ଦିନ ରାତି ଓଡିଶାରୁ ପଶ୍ଚିମବଙ୍ଗ କାଠ ଗାଡି ନେବାରେ ସଫଳ ହେଉଥିଲେ। ଆଜି ଶ୍ରୀ ମହାନ୍ତି ବିଶେଷ ସୂତ୍ରରୁ ଖବର ପାଇ ୧୬ ନୁମ୍ବର ଜାତୀୟ ରାଜପଥ ଭେଲୁର ଠାରୁ ଗାଡି ଟିକୁ ପିଛା କରି ରାଜଘାଟ ଜଳେଶ୍ୱର ବାଇପାସ ପୋଲ ନିକଟରୁ ନିମ୍ବ କାଠ ଭର୍ତ୍ତି ପିକପ ଭ୍ୟାନ ଜବତ କରିଥିଲେ ଘଟଣା ସ୍ଥଳରୁ ଡ୍ରାଇଭର ଗାଡି ଛାଡି ଚମ୍ପଟ ମାରିଥିଲେ। ଜବତ କରାଯାଇଥିବା କାଠର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ ଆଜିର ଏହି ଚଢ଼ାଉରେ ଫରେଷ୍ଟ ଗାର୍ଡ ସରସ୍ୱତୀ ମୁର୍ମୁ ସମେତ ଅନ୍ୟ କର୍ମଚାରୀ ମାନେ ରହିଥିଲେ।

## ଭୂମିପୁତ୍ର ସଂଗଠନ ପକ୍ଷରୁ ମକ୍‌ଡ୍ରିଲ



ସୋର, ୨୭।୬ (ସମିସ): ସୋର ବ୍ଲକ କେଦାରପୁରସ୍ଥିତ ଭୂମିପୁତ୍ର ସେବା ପ୍ରତିଷ୍ଠାନ ତରଫରୁ ସିମୁଳିଆ ବ୍ଲକ ଅନ୍ତର୍ଗତ ଆଙ୍କୁଲା ଓ ବାଇଁଶିବାଟି ବହୁମୁଖି ବନ୍ୟା ଆଶ୍ରୟସ୍ଥଳରେ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସିମୁଳିଆ ବ୍ଲକ ପ୍ରଶାସନ ଏବଂ ବନ୍ୟା ଆଶ୍ରୟ ସ୍ଥଳୀ ପରିଚାଳନା ସମିତିର ସହଯୋଗରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ କୁ ସିମୁଳିଆ ତହସିଲଦାର ସୌମ୍ୟ ରଂଜନ ମହାପାତ୍ର ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ସିମୁଳିଆ ଫାୟାର ଅଫିସର ମାନସ ରଞ୍ଜନ ନାୟକ, ଏଇଇ ସରୋଜ କୁମାର ଟିଗ, ଜେଇଇ ଅଜୟ ମାଝୀ,ଚାଲୁଣିଗାଁ ପଞ୍ଚାୟତର ସରପଞ୍ଚ ମମତା ରାଣୀ ନାୟକ ଓ ବାଟି ପଞ୍ଚାୟତ ର ସରପଞ୍ଚ ହରପ୍ରିୟା ମଲ୍ଲିକ, ବାଟି ଓ ଚାଲୁନିଗାଁ ପଞ୍ଚାୟତ ର କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନୀରିକ୍ଷକ, ବନ୍ୟା ଆଶ୍ରୟ ସ୍ଥଳି ର ସଂପାଦକ ବନମାଳି ନାୟକ ଏବଂ ପ୍ରଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସିମୁଳିଆ ଅଗ୍ନିଶମ ବିଭାଗ ପକ୍ଷରୁ ବିପର୍ଯ୍ୟୟ ସମୟରେ ବିଭିନ୍ନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା। ଭୂମିପୁତ୍ରର ସଂପାଦକ ଶିଶିର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପତିତପାବନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ନୀଳଗିରି, ୨୭।୬ (ସମିସ) : ପରମ କାରୁଣିକ ଜଗତର ନାଥ ଜଗନ୍ନାଥଙ୍କ ଅପାର କରୁଣାରୁ ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଆସ୍ଥାନ ସନ୍ନିକଟ ତଥା ସୁଶୋଭିତ ବନାନୀ ପରିବେଷ୍ଟିତ ଦେବଗିରି ପାହାଡ଼ ପାଦଦେଶରେ ଶ୍ରୀ ଶ୍ରୀ ପତିତପାବନ ମହାପ୍ରଭୁ ଜଗନ୍ନାଥଙ୍କ ନୂତନ ଭବ୍ୟମନ୍ଦିର ଓ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଯାଇଛି। ତେବେ ଏହି ମନ୍ଦିରପ୍ରତିଷ୍ଠା ହେବାପରେ ଉକ୍ତ ପୀଠଟି ହରିହରଙ୍କ ମିଳନସ୍ଥଳୀରେ ପରିଣତହୋଇ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁମାନଙ୍କର ପାଇଁ ଏକ ପାବନକ୍ଷେତ୍ର ପାଲଟିଯାଇଛି। ଜୁନ ୧୯ତାରିଖ ଶୁଭଲଗ୍ନରେ ନୂତନମନ୍ଦିର ଓ ବିଗ୍ରହଙ୍କ ପ୍ରତିଷ୍ଠାଉତ୍ସବ ଆରମ୍ଭହୋଇ ୨୪ତାରିଖ ବୁଧବାର ପର୍ଯ୍ୟନ୍ତ ୬ଦିନଧରି ଏକ ଭାବମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଅନ୍ତିମଦିବସରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ଚନ୍ଦ୍ରବିନ୍ଦୁ ଦାସ ଉପସ୍ଥିତରହି ମହାପ୍ରଭୁଙ୍କ ଦର୍ଶନକରି କୃପାଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଶେଷରେ ଶ୍ରୀ ଶ୍ରୀ ଜଗନ୍ନାଥଧାମ ପୁରୀରୁ ଆସିଥିବା ଛତିଶାନିଯୋଗର ମହାନାୟକ



ଜନାର୍ଦ୍ଦନ ପାଟଯୋଷୀ ମହାପାତ୍ରଙ୍କ କରକମଳରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନୀଳଗିରି ରାଜା ଜୟନ୍ତଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ, ରାଣୀ ମନୋଜାମଞ୍ଜରୀ ଦେବୀଙ୍କ ସଦୟ ଉପସ୍ଥିତିରେ ନୀଳଗିରି ଜଗନ୍ନାଥମନ୍ଦିରର ମୁଖ୍ୟପୂଜକ ହରିବନ୍ଧୁ କର, ବ୍ରହ୍ମା ସରୋଜ ନନ୍ଦ, ବ୍ରହ୍ମା ପୁଣ୍ୟଶ୍ଳୋକ ନନ୍ଦ ପ୍ରମୁଖ ୨୧ଜଣ ପଣ୍ଡିତମାନଙ୍କ ଦ୍?ାରା ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା। ଦୀର୍ଘ ୬ଦିନଧରି ହଜାରହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ଏଭଳି ଦିବ୍ୟ ଓ ଭବ୍ୟମନ୍ଦିର ନିର୍ମାଣପାଇଁ ଅଞ୍ଚଳର ବହୁ ବଦାନ୍ୟବ୍ୟକ୍ତିଙ୍କ ସହଯୋଗ ରହିଥିଲେ ହେଁ ସମାଜସେବୀ ତଥା ହରିପ୍ରେମୀ ବସନ୍ତ କୁମାର ରାଉଳ, ତାଙ୍କ ସହଧର୍ମିଣୀ ଉଷାରାଣୀ ରାଉଳ, ଶରତ ରାଉତ ସହଧର୍ମିଣୀ ସଂଘମିତ୍ରା ରାଉତ, ବସନ୍ତ କୁମାର ପାତ୍ର, ପ୍ରକାଶ ପଣ୍ଡା, ସନାତନ ପତ୍ର, କମଳାକାନ୍ତ ରାଉତ, ମାନସ ପରିଡା, ବୁଲୁ ଦାସ, ପ୍ରମୋଦ ମହାପାତ୍ର, ଚତୁର୍ଭୁଜ ସ୍ୱାଇଁ, ବିକାଶ ବେହେରା, ସୌମ୍ୟରଞ୍ଜନ ଜେନା, ଜୟନ୍ତ ବେହେରା ପ୍ରମୁଖ ବହୁବଦାନ୍ୟ ବ୍ୟକ୍ତିଙ୍କ ଅକୁଣ୍ଠ ସହଯୋଗରେ ମନ୍ଦିରଟି ନିର୍ମାଣ ହୋଇପାରିଥିବାରୁ ନୀଳଗିରି ସମେତ ସମଗ୍ରଓଡ଼ିଶାର ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁମାନେ ସାଧୁବାଦ ଜଣାଇଛନ୍ତି।

## ସେବା ସଂଗମର ଦ୍ୱିତୀୟ ପ୍ରତିଷ୍ଠା ଦିବସ




ବାଲେଶ୍ୱର( ଉତ୍ତର), ୨୭।୬ (ସମିସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଅଗ୍ରଣୀ ସାମାଜିକ ସଙ୍ଗଠନ ସେବା ସଙ୍ଗମ ଫାଉଣ୍ଡେସନ ପକ୍ଷରୁ ୨ୟ ବାର୍ଷିକ ଉତ୍ସବ ବର୍ଣ୍ଣାଢ୍ୟ ପରିବେଶରେ ଶୁକ୍ରବାର ଦିବସବ୍ୟାପୀ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଶେଷ ହୋଇଛି। ଏଥି ନିମନ୍ତେ ଏକ ମେଗା ରକ୍ତଦାନ ଶିବିର ଥାନାଛକ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିରରେ ୧୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ରକ୍ତଦାତାଙ୍କୁ ବିଭିନ୍ନ ଚାରା ବଣ୍ଟନ ଓ ରକ୍ତଦାନର ମହନୀୟତା ସମ୍ପର୍କରେ ଏକ ସଚେତନତା ସଭା କରାଯାଇଥିଲାକ୍ଷବ୍ୟଙ୍ଗ କବି ଡ଼ଃ ଶ୍ରୀକୁମାର ଘୋଷ ଏହି ସଭାକୁ ପରିଚାଳନା କରିଥିଲେ। ମଞ୍ଚ ଆହ୍ୱାନ କରିଥିଲେ ସଂଗଠନର ଦୀପକ କୁମାର ରାଉତ ସେବା ସଂଗଠନର ସଭାପତି ତପନ କୁମାର ସ୍ୱାଇଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିବା ବେଳେ ସମ୍ପାଦକ ରଶ୍ମିରଞ୍ଜନ ସେଣ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ମେଡିକାଲ କଲେଜର ପ୍ରଫେସର ଡା. ରାମଚନ୍ଦ୍ର ଗିରି, ମୁଖ୍ୟବକ୍ତା ଶିକ୍ଷକ ମନୋଜ କୁମାର ଜେନା, ସମ୍ମାନିତ ଅତିଥି ସାମାଜିକକର୍ମୀ ଗୌରହରି ମହାନ୍ତି, ସେବା ସଂଗଠନର ସଦସ୍ୟ ପ୍ରଦୀପ କୁମାର ଦାସ, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ ପରାମାଣିକ, ସଂଗଠନର ସଚିବ ବଳରାମ ଜେନା ପ୍ରମୁଖ ଯୋଗ ଦେଇ ମାନବିକ ସେବା ଦ୍ୱାରା ମାନବିକତା, ବନ୍ଧୁତା, ଭାଇଚାରା ଓ ଉତ୍ସର୍ଗୀକୃତ ଜୀବନ ମଧ୍ୟରେ ମନୁଷତ୍ୱ ଅର୍ଜନ କରାଯାଏ ବୋଲି ପ୍ରକାଶ କରିଥିଲା। ଏହି ଅବସରରେ ସେବାକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଖବରଦାତା, ସେବା ସଂଗଠନର ସଦସ୍ୟ ମାନଙ୍କୁ ମାନପତ୍ର ପ୍ରଦାନ ଓ ସମ୍ବର୍ଦ୍ଧନା କରାଯାଇଥିଲା। ଧନ୍ୟବାଦ ଦେଇଥିଲେ ଫାଉଣ୍ଡେସନର ସଦସ୍ୟ ଆଶିଷ କୁମାର ଜେନା। ଏହି କାର୍ଯ୍ୟକ୍ରମକୁ ସେବା ସଂଗଠନ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ସାମିଲ ହୋଇ ସାହାଯ୍ୟ ଓ ସହଯୋଗ କରିଥଲେ।

## ପଞ୍ଚଲିଙ୍ଗେଶ୍ୱରରେ ବୁଲୁଛି ଦନ୍ତା

ନୀଳଗିରି, ୨୭।୬ (ସମିସ) : ନୀଳଗିରିରେ ହାତୀ ଉପଦ୍ରବ ଦେଖିବାକୁ ମିଳୁଥିବାବେଳେ ଅଧିକାଂଶ ସମୟରେ ନୀଳଗିରି ସହରରେ ଦନ୍ତା ବୁଲୁଥିବା ବେଳେ ଏବେ ପଞ୍ଚଲିଙ୍ଗେଶ୍ୱର ଅଂଚଳରେ ଦିନରେ ବିନ୍ଦାସରେ ବୁଲୁଥିବାର ଦେଖିବାକୁ ମିଳିଛି। ଦନ୍ତା ବୁଲୁଥିବା ନେଇ ଅଂଚଳରେ କୋକୁଆ ଭୟ ଖେଳିଯାଇଛି। ବନବିଭାଗ ପକ୍ଷରୁ ଦନ୍ତା ର ଗତିବିଧି ଉପରେ ନଜର ରଖିଥିବାର ଦେଖିବାକୁ ମିଳିଛି।



## ସମାଜ କଲ୍ୟାଣ ବିକାଶ ପରିଷଦର ବୈଠକ



ଜଳେଶ୍ୱର ବ୍ଲକ, ୨୭।୬ (ସମିସ) : ଶନିବାର ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ନୂଆ ବଜାରସ୍ଥିତ ଭଞ୍ଜଶ୍ରୀ ବିହାର ସମ୍ମିଳନୀ କକ୍ଷରେ ସମାଜ କଲ୍ୟାଣ ବିକାଶ ପରିଷଦର ସଭାପତି ଡ. ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ଜଳେଶ୍ୱରର ସାମଗ୍ରୀକ ବିକାଶ ପାଇଁ ଆଲୋଚନା କରିଥିଲେ। ସମ୍ପାଦକ ହାଇକୋର୍ଟ ଆଇନଜୀବୀ ରାମଚନ୍ଦ୍ର ଜେନା ଆଲୋଚନା କରିଥିଲେ। ଜଳେଶ୍ୱର ୪୬ ନମ୍ବର ଲେବୁଲ କ୍ରସିଂରେ ଅଣ୍ଡର ପାସ ପାଇଁ ଜେନେରାଲ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନେଇ ଉପ ସଭାପତି ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ପ୍ରକାଶ କରିଥିଲେ। ୪ ଜୁଲାଇରେ ଜଳେଶ୍ୱରକୁ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ପାଇଁ କହିଥିଲେ। ପ୍ରତି ମାସରେ ଶେଷ ଶନିବାର ବୈଠକ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ଜଳେଶ୍ୱର ଷ୍ଟେସନ ସମ୍ମୁଖରେ ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ତଥା ଜଳେଶ୍ୱରରୁ ପୁରୀ ମେମୋ ଟ୍ରେନକୁ ଭକ୍ତ କବି ଦୀନକୃଷ୍ଣଙ୍କ ନାମରେ ନାମିତ କରିବା ପାଇଁ ଜେନେରାଲ ମ୍ୟାନେଜରଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିବା କହିଥିଲେ। ବୈଠକରେ ସହ ସମ୍ପାଦକ ଅବନୀ କୁମାର ଚାନ୍ଦ,ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ପରିଡା,ଇ ରାମଚନ୍ଦ୍ର ସାହୁ, ସିଦ୍ଧେଶ୍ୱର ପଣ୍ଡା, ଆଇନଜୀବୀ ସତ୍ୟ ନାରାୟଣ ଦାସ, ଶିକ୍ଷାବିତ୍ ଅଞ୍ଜନ କୁମାର ଦେ, ମୁରଲୀ ମୋହନ ପ୍ରଧାନ, ରବି ନାରାୟଣ ପାତ୍ର ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସତ୍ୟନାରାୟଣ ଦାସ।

# ବାଲି ଚାଲାଣ ବେଳେ ସ୍କୁଟିକୁ ପିଟିଲା ଡମ୍ଫର, ଟାୟାର ଜାଳି ରାସ୍ତାରୋକ

ଜଳେଶ୍ୱର,୨୭।୬ (ସମିସ)

ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶିଖରପୁର ରାଇବଣିଆ-ରାସ୍ତାର ଶିଖରପୁର ଛକ ଠାରେ ଏକ ବେଆଇନ ବାଲି ବୋଝେଇ ଡମ୍ଫର ଏକ ସ୍କୁଟିକୁ ଧକ୍କା ଦେବା ଫଳରେ ଆରୋହୀ ଗୁରୁତର ହୋଇଥିଲେ। ଘଟଣା ଅନୁସାରେ ସୁବର୍ଣ୍ଣରେଖା ନଦୀରୁ ଶିଖରପୁରଠାରେ ବେଆଇନ ଭାବେ ବାଲି ଉତ୍ତୋଳନ ହୋଇ ଶହଶହ ଡମ୍ଫର ଦ୍ୱରା ପଶ୍ଚିମବଙ୍ଗ କୁ ଚାଲାଣ ହୋଇ ଆସୁଛି। ବର୍ଷା ଦିନରେ ବାଲି ଉତ୍ତୋଳନ ନିୟମ ନଥିବା ବେଳେ ମେସିନ୍ ଦ୍ୱାରା ବ୍ୟାପକ ବାଲି ଉତ୍ତୋଳନ କରି



ମାଫିଆମାନେ ମାଲେ ମାଲ ହେଉଥିବା ବେଳେ ପ୍ରଶାସନ ଆଖି ବୁଜି ଦେଇଛନ୍ତି। ଶନିବାର ଅପରାହ୍ନରେ ସ୍କୁଟିରେ ସଞ୍ଜିବ ସେନାପତି ତାଙ୍କ ସ୍ତ୍ରୀଙ୍କୁ ବସାଇ ନିକଟସ୍ଥ ଶିଖରପୁର ଗୋଷ୍ଠୀ ଉପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗଲା ବେଳେ ଓଡି ୨୧ଏନ୪୯୨୩ ନଂ ବିଶିଷ୍ଟ ଡମ୍ଫର ସମ୍ମୁଖ ରୁ ଧକ୍କା ଦେଇଥିଲା। ଆରୋହୀ ଗୁରୁତର ହେବା ପରେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ଡମ୍ଫରକୁ ଅଟକାଇ ଥିଲେ। ଫଳରେ ସେହି ରାସ୍ତାରେ ଆସୁଥିବା ଶହେରୁ ଉଦ୍ଧ୍ୱର୍ ଡମ୍ଫର ରାସ୍ତା ର ଦୁଇ କଡେ ଅଟକି ରହିଥିଲା। ଫଳରେ ଯାତାୟାତ ଠପ୍ ହୋଇ ଯାଇଥିଲା। ସ୍କୁଟି ଚାଳକଙ୍କୁ କ୍ଷତିପୂରଣ ଦେବା ବେଆଇନ ବାଲି ପରିବହନ ବନ୍ଦ କରିବା ଆରଡ଼ି ରାସ୍ତା ରେ ଭାରୀଯାନ ନିଷେଧ କରିବା ଦାବି ନେଇ ହରିପଦ ଦେ, ଶିବ ନାରାୟଣ ଦାସ, ରଜନୀ ଦାସ, ତ୍ରିଲୋଚନ ଜେନା, ଜଗନ୍ନାଥ ବାରିକ୍, ସଞ୍ଜୟ ସେନାପତି, ବନମାଳୀ ଦାସ, ଶ୍ରୀକୃଷ୍ଣ ଓଝା, ମଧୁସୁଦନ ଜେନା, ଅରୁଣ ପ୍ରଧାନ, ଶିବ ଶଙ୍କର ପ୍ରମାଣିକ, ଶମ୍ଭୁନାଥ ମାଝି, ସୁବାଷ ଦାସ ପ୍ରମୁଖ ବହୁ ଗ୍ରାମବାସୀ ଟାୟାର ଜାଳି ରାସ୍ତା ରେ ଧାରଣା ଦେଇଥିଲେ। ସୁଚନା ପାଇଁ ଜଳେଶ୍ୱର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନଥିବା ଜଣା ପଡ଼ିଛି।

# ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ଉଠିଯାଉଛି ଫଡ଼ା ଫଡ଼ା ପିଚୁ

**ବିନା ସୂଚନାଫଳକରେ କାମ ଶେଷ**

ବଡ଼ଚଣା,୨୭।୬(ସମିସ)



ସରକାରୀ ଅର୍ଥର ଅପଚୟ ଓ ବିଭାଗୀୟ ଅଧିକାରୀଙ୍କ ନିରବଦ୍ରଷ୍ଟା ଯୋଗୁଁ ନିର୍ମାଣ କାର୍ଯ୍ୟ କିଭଳି ନିମ୍ନମାନର ହୁଏ ତାହାର ଏକ ନଗ୍ନ ଚିତ୍ର ଯାଜପୁର ଜିଲ୍ଲା ବଡ଼ଚଣାର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳିଛି। ବଡ଼ଚଣା ବ୍ଲକ ଅଣକା ପଞ୍ଚାୟତ ମହାଦେଇପୁର ନଦୀବନ୍ଧ ଠାରୁ ଦକ୍ଷିଣକୂଳ ଭାୟା ଭୁଲୁକା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଂକ୍ରିଟ, ପିଚୁ ଓ ସାଇଡ୍ ୱାଲ କାମରେ ବ୍ୟାପକ ଅନିୟମିତତା କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଂକ୍ରିଟ ଯେଉଁ ଯାଗାରେ ହେଇଛି କିଛି ଦିନ ମଧ୍ୟରେ ନଷ୍ଟ ହୋଇ ଗୋଡ଼ି ଦେଖାଗଲାଣି। ସେହିପରି ପିଚୁ ହୋଇଥିବା ସ୍ଥାନରେ କାମ ସରିବା ସପ୍ତାହେ ହେଇନି ପିଚୁ ଉଠି ଯିବାକୁ ବସିଲାଣି। ଯେଉଁଠାରେ ରାସ୍ତା କଡ଼େ କଡ଼େ ପାଚେରି ନିର୍ମାଣ କରାଯାଇଛି ଅତି ନିମ୍ନମାନର କରାଯାଇଥିବା ଓ କେବଳ ସରକାରୀ ଅର୍ଥ ହଡ଼ପ କରିବା ଉଦ୍ଦେଶ୍ୟରେ ଏହି ଯୋଜନା କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୋଟି କୋଟି ଟଙ୍କାର ନିର୍ମାଣ କରାଯାଇଥିବା ଏହି ପ୍ରକଳ୍ପର ଠିକାସଂସ୍ଥା କୌଣସି ସୂଚନା ଫଳକ ନ ଲଗାଇ ଥିବାରୁ ସ୍ଥାନୀୟ ଲୋକେ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ ହୋଇ ପାରୁନାହାଁନ୍ତି।

ମହାଦେଇପୁର ଗ୍ରାମ ମଧ୍ୟ ଭାଗରେ ଥିବା ଦଳିତ ସାହି କଡ଼ରେ ନିର୍ମାଣ କରାଯାଇଥିବା କଂକ୍ରିଟ ୱାଲ ଓ କଂକ୍ରିଟ ରାସ୍ତା ସାମାନ୍ୟ ବର୍ଷାରେ ଗତ ଏପ୍ରିଲ ୪ ତାରିଖରେ ଭାଙ୍ଗି ଭୁଶୁଡ଼ି ପଡ଼ିଥିଲା। ଗ୍ରାମବାସୀ ଚଣ୍ଡିଖୋଲ କାର୍ଯ୍ୟାଳୟକୁ ଯାଇ କନିଷ୍ଠ ଯନ୍ତ୍ରୀ ଶୁଭଶ୍ରୀ ରାଉତଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ବଦଳରେ ଓଲଟା ଠିକାଦାରଙ୍କ ମାଧ୍ୟମରେ ତରବରିଆ ଭାବେ ପୁନଃନିର୍ମାଣ କରାଇଦେଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ପ୍ରକଳ୍ପରେ କଂକ୍ରିଟ ରାସ୍ତା ଗୁଡ଼ିକ ବାଲି, ସିମେଣ୍ଟ ଓ ଗୋଡ଼ିର ସଠିକ ଭାଗ ମିଶ୍ରଣ କରାଯାଇ ନାହିଁ। ସିମେଣ୍ଟ ତୁଳନାରେ ଅଧିକ ପରିମାଣର ବାଲି ବ୍ୟବହାର କରାଯାଉଥିବାରୁ ଏହି ପ୍ରକଳ୍ପର ସ୍ଥାୟିତ୍ୱକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହାଦେଇପୁର ଠାରୁ ଦକ୍ଷିଣକୂଳ ଓ ମହାଦେଇପୁର ଠାରୁ ଭୁଲୁକା ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଭୁଲୁକା ଠାରେ ଠାଏ ଠାଏ ପିଚୁ ଫଡ଼ା ଫଡ଼ା ହୋଇ ବାହାରି ପଡ଼ିଲାଣି। ଦକ୍ଷିଣକୁଳ ରାସ୍ତାରେ ମଧ୍ୟ ପିଚୁ ପୂଳା ପୂଳା ଛାଡ଼ିଗଲାଣି; କିନ୍ତୁ ପ୍ରଶାସନର କୌଣସି ନିଘା ନାହିଁ। ସବୁଠୁ ଆଶ୍ଚର୍ଯ୍ୟର କଥା କୌଣସି ଯାଗାରେ ସୂଚନା ଫଳକ ଟିଏ ମଧ୍ୟ ନାହିଁ। ସେହିପରି ବାରମ୍ବାର ଅଭିଯୋଗ କରିବା ପରେ ବି କୌଣସି ଦିନ ସରକାରୀ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ଉପସ୍ଥିତ ରହି ନଥିବା ଯୋଗୁଁ ଠିକାଦାର ଏଭଳି ମନମୁଖୀ କାର୍ଯ୍ୟ କରିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବିଭିନ୍ନ ସମୟରେ ସୁପରିଣ୍ଟେଣ୍ଡ ଇଞ୍ଜିନିୟର ରାଜେଶ୍ୱରୀ ବଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟକୁ ଯଦି ସଠିକ ଓ ସ୍ୱଚ୍ଛ ଭାବେ ତଦନ୍ତ ନ କରାଯାଏ ତେବେ ଅଞ୍ଚଳବାସୀ ଆଗାମୀ ଦିନରେ ରାଜପଥ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ଦୁର୍ନୀତି ଓ ଅନିୟମିତତା ସମ୍ବନ୍ଧୀୟ ଜାଣିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ବିଶ୍ୱକର୍ମା ଓ ସୁପରିଣ୍ଟେଣ୍ଡ ଇଞ୍ଜିନିୟର ରାଜେଶ୍ୱରୀ ବଳଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ।

# ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ

**ବ୍ରହ୍ମବରଦା,୨୭।୬(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ବ୍ୟାଙ୍କ ଛକସ୍ଥିତ ଏସ୍‌ଏସ୍ ପ୍ୟାଲେସ ଠାରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଆନୁକୂଲ୍ୟରେ ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ତନବିର ରବାନିଙ୍କ ସଞ୍ଚାଳନରେ ମୁଖ୍ୟଅତିଥି ଭାବେ ଯାଜପୁର ଲୋକସଭା ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ବାହାରର ମଧ୍ୟପ୍ରଦେଶର କବି ଇସ୍‌ମାଇଲ ନଜର, ଅଫଜଲ ଦାନିଶ, ଉତ୍ତରପ୍ରଦେଶର ଅଫଜଲ ଆହ୍ଲାବାଦୀ, ଦିଲ୍ଲୀର ୱାସିଫ ୱାରସି, ଭୋପାଳର ଅତୁଲ ଅଜନବି, ହାଇଦ୍ରାବାଦର ଦିଲ୍ଲ ଖଇରବାଦ ଯୋଗଦାନ କରିଥିବା ବେଳେ ଓଡ଼ିଶା କଟକର କବି ସାମିଉଲ ହକ ସାକିର, ଏସ୍‌ଏମ୍ ଆକଦାସ, ଭଦ୍ରକର ଜାଫର ଦାନିଶ, ମୁସତାକ ଗହ୍ୱର, ସ୍ଥାନୀୟ ବ୍ରହ୍ମବରଦା ଅଞ୍ଚଳର କବି ଅବଦୁର ରହେମାନ ଆଦି ପ୍ରମୁଖ ଉଲ୍ଲେଖଯୋଗ୍ୟ କବି ମାନେ ଯୋଗଦାନ କରି ଉପସ୍ଥିତ ଦର୍ଶକ ମାନଙ୍କ ଭରପୁର ମନୋରଞ୍ଜନ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ଯାଜପୁର ବିଜେପି ସଭାପତି ଦେବଯାନୀ ପ୍ରଧାନ, ବରି ବିଜେପି ନେତା ଉମେଶ ଜେନା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସବ୍ୟସାଚୀ ଜେନା, ବ୍ରହ୍ମବରଦା ଥାନା ଅଧିକାରୀ ଜୟନ୍ତି ମଲିକ, କୁଆଖିଆ ଥାନା ଅଧିକାରୀ ସୁଶାନ୍ତ ସେଠୀ ପ୍ରମୁଖ ଯୋଗଦେଇ କବିମାନଙ୍କ ପ୍ରତିଭାକୁ ଭୂୟସି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଚାନ୍ଦପୁର ମହେଶ୍ୱରପୁର ଓ ବ୍ରହ୍ମବରଦା ପଞ୍ଚାୟତର ସମସ୍ତ ହିନ୍ଦୁ ଓ ମୁସଲମାନ ମୁରବିଙ୍କ ସମେତ ଅନୁଷ୍ଠାନର ବହୁ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବରୀର କଳିଙ୍ଗ ନାୟକଙ୍କୁ ଶ୍ରେଷ୍ଠ କଳା ନିର୍ଦ୍ଦେଶକ ପୁରସ୍କାର



**ବରୀ,୨୭।୬(ସମିସ):** ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ବରୀ ବ୍ଲକ ରତ୍ନଗିରି ପଞ୍ଚାୟତ ରାଉତସାହି ଗ୍ରାମର କଳିଙ୍ଗ କେଶରୀ ନାୟକ ଶ୍ରେଷ୍ଠ କଳା ନିର୍ଦ୍ଦେଶକ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ପ୍ରକାଶ ଥାଉକି ୨୦୨୩ ମସିହାର ଚଳଚ୍ଚିତ୍ର "ପୁଷ୍କରା' ଓ ୨୦୨୪ ମସିହାର ଚଳଚିତ୍ର "ରଙ୍ଗାଶୁର' ପାଇଁ ସେ ଲଗାତାର ଭାବେ ଶ୍ରେଷ୍ଠ କଳା ନିର୍ଦ୍ଦେଶକ ଭାବେ ମନୋନୀତ ହୋଇଛନ୍ତି। ପ୍ରକାଶ ଥାଉକି ଶ୍ରୀ ନାୟକ ୨୦୦୯ ମସିହାରେ ଚଳଚ୍ଚିତ୍ର "କାଲିର ଅତୀତ' ପାଇଁ ମଧ୍ୟ ଶ୍ରେଷ୍ଠ କଳା ନିର୍ଦ୍ଦେଶକ ଭାବେ ପୁରସ୍କୃତ ହୋଇଥିଲେ। ଶ୍ରୀ ନାୟକ ବର୍ତ୍ତମାନ ବରୀ ଶିକ୍ଷମଣ୍ଡଳ ଅଧୀନସ୍ଥ ରାଉତ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ କଳା ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ପିଲାଟି ଦିନରୁ ତାଙ୍କର କଳା ପ୍ରତି ଥିବା ଆଗ୍ରହ ଓ ଚେଷ୍ଟା ଆଜି ତାଙ୍କୁ ଏହି ସ୍ଥାନରେ ପହଞ୍ଚାଇ ପାରିଛି ବୋଲି ତାଙ୍କ ବାପା ଓ ମା' ମତ ରଖିଛନ୍ତି। ଶ୍ରେଷ୍ଠ କଳା ନିର୍ଦ୍ଦେଶକ ଭାବେ ସମ୍ବର୍ଦ୍ଧିତ ହୋଇଥିବାର ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଜିଲ୍ଲା କଳାକାର ସଙ୍ଘ ସଭାପତି ଅକ୍ଷୟ ବେଉରିଆ, ଶିକ୍ଷକ ନେତା ନିର୍ମଳ କୁମାର ଜେନା, ଦିଲ୍ଲୀପ ଦାସ, ଡ. ନୃସିଂହ ଚରଣ ବେହେରା, ଶିଶୁ ସାହିତ୍ୟିକ ଡ. ଅଜୟକୁମାର ଦାସ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଞ୍ଝାରପୁର ଠିକାଦାର ସଂଘର ବୈଠକ

**ବିଞ୍ଝାରପୁର,୨୭।୬(ସମିସ):** ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ଠିକାଦାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମାଂସଡ଼ା କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ସଂଘର ସାଙ୍ଗଠନିକ ସୁଦୃଢ଼ତା, ଠିକାଦାରମାନଙ୍କ ବୃତ୍ତିଗତ ସମସ୍ୟାର ସମାଧାନ ଏବଂ ଆଗାମୀ କାର୍ଯ୍ୟପନ୍ଥାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ନିର୍ବାଚନ ମଣ୍ଡଳୀର ବହୁ ସଂଖ୍ୟକ ଠିକାଦାର ଯୋଗଦେଇ ସଂଘକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ସହ ସଦସ୍ୟମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ। ସଂଘର ସାଂଗଠନିକ ଭିତ୍ତିକୁ ଅଧିକ ସୁଦୃଢ଼ କରିବା ପାଇଁ ୨୫ ଜଣିଆ କୋର କମିଟି ଗଠନ କରାଯାଇଥିଲା। ଏଥିରେ ବସନ୍ତ କୁମାର ମିଶ୍ରଙ୍କୁ ସଭାପତି, ଲେଲିନ ଦାସ, ସୁଖରଞ୍ଜନ ପରିଡ଼ା, ଅଶୋକ ସାହୁ ଓ ସୁଧାଂଶୁ ସାମଲଙ୍କୁ ଉପସଭାପତି, ଦିଲୀପ କୁମାର ରାଉଳଙ୍କୁ ସମ୍ପାଦକ, ପ୍ରିୟବ୍ରତ ବିଶ୍ୱାଳଙ୍କୁ ସହ-ସମ୍ପାଦକ ଏବଂ ବିରଞ୍ଚି ଦ୍ୱିବେଦୀଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଏହାସହ ଅନ୍ୟ ସଦସ୍ୟମାନଙ୍କୁ କୋର କମିଟିରେ ସ୍ଥାନ ଦିଆଯାଇ ସଂଘର ସାଙ୍ଗଠନିକ କାର୍ଯ୍ୟକଳାପକୁ ଆହୁରି ସକ୍ରିୟ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକ ଶେଷରେ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା, ସଦସ୍ୟମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଏବଂ ଠିକାଦାରମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସଂଗଠନକୁ ଆହୁରି ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ସମସ୍ତ ସଦସ୍ୟ ଏକତା ଓ ସହଯୋଗର ମନୋଭାବ ସହ ସଂଘର ବିକାଶ ଏବଂ ଠିକାଦାରମାନଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।

# ଶିକ୍ଷକ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

**ଯାଜପୁର/ପ୍ରୀତିପୁର,୨୭।୬(ସମିସ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶନିବାର ଯାଜପୁର ବ୍ଲକ୍‌ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଯାଜପୁର ବ୍ଲକ୍‌ର ଓଷ୍ଟା ସଂଗଠନ ଜିଲ୍ଲାସ୍ତରୀୟ କାର୍ଯ୍ୟକାରୀ ସଦସ୍ୟ ତାରିଣୀ ଶଙ୍କର ମହାପାତ୍ରଙ୍କ ଆହ୍ୱାନରେ ନାଥସାହି ପଞ୍ଚାୟତ ହାଇସ୍କୁଲ ସଭାଗୃହରେ ସ୍କୁଲର ପ୍ରଧାନଶିକ୍ଷକ ଅମୀୟ କୁମାର ଜେନାଙ୍କ ସଭାପତିତ୍ୱରେ ଆସନ୍ତା ୨୯ତାରିଖ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଆନ୍ଦୋଳନ କରାଯିବ ବୋଲି ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନାରେ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର କାର୍ଯ୍ୟକାରିଣୀ କମିଟିର ସଭ୍ୟ ତଥା ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ଯୁଗ୍ମ ସଂପାଦକ ନବ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶା ଶିକ୍ଷାର ଦୂରାବସ୍ଥା ଓ ଶିକ୍ଷକମାନଙ୍କ ବହୁବିଧ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ ସଂଗଠନରୁ ଯୋଗଦେଇଥିବା ଶିବବ୍ରତ ପାଣି, ବିଜୟ କୁମାର ପଣ୍ଡା, ରତିକାନ୍ତ ରାୟ, ବନମାଳି ଜେନା, ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ବାରିକ, ନାରାୟଣ ଦାସ, ସନ୍ତୋଷ କୁମାର ଦାସ, ଗୋପାଳ ଚରଣ ବେହେରା, ନିରଞ୍ଜନ ନାୟକ, ସେକ୍ ହୁସେନ୍ ଅଲ୍ଲି, ରବିନ୍ଦ୍ର କୁମାର ଜେନା, ସତ୍ୟପ୍ରକାଶ ସାହୁ, ମାନସ ରଂଜନ ସ୍ୱାଇଁ, ରାଜିବ ରାୟ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ବିଞ୍ଝାରପୁର ଓଷ୍ଟାର ଏକ ଜରୁରୀକାଳୀନ କାର୍ଯ୍ୟକାରୀ କମିଟି ବୈଠକ ଉପସଭାପତି ମୀନକେତନ ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୯ ତାରିଖରେ ଭୁବନେଶ୍ୱର ଆନ୍ଦୋଳନ ଯୋଗଦେବା ସଂପର୍କରେ ଏଥିରେ ଆଲୋଚନା ହୋଇଥିଲା। ଏହି ସଭାରେ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ସଭାପତି ଜଗନ୍ନାଥ ବେହେରା, ରାଜ୍ୟ ପରିଷଦ ସଭ୍ୟ ଆର୍ଯ୍ୟନାରାୟଣ ପଣ୍ଡା, ଉପଦେଷ୍ଟା ରତିକାନ୍ତ ସାମଲ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ନାୟକ, ରାଜ୍ୟ ମଦ୍ରାସା କୋଷାଧ୍ୟକ୍ଷ ଏମ୍‌ଡି ଯୁନେଦ ଅଖତର, ଜିଲ୍ଲା ଉପଦେଷ୍ଟା ସୁବାଶ ଚନ୍ଦ୍ର ପ୍ରଧାନ, ବ୍ଲକ୍ ସହ ସମ୍ପାଦକ ଅଜିତ କୁମାର ନାୟକ, ଗଙ୍ଗାଧର ଧଳ, ବିଚିତ୍ରାନନ୍ଦ ସାହାଣୀ, ଏମ୍‌ଡି ସୁଲେମାନ, ଏମ୍‌ଡି ହିଫିଜୁର ରହେମନ୍ ଖାନ୍, ନୀଳମଣି ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମିଶ୍ର ସଭା ସାଙ୍ଗ କରିଥିଲେ।

# ବିଜେପି ପକ୍ଷରୁ ରକ୍ତଦାନ ଶିବିର

**ସୁକିନ୍ଦା,୨୭।୬(ସମିସ):** ସୁକିନ୍ଦା ବିଜେପି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇ ୧୬୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସୁକିନ୍ଦା ଭବନରେ ଅନୁଷ୍ଠିତ ଏହି ଶିବିରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ସୁକିନ୍ଦା ଅଞ୍ଚଳର ୧୬୭ ଜଣ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ସୁଧାଂଶୁ ଭଞ୍ଜ, ଲୁଲୁ ରାୟ, ରବୀନ୍ଦ୍ର ଜେନା, ଶେଖର ମହାନ୍ତି, ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିଅନ ସଭାପତି ସବ୍ୟସାଚୀ ବଳସାମନ୍ତ, ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା, ପୂର୍ବତନ ଜିଲ୍ଲା ପରିଷଦ ରମଣୀ ରଞ୍ଜନ ବଳସାମନ୍ତ, ୬ଟି ମଣ୍ଡଳର ସଭାପତି ପ୍ରଦୀପ୍ତ ସ୍ୱାଇଁ, ମନୋଜ ନାୟକ, ପ୍ରସନ୍ନ ବେହେରା, କୃପାସିନ୍ଧୁ ସାମନ୍ତ ରାୟ, ସନ୍ତୋଷ ପାଣିଗ୍ରାହୀ, ଦୀପକ କୁମାର ଦେଓ, ଯୁବ ମଣ୍ଡଳ ସଭାପତି ଅଭିଜିତ ପାତ୍ର, ତରୁଣ ମହାନ୍ତ, ଜଗା ସାମଲ, ସୁକିନ୍ଦା ବିଜେପିର ବରିଷ୍ଠ ନେତା ମାନସ ମହାନ୍ତି, ପୁଷ୍ପକ ମହାପାତ୍ର, ଯାତ୍ରାକର ଜେନା, ସତ୍ୟଜିତ ଦାସ, ପ୍ରତାପ ଧୀର, ହଳଧର ନାୟକ, ତପୋଧନ ଦେଓ, ପବିତ୍ର ମହାପାତ୍ର, ସନ୍ତୋଷ ନାୟକ, ସଞ୍ଜୟ ମହାନ୍ତି, ବୁଲବୁଲ ପଟ୍ଟନାୟକ, ଯୁବମୋର୍ଚ୍ଚା ସଦସ୍ୟ ଶୁଭକାନ୍ତ ମହାନ୍ତି, ପ୍ରକାଶ ବେହୁରା, ଜିତେନ୍ଦ୍ର ବେହୁରା, ଜୀବନାନନ୍ଦ ବେହୁରା, ରଶ୍ମିରଂଜନ ବେହୁରା, ସ୍ୱପ୍ନଜିତ ବେହୁରା, ରୁଦ୍ର ବାରିକ, ଅରୁଣ ମହାନ୍ତ, ପ୍ରଦୀପ ମହାନ୍ତ, ତପନ ଜେନା, ହରିହର କରଣ, ଚକା କରଣ, ବବୁଲ କରଣ, ସନ୍ତୋଷ ସାମଲ, ରାମ ଧଳ, ଚନ୍ଦନ ପତି, ଅଜିତ ଦାସ, ଲିଟୁନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

# ପବ୍ଲିକ୍ ଆକାଉଣ୍ଟସ କମିଟି ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା



**ବିଞ୍ଝାରପୁର,୨୭।୬(ସମିସ):** ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ଓଡ଼ିଶା ବିଧାନସଭାର ପବ୍ଲିକ ଆକାଉଣ୍ଟସ କମିଟିର ଅଧ୍ୟକ୍ଷା ଭାବେ ନିଯୁକ୍ତି ମିଳିଥିବାରୁ ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଛି। ବିଞ୍ଝାରପୁର ବିଜେଡି ଯୁବ ସଭାପତି ଦିଲୀପ କୁମାର ରାଉଳଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପ୍ରମିଳା ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ଏହି ନିଯୁକ୍ତି ବିଞ୍ଝାରପୁର ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଦଳୀୟ ନେତା ଓ କର୍ମୀମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲ୍ଲା ପରିଷଦ ସଦସ୍ୟା ମାମିନା ମଲ୍ଲିକ, ବିଚଣା ପଞ୍ଚାୟତର ଯୁବ ନେତା କୈଳାସ ମଲ୍ଲିକ, ମଙ୍ଗୁ ଜେନା, ଶଙ୍କର୍ଷଣ ବାରିକଙ୍କ ସମେତ ବହୁ ବିଜେଡି ନେତା, ଯୁବ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।

# ଦଧିବାମନଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

**ରଗଡ଼ି,୨୭।୬(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ଗ୍ରାମର ଆରାଧ୍ୟ ଦେବତା ଶ୍ରୀଦଧିବାମନଜୀଉଙ୍କ ପବିତ୍ର ରଥଯାତ୍ରାକୁ ନେଇ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ପାରମ୍ପରିକ ବିଧିବିଧାନ ଓ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଶୁଭ ମୁହୂର୍ତ୍ତରେ ଶ୍ରୀଦଧିବାମନଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ପ୍ରଥା ଅନୁଯାୟୀ ପୂଜାର୍ଚ୍ଚନା ଓ ବନ୍ଦନା ପରେ ମୁଖ୍ୟ ମହାରଣା କୃଷ୍ଣଚନ୍ଦ୍ର ମହାରଣା(କ), ମହାରଣା କୃଷ୍ଣଚନ୍ଦ୍ର ମହାରଣା, ସୌମ୍ୟରଞ୍ଜନ ମହାରଣା, ପୁରୁଷୋତ୍ତମ ସେଠୀ, ଚିନ୍ତାମଣି ମହାରଣା, ବିଷ୍ଣୁଚରଣ ସେଠୀ, ବଳରାମ ସେଠୀ ରଥ ନିର୍ମାଣ କାମ ଆରମ୍ଭ କରିଥିଲେ। ରଥ ନିର୍ମାଣରେ ସମ୍ପୃକ୍ତ କାରିଗରମାନେ ପାରମ୍ପରିକ ରୀତିନୀତିକୁ ପାଳନ କରି ଦକ୍ଷତାର ସହ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ଗ୍ରାମର ବହୁ ଭକ୍ତ, ଯୁବକ, ବୁଦ୍ଧିଜୀବୀ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅମର ପ୍ରତାପ ସିଂହ, ଦେବେନ୍ଦ୍ର ସିଂହ, ସୁରେଶ ଜେନା, ଅକ୍ଷୟ କୁମାର ପୃଷ୍ଟି, ନାରାୟଣ ଚକ୍ର, ସଞ୍ଜୟ ସିଂହ, ଦେବେନ୍ଦ୍ର କୁମାର ଚକ୍ର, ରମେଶ କୁମାର ବଳ, ଅନିରୁଦ୍ଧ ଜେନା ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ରଥ ନିର୍ମାଣ କାର୍ଯ୍ୟକୁ ଦେଖିଥିଲେ। ରଥ ନିର୍ମାଣ ଠାରୁ ଆରମ୍ଭ କରି ମନ୍ଦିର ସାଜସଜ୍ଜା, ପରିମଳ ବ୍ୟବସ୍ଥା ଏବଂ ଭକ୍ତମାନଙ୍କ ସୁବିଧା ପାଇଁ ବିଭିନ୍ନ କାର୍ଯ୍ୟ ଚାଲିଛି।



# ନାବାଳିକା ବଳାତ୍କାରୀକୁ ୧୨ ବର୍ଷ କାରାଦଣ୍ଡ



**ଯାଜପୁର,୨୭।୬(ସମିସ):** ଜଣେକା ନାବାଳିକାକୁ ବଳାତ୍କାର କରିବା ଅଭିଯୋଗରେ ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଅଭିଯୁକ୍ତକୁ ୧୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୬୦ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ଅଦାଲତ ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ୩ ମାସ ଜେଲ ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ ରହିଛି। ୨୦୨୫ ମସିହା ମେ' ୯ ତାରିଖ ଯାଜପୁରରୋଡ଼ ଥାନା ସାପଗାଡ଼ିଆ ଅଞ୍ଚଳର କାଳନ୍ଦି ମୁଖୀଙ୍କ ପୁଅ କିରଣ ମୁଖୀ(୨୭) ଜଣେକା ୧୭ ବର୍ଷୀୟା ନାବାଳିକା ବିଳମ୍ବିତ ରାତିରେ ପରିସ୍ରା କରିବା ପାଇଁ ଉଠିଥିବା ବେଳେ ତାକୁ ଜୋରଜବରଦସ୍ତ ଟେକି ନେଇ ବଳାତ୍କାର କରିଥିଲା। ଘଟଣା ପରଦିନ ପରିବାର ଲୋକେ କିରଣଙ୍କୁ ପଚାରିବାରେ ସେ ଓଲଟି ଝଗଡ଼ା କରିବା ସହ ନାବାଳିକାକୁ ଏସିଡ୍ ପିଙ୍ଗି ମାରିଦେବାକୁ ଧମକ ଦେଇଥିଲା। ଏ ନେଇ ନାବାଳିକାର ମା' ଯାଜପୁରରୋଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ଥାନାରେ କେସ ନଂ ୨୮୮/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କିରଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଶନିବାର ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୭ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଅଭିଲାଷ ସେନାପତି ଅଭିଯୁକ୍ତ କିରଣ ମୁଖୀକୁ ୧୨ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୬୦ ହଜାର ଟଙ୍କା ଜରିମାନା ଅନାଦେୟ ୧ବର୍ଷ ୩ମାସ୍ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାକୁ ସହାୟତା ବାବଦକୁ ୮ ଲକ୍ଷ ଟଙ୍କା ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାଟିକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରତାପ କୁମାର ରାୟ ପରିଚାଳନା କରିଥିଲେ।

# ମହିଳାଙ୍କ ଆତ୍ମହତ୍ୟା, ସ୍ୱାମୀ ଅଟକ

**ଧର୍ମଶାଳା,୨୭।୬(ସମିସ):** ଧର୍ମଶାଳା ଥାନା ଭାଲୁଖାଇ ଗ୍ରାମରେ ଭଡ଼ାସୂତ୍ରରେ ରହୁଥିବା ଏକ ପରିବାରରେ ପତି-ପତ୍ନୀଙ୍କ ମଧ୍ୟରେ କଳହ ଲାଗିବାରୁ ପତ୍ନୀ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛି। ତେବେ ଝିଅକୁ ହତ୍ୟା କରି ଟାଙ୍ଗି ଦେଇଥିବା ନେଇ ମହିଳାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ବାରବାଟୀ ପଞ୍ଚାୟତ ଚିତ୍ରକୁଳ ଗ୍ରାମର ବିପିନ ନାୟକ (୨୫) ସେହି ପଞ୍ଚାୟତ ବରଜପୁର ଗ୍ରାମର ନିଳମଣି ପ୍ରଧାନଙ୍କ ଝିଅ ଅନିତା ପ୍ରଧନ (୧୯)ଙ୍କୁ ଗତ ବର୍ଷ ବିବାହ କରିଥିଲେ। ବିପିନ ଜାରକାରେ ଟେଣ୍ଟ ହାଉସରେ କାମ କରୁଥିବାରୁ ପତ୍ନୀକୁ ଧରି ନିକଟସ୍ଥ ଭାଲୁଖାଇ ଗ୍ରାମରେ ରହୁଥିଲା। ତେବେ ଗତକାଲି ରାତିରେ କୌଣସି କାରଣକୁ ନେଇ ପତି ଓ ପତ୍ନୀ ମଧ୍ୟରେ ଝଗଡ଼ା ଲାଗିଥିଲା। ବିପିନ ଶୋଇ ପଡିବା ପରେ ବିଳମ୍ବିତ ରାତିରେ ଅନିତା ଉଠି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଦେଇଥିଲା। ତେବେ ଯୌତୁକ ଲାଗି ତାଙ୍କ ଝିଅକୁ ସ୍ୱାଇଁ ହତ୍ୟା କରିଛି ବୋଲି ମୃତ ମହିଳାଙ୍କ ପିତା ନିଳମଣି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ୨୬୬/୨୬ରେ ଏକ ମାମଲା ରୁଜୁ କରିଛି। ଏଥିସହ ପୁଲିସ ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଧର୍ମଶାଳା ଡାକ୍ତରଖାନାକୁ ପଠାଇ ତଦନ୍ତ କରିବା ସହ ସ୍ୱାମୀ ବିପିନକୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ସାପ ଛାଡ଼ି ହତ୍ୟା ଉଦ୍ୟମ ପରେ ଚୋରି

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ପାଣିକୋଇଲି,୨୭।୬(ସମିସ):** ପ୍ରଥମେ ଘରେ ବିଷାକ୍ତ ସାପ ପୂରାଇ ଜୀବନରୁ ମାରିଦେବାକୁ ଉଦ୍ୟମ କରି ସଫଳ ନ ହେବାରୁ ଘରୁ ଚୋରି କରି କଳାକନା ବୁଲାଇବା ନେଇ ଥାନାରେ ଅଭିଯୋଗ ହୋଇଛି। ପାଣିକୋଇଲି ବଜାରର ଅଳତିରି ମୌଜାରେ ଥିବା କଲୋନୀରେ ରହୁଥିବା ଅବସରପ୍ରାପ୍ତ ପୁଲିସ ଲକ୍ଷ୍ମୀଧର ଦାସଙ୍କ ପୁଅ ଲଲାଟେନ୍ଦୁ ଦାସଙ୍କ ଅଭିଯୋଗ ମୁତାବକ ଗତ ଜୁନ ୭ ତାରିଖ ରାତିରେ ସେ ଘରେ ଶୋଇଥିବା ବେଳେ ଘରର ସ୍କାଏଲାଇଟ ବାଟେ କେହି ଦୁର୍ବୃତ୍ତ ଏକ ସାପ ଘର ମଧ୍ୟକୁ ଛାଡିଥିଲା। ହେଲେ ସେ ସୌଭାଗ୍ୟବଶତଃ ସାପ କବଳରୁ ରକ୍ଷା ପାଇଥିଲେ। ସେହିଦିନ ଠାରୁ ସେ ଘରେ ନ ଶୋଇ ଅନ୍ୟ ରୁମରେ ଶୋଉଥିଲେ। ଶୁକ୍ରବାର ବିଳମ୍ବିତ ରାତ୍ରୀରେ କେହି ଦୁର୍ବୃତ୍ତ ଘର ଝରକା ଭାଙ୍ଗି ଘର ମଧ୍ୟରେ ପ୍ରବେଶ କରି ଘରେ କଳାକନା ବୁଲାଇ ଦେଇଛନ୍ତି। ଆଲମିରା ଭାଙ୍ଗି ତା ମଧ୍ୟରେ ଥିବା ଘରର ସମସ୍ତ ସୁନା ଓ ରୂପା ଅଳଙ୍କାର ଚୋରାଇ ନେଇଥିବା ଅଭିଯୋଗ କରାଯାଇଛି। ସକାଳୁ ସେ ଦେଖିବା ବେଳକୁ ସମସ୍ତ ଆସବାସପତ୍ର ବିକ୍ଷିପ୍ତ ହୋଇ ପଡିଛି। ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନାବାଳକ ହତ୍ୟାକାଣ୍ଡ ଅଭିଯୁକ୍ତ ଗିରଫ



**ବରୁଆଁ,୨୭।୬(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ଶିବା ଛକରେ ଗତ ୨୦୨୫ ଫେବୃଆରୀ ୧୫ ତାରିଖରେ ଏକ ଫାଷ୍ଟଫୁଡ୍ ଦୋକାନରେ ଚାଉମିନ୍ ଖାଇବାକୁ କେନ୍ଦ୍ରକରି ଜଣେ ନାବାଳକକୁ ହତ୍ୟାକାଣ୍ଡରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତକୁ ସଦର ପୁଲିସ ଗିରଫ କରିଛି। ଘଟଣା ପରେ ସଦର ଥାନା କେଶ୍ ନମ୍ବର୍ ୩୭/୨୦୨୫ରେ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଘଟଣାରୁ ପ୍ରକାଶ ଯେ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଶିବା ଛକ ନିକଟସ୍ଥ ଗୋବିନ୍ଦପୁର ଗ୍ରାମର ଗୟାଧର ମଲ୍ଲିକଙ୍କ ପୁତ୍ର ଅନିଲ କୁମାର ମଲ୍ଲିକ (୩୪) ଘଟଣା ଘଟିବା ଦିନ ଠାରୁ ପୁଲିସକୁ ଚକମା ଦେଇ ଫେରାର ଥିଲା। ସଦର ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା ଅଭିଯୁକ୍ତ ଜଣକ ଢେଙ୍କାନାଳ ଜିଲ୍ଲାରେ ଆତ୍ମଗୋପନ କରିଛି ବୋଲି। ପୁଲିସ ସେଠାରେ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ୨ ମଦ୍ୟପଙ୍କ ମଧ୍ୟରେ ମାର୍‌ପିଟ୍; ଜଣେ ଆହତ


**ବ୍ରହ୍ମବରଦା, ୨୭।୬ (ସମିସ):** ବ୍ରହ୍ମବରଦା ଥାନା ଅନ୍ତର୍ଗତ ବ୍ରହ୍ମବରଦା ସାପ୍ତାହିକ ହାଟସ୍ଥିତ ଦେଶୀ ମଦ କାଉଣ୍ଟର ନିକଟରେ ଦୁଇ ମଦ୍ୟପଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଫଳରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣଙ୍କ ପୁଲିସ ହାତରୁ ଖସି ଚମ୍ପଟ ମାରିଛି। ସୂଚନାନୁଯାୟୀ ଆଜି ମଧ୍ୟାହ୍ନରେ ଦେଶୀ ମଦ ଦୋକାନ ନିକଟରେ ଦୁଇ ମଦ୍ୟପଙ୍କ ମଧ୍ୟରେ କୌଣସି କାରଣରୁ ପ୍ରଥମେ କଥାକଟାକଟି ଓ ପରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାଫଳରେ ଜଣେ ମଦ୍ୟପଙ୍କ ମାଡରେ ଅନ୍ୟଜଣେ ମଦ୍ୟପ ଗୁରୁତର ଆହତ ହୋଇଥିଲେ। ବ୍ରହ୍ମବରଦା ପୁଲିସ ପାଟ୍ରୋଲିଂ ଟିମ୍ ସେଠାରେ ପହଞ୍ଚି ଆହତ ମଦ୍ୟପଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନେବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ମଦ୍ୟପ ଜଣଙ୍କ କୌଶଳକ୍ରମେ ସେଠାରୁ ଚମ୍ପଟ ମାରିଥିବା ବ୍ରହ୍ମବରଦା ଏଏସଆଇ ଲକ୍ଷ୍ମୀଧର ରାଜ କହିଛନ୍ତି।

# ଶ୍ୟାମସୁନ୍ଦରଜୀଉ ମନ୍ଦିରରେ ରୁକ୍ମଣୀ ବିବାହ ଉତ୍ସବ

ଧର୍ମଶାଳା,୨୭।୬(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମସ୍ଥିତ ଶ୍ରୀଶ୍ୟାମସୁନ୍ଦରଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ପରି ଚଳିତବର୍ଷ ରୁକ୍ମଣୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସମାଜସେବୀ ପବିତ୍ର ମୋହନ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୁକ୍ମଣୀ ବିବାହ ଉତ୍ସବରେ ଶ୍ରୀ ହନୁମାନ ଉପାସକ ବିଜୟ କୁମାର ପତି ଓ ସାଥିମାନେ ଯୋଗଦେଇ ହନୁମାନ ଚାଳିଶା ପଠନ ଓ ରୁକ୍ମଣୀ ବିବାହର ଅମୃତବାଣୀ ପରିବେଷଣ କରିଥିଲେ। ସମାଜ ସେବୀ ତଥା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ମା' ମିନତୀ ସାହୁ, ଆଇନଜୀବୀ ଶ୍ୟାମପ୍ରସାଦ ଦାସ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ଶ୍ରୀରାମଙ୍କ ଭକ୍ତ ସମେତ ବହୁ ସାଧୁ ସନ୍ଥମାନେ ଯୋଗଦାନ କରି ଏହି ଉତ୍ସବକୁ ବେଶ ଉତ୍ସବ ମୁଖରିତ କରିଥିଲେ। ସୁଦାମ ଚରଣ ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ପଣ୍ଡା, ସଂଗ୍ରାମ କେଶରୀ ସାମଲ, ଅମର ପ୍ରଧାନ, କିଶୋର ଜେନା, ସୁବାସ ଦାସ,ରମାକାନ୍ତ ବାରିକ ପ୍ରମୁଖ ଉତ୍ସବ ପରିଚଳନାରେ ସହଯୋଗ କରିଥିଲେ। ପ୍ରକାଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# କୋଡ଼ିଏ ବର୍ଷ ପରେ



ମୂଳ ଇଂରାଜୀ: ଓ. ହେନେରୀ

ଅନୁବାଦ: କନକ ମଞ୍ଜରୀ ସାହୁ

ନ୍ୟୁୟର୍କ ସହରର ସେହି ରାସ୍ତାରେ ଜଣେ ପୋଲିସ ଅଫିସର୍ ଖୁବ୍ ଗମ୍ଭୀରତାର ସହ ପାଟ୍ରୋଲିଂ କରୁଥିଲେ । ସେତେବେଳକୁ ରାତି ପ୍ରାୟ ଦଶଟା ହେବ । ଥଣ୍ଡା ପବନ ବହୁଥିଲା ଏବଂ ହାଲୁକା ବର୍ଷା ଯୋଗୁ ରାସ୍ତା ପ୍ରାୟ ଜନଶୂନ୍ୟ ହୋଇଯାଇଥିଲା ।

ଏହି ସମୟରେ ପୋଲିସ ଅଫିସର୍ ଜଣକ ଦେଖିଲେ, ଗୋଟିଏ ବନ୍ଦ ଥିବା ଦୋକାନ ଦୁଆରେ ଜଣେ ଲୋକ ଅନ୍ଧାରରେ ସିଗାରେଟ୍ ଜଳାଇ ଛିଡ଼ା ହୋଇଛି । ଅଫିସର୍ ଜଣକ ତାଙ୍କ ଆଡ଼କୁ ଆଗେଇଲେ । ପୋଲିସକୁ ଦେଖି ସେହି ବ୍ୟକ୍ତି ଜଣକ ତରବର ହୋଇ କହିଲେ, 'ଅଫିସର୍, ଆପଣ ବ୍ୟସ୍ତ ହୁଅନ୍ତୁନି । ମୁଁ ଏଠାରେ ଜଣେ ପୁରୁଣା ବନ୍ଧୁଙ୍କୁ ଅପେକ୍ଷା କରିଛି । ଆଜିକୁ ଠିକ୍ କୋଡ଼ିଏ ବର୍ଷ ତଳେ ଦୁହେଁ ଏହି ଜାଗାରେ ଏକାଠି ବସି ପ୍ରତିଜ୍ଞା କରିଥିଲୁ ଯେ, ଜୀବନରେ ଆମେ ଯେଉଁଠି ଥାଉନା କାହିଁକି, ଆଜିର ଦିନରେ ଏବଂ ଠିକ୍ ଏହି ସମୟରେ ଏଠାରେ ପରସ୍ପରକୁ ଭେଟିବୁ ।"

ଲୋକଟି ତାଙ୍କ ସିଗାରେଟ୍ ନିଆଁ ଆଲୁଅରେ ପୋଲିସକୁ ତାଙ୍କ ଘଣ୍ଟା ଦେଖାଇଲେ । ତାଙ୍କ କଥା ଶୁଣି ପୋଲିସ ଅଫିସର୍ ଜଣକ ଆଗ୍ରହର ସହ ପଚାରିଲେ, "ବେଶ୍ କୌତୁହଳପୂର୍ଣ୍ଣ କଥା! ତେବେ ସେଇ ବନ୍ଧୁ ଜଣକ କିଏ?"

ବ୍ୟକ୍ତି ଜଣକ କହିଲେ, "ତାଙ୍କ ନାଁ ଜିମି ୱେଲ୍ସ । ସେ ମୋ ପିଲାଦିନର ସବୁଠୁ ବିଶ୍ୱସ୍ତ ବନ୍ଧୁ ଥିଲା । ସେଦିନ ଏହି ଜାଗାରେ ଗୋଟିଏ ହୋଟେଲ ଥିଲା, ଯେଉଁଠି ଆମେ ଶେଷ ଥର ପାଇଁ ଏକାଠି ଖାଇଥିଲୁ । ମୁଁ ଭାଗ୍ୟ ଅନ୍ୱେଷଣରେ ପଶ୍ଚିମ ପ୍ରାନ୍ତକୁ ଚାଲିଗଲି ଏବଂ ଜିମି ଏହି ନ୍ୟୁୟର୍କ ସହରରେ ରହିଗଲା । ଆମେ ଭାବିଥିଲୁ କୋଡ଼ିଏ ବର୍ଷ ମଧ୍ୟରେ ଆମେ ଜୀବନରେ ନିଜ ନିଜର ପରିଚୟ ସୃଷ୍ଟି କରିସାରିଥିବୁ ।"

ପୋଲିସ ଅଫିସର୍ ଜଣକ ଲୋକଟିର ଚେହେରାକୁ ଭଲ ଭାବେ ଚାହିଁଲେ । ତାଙ୍କ ଆଖି କୋଣରେ ଏକ ଛୋଟ କ୍ଷତ ଚିହ୍ନ ଥିଲା ଏବଂ ସେ ପିନ୍ଧିଥିବା କୋଟ୍‌ରେ ଏକ ଦାମୀ ହୀରାର ପିନ୍ ଲାଗିଥିଲା । ସେ ପଶ୍ଚିମ ପ୍ରାନ୍ତରେ ଖୁବ୍ ଧନୀ ହୋଇଯାଇଥିବା ଭଳି ଜଣାପଡୁଥିଲେ ।

ଅଫିସର୍ ପଚାରିଲେ, "ତୁମ ବନ୍ଧୁ ଜିମି ଏପର୍ଯ୍ୟନ୍ତ ଆସିନାହାନ୍ତି, ତୁମେ ଆଉ କେତେ ସମୟ ଅପେକ୍ଷା କରିବ?"

ଲୋକଜଣକ ହସି କହିଲେ, "ଅତି କମ୍‌ରେ ମୁଁ ଆଉ ଅଧ ଘଣ୍ଟା ଅପେକ୍ଷା କରିବି । ମୋର ବିଶ୍ୱାସ ଅଛି ଜିମି ଯଦି ଜୀବିତ ଥିବ, ତା'ହେଲେ ସେ ନିଶ୍ଚୟ ଆସିବ ।"

"ଠିକ୍ ଅଛି, ମୁଁ ମୋ' ଡ୍ୟୁଟିରେ ଯାଉଛି । ଆଶା କରେ ଆପଣଙ୍କ ବନ୍ଧୁ ଶୀଘ୍ର ଆସିବେ ।" ଏହା କହି ପୋଲିସ ଅଫିସର୍ ଜଣକ ସେଠାରୁ ଚାଲିଗଲେ ।

ଠିକ୍ କୋଡ଼ିଏ ମିନିଟ୍ ପରେ ଓଭରକୋଟ୍ ପିନ୍ଧିଥିବା ଜଣେ ଟିକେ ମୋଟା ଲୋକ ଦ୍ରୁତ ଗତିରେ ସେହି ଅନ୍ଧାରୁଆ ଦୋକାନ ଆଡ଼କୁ ଆସିଲା । ସେଇ ଲୋକଟି ପାଖକୁ ଆସି ପଚାରିଲା, "ତୁମେ ବବ୍ ନା?"

ସେଇ ପ୍ରଥମ ଲୋକଟି ଆନନ୍ଦରେ ଚିତ୍କାର କରି କହିଲେ, "ଜିମି! ମୁଁ ଜାଣିଥିଲି ତୁ ନିଶ୍ଚୟ ଆସିବୁ ।"

ଦୁଇ ବନ୍ଧୁ ହାତ ମିଳାଇଲେ ଏବଂ ଭାବବିହ୍ୱଳ ହୋଇ କଥା ହେବାକୁ ଲାଗିଲେ । ବବ୍ ପଶ୍ଚିମରେ କେମିତି ସଫଳତା ପାଇଲା, ସେଇ ବିଷୟରେ ବଡ଼ ବଡ଼ କଥା କହିବାକୁ ଲାଗିଲା । ସେମାନେ କଥା ହେଇ ହେଇ ଆଗକୁ ବଢ଼ିଲେ । ରାସ୍ତାର ମୋଡ଼ରେ ଥିବା ଏକ ମେଡିସିନ୍ ଦୋକାନର ଉଜ୍ଜ୍ୱଳ ଆଲୋକ ସେମାନଙ୍କ ଉପରେ ପଡ଼ିଲା ।

ହଠାତ୍ ବବ୍ ଅଟକିଗଲା ଏବଂ ନିଜ ହାତ ଛଡ଼ାଇ ନେଇ କହିଲା, 'ତୁ ଜିମି ନୁହେଁ! କୋଡ଼ିଏ ବର୍ଷରେ ଜଣକର ଉଚ୍ଚତା ବଢ଼ିପାରେ, ହେଲେ ନାକର ଗଢ଼ଣ ବଦଳି ଯାଇପାରେନା ।"

ସେହି ଦ୍ୱିତୀୟ ବ୍ୟକ୍ତି ଜଣକ ଗମ୍ଭୀର ସ୍ୱରରେ କହିଲେ, "କିନ୍ତୁ କୋଡ଼ିଏ ବର୍ଷରେ ଜଣେ ଭଲ ମଣିଷ ଅପରାଧୀ ହୋଇପାରେ, ବବ୍ । ତୁମେ ଚିକାଗୋ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଅପରାଧୀ । ତୁମକୁ ଗିରଫ କରୁଛି । ଷ୍ଟେସନ ଯିବା ପୂର୍ବରୁ, ମୋ ପାଖରେ ତୁମ ପାଇଁ ଗୋଟିଏ ଛୋଟ ଚିଠି ଅଛି, ଏହାକୁ ପଢ଼ିନିଅ ।"

ବବ୍ କମ୍ପିତ ହାତରେ ସେଇ କାଗଜଟିକୁ ଖୋଲିଲା । ସେଥିରେ ଲେଖାଥିଲା : "ପ୍ରିୟ ବବ୍, ମୁଁ ଠିକ୍ ସମୟରେ ଆମର ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲି । କିନ୍ତୁ ଯେତେବେଳେ ତୁମେ ସିଗାରେଟ୍ ଜଳାଇଲ, ମୁଁ ଦେଖିଲି ତୁମେ ହେଉଛ ଚିକାଗୋ ପୋଲିସ ଖୋଜୁଥିବା ସେହି ପଳାତକ ଅପରାଧୀ । ମୋର ପିଲାଦିନର ବନ୍ଧୁକୁ ମୁଁ ନିଜ ହାତରେ ଗିରଫ କରିପାରିଲି ନାହିଁ, ତେଣୁ ମୁଁ ଚାଲିଗଲି ଏବଂ ଏହି ସାଧାରଣ ପୋଷାକଧାରୀ ଅଫିସର୍‌ଙ୍କୁ ତୁମ ପାଖକୁ ପଠାଇଲି...ତୁମର ପୁରୁଣା ବନ୍ଧୁ, ଜିମି ।"

ଇବ୍ ଆଖିରେ ଲୁହ ଜକେଇ ଆସିଲା । କର୍ତ୍ତବ୍ୟ ଆଗରେ ବନ୍ଧୁତ୍ୱ ହାରି ଯାଇଥିଲା, କିନ୍ତୁ ଜଣେ ବନ୍ଧୁ ଭାବେ ଜିମି ନିଜର ପ୍ରତିଶ୍ରୁତି ମଧ୍ୟ ରଖିଥିଲା । ■

ଶ୍ରାବଣୀ ରେସିଡେନ୍ସୀ
୧୧୪୪, ଗଡ଼ସାହି, ନୟାପଲ୍ଲୀ
ଭୁବନେଶ୍ୱର-୧୨
ମୋ: ୯୪୩୯୭୫୦୩୭୮

# ଏଇ ଅନ୍ଧାର ଓ ଆଲୁଅର ତନ୍ମୟତା



ମୂଳ ଅସମୀୟା : ସମୀର ତାନ୍ତି

ଅନୁବାଦ : ଶୈଳବାଳା ମହାପାତ୍ର

ସେଇ ଆବରଣ ହୀନ ଦିନମାନଙ୍କ ପଛପଟୁ
କାହାର ଏ ନରମ ଡାକ ?

କିଏ ତୁମେ
ମୋର ହୃଦୟ ଭରିଦିଅ
ତମ ଶୂନ୍ୟତାରେ !

କ'ଣ ଏମିତି ନିମିଷକରେ
ଶେଷ କରିଦିଏ
କାଠଛତୁର ବିନତି

ହାତ ମେଲେଇ ଦିଏ ତ
ଉଡ଼ିଯାଏ ଗୋଟେ ପତ୍ର


ସଂଗୀତ ହୀନ ଆକାଶ
ଟୋପେ ଟୋପେ କରି
ମାଟିରୁ ଶୋଷି ନିଏ
ହଳଦୀ ରଙ୍ଗ

ଧୀରେ ଧୀରେ ମୋ ଭିତରକୁ ପଶିଆସେ
ନୀଳ - ନିଃଶବ୍ଦ ଧୂଆଁ

କିଏ ତୁମେ
ମୋର ହୃଦୟ ଭରିଦିଅ
ତମ ଶୂନ୍ୟତାରେ

ହାତ ମେଲେଇ ଦିଏ ତ

ଉଡ଼ିଯାଏ ଗୋଟେ ପତ୍ର !! ■



# ଚଢ଼େଇମାନେ ପଚାରିଲେ

ଚଢ଼େଇମାନେ ପଚାରିଲେ :
ଯିବ ନା
ଯିବ ନା ତୁମେ !
ଫଳଟିଏ ପାଚି
ତୁମକୁ ଚାହିଁ ରହିଛି !

ପାଗଳ ପବନ
କାହାକୁ ଖୋଜି କୋଉଠିକୁ ଯାଏ !
ନିଜେ ଇ ଜାଣେନା ।

ଫଳଟିଏ ପାଚି
ତୁମକୁ ଚାହିଁ ରହିଛି

ଯିବ ନା
ଯିବ ନା ତୁମେ !?

ବହୁଦୂର ଛୋଟ ନଈଟିରେ
ମାଛମାନେ ଆନନ୍ଦରେ ଖେଳୁଛନ୍ତି

ଖିଆଲି ଖରା
କୁଆଡ଼େ ଚାହିଁ କ'ଣ ଯେ ଭାବେ !
ନିଜେ ଇ ଜାଣେନା

ଦୂର ନଈଟିରେ ମାଛମାନେ
ଆନନ୍ଦରେ ଖେଳୁଛନ୍ତି

କହ !
ଯିବ ନା
ଯିବ ନା ତୁମେ
ଶୋକ ସନ୍ଧ୍ୟା
ନିଜକୁ ପାଶୋରି !! ■

ପୁରୀ
ମୋ: ୭୦୦୮୫୮୬୫୦୧


# ଇଂରାଜୀ ସାହିତ୍ୟରେ ମାନବେତର ଚରିତ୍ର



ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର

ପଶୁ ଓ ମଣିଷର ସଂପର୍କ କେବଳ ସହାବସ୍ଥାନର କାହାଣୀ ନୁହେଁ । ଏହା ହେଉଛି ପ୍ରେମ, ଭରସା, ନିଷ୍ଠା ଓ ନୈତିକତାର ଅନନ୍ୟ ବନ୍ଧନ । ଯେତେବେଳେ ନିଜର ସ୍ୱାର୍ଥ, ଲୋଭ ଓ ଅହଂକାରରେ ବଶୀଭୂତ ହୁଏ ମଣିଷ, ସେତେବେଳେ ସରଳତା, ନିଷ୍କପଟତା ଓ ଆତ୍ମତ୍ୟାଗର ପ୍ରତୀକ ହୋଇ ଉଭା ହୋଇଥାନ୍ତି ପଶୁମାନେ । ତେଣୁ ଅନେକ ସମୟରେ ମଣିଷଠାରେ ପଶୁ ପ୍ରବୃତ୍ତି ଦେଖାଦେଉଥିବା ବେଳେ ପଶୁର ମଣିଷପଣିଆ ଆଶ୍ଚର୍ଯ୍ୟ ସୃଷ୍ଟି କରିଥାଏ । ଏହି ନୈତିକତାର ଦ୍ୱନ୍ଦ୍ୱ ସାହିତ୍ୟରେ ପ୍ରତିଫଳିତ ହୋଇ ସମାଜରେ ଆଲୋଡ଼ନ ସୃଷ୍ଟି କରିଥାଏ । ପ୍ରାଚୀନରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସାହିତ୍ୟରେ ମାନବେତର ଜୀବଙ୍କ ଚିତ୍ର ଓ ଚରିତ୍ର ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି । ଓଡ଼ିଆ ସାହିତ୍ୟଠାରୁ ଆରମ୍ଭ କରି ବିଭିନ୍ନ ଭାରତୀୟ ଭାଷାର ସାହିତ୍ୟରେ ମଧ୍ୟ ମାନବେତର ଜୀବଙ୍କୁ ନେଇ ମାର୍ମିକ ସାହିତ୍ୟ ସୃଷ୍ଟି ହୋଇଛି । ସେହିପରି ଇଂରାଜୀ ସାହିତ୍ୟରେ ମାନବେତର ଜୀବଙ୍କୁ ନେଇ ଅନେକ ଚମତ୍କାର କବିତା, ଗପ, ଉପନ୍ୟାସ ରଚନା କରାଯାଇଛି ।

ପଶୁ ଚରିତ୍ର ମାଧ୍ୟମରେ ମଣିଷକୁ ନୀତି, ସାମାଜିକ ମୂଲ୍ୟବୋଧ ଓ ଜୀବନ ଶିକ୍ଷା ଦେବାର ପରମ୍ପରା ବିଶ୍ୱ ସାହିତ୍ୟରେ ଅତ୍ୟନ୍ତ ପ୍ରାଚୀନ ଅଟେ । ରାମାୟଣରେ ଜଟାୟୁଙ୍କ ତ୍ୟାଗ, ହନୁମାନଙ୍କ ଅତୁଳନୀୟ ଭକ୍ତି, ଜଙ୍ଗଲରେ ସୀତା ଶବରୀ ଆଦିଙ୍କୁ ପଶୁ-ପକ୍ଷୀଙ୍କ ସମବେଦନା ମଣିଷକୁ ଧର୍ମ, କର୍ତ୍ତବ୍ୟ ଓ ନିଷ୍ଠାର ଶିକ୍ଷା ଦେଇଥାଏ । ଭାରତୀୟ ସାହିତ୍ୟରେ ପଞ୍ଚତନ୍ତ୍ର, ହିତୋପଦେଶ ଆଦି ମଣିଷ ହୃଦୟରେ ବିବର୍ତ୍ତନ ଆଣିଥାଏ । ଇଂରାଜୀ ସାହିତ୍ୟରେ ଏହି ପ୍ରତିଫଳନ ସାରା ବିଶ୍ୱକୁ ଆନ୍ଦୋଳିତ କରିଛି । ରୁଡୟାର୍ଡ କିପଲିଙ୍ଗଙ୍କ 'ଦି ଜଙ୍ଗଲ ବୁକ୍'ରେ ଜଙ୍ଗଲର ପଶୁମାନେ ମଣିଷଠାରୁ ଅଧିକ ନୈତିକତା, ଶୃଙ୍ଖଳା ଓ ସହଯୋଗିତା ଦେଖାଇଥାନ୍ତି । ଇଂରାଜୀ ଲେଖକ ଓସ୍କାର ୱାଇଲ୍‌ଡଙ୍କ ବହୁ ଚର୍ଚ୍ଚିତ ଗପ ହେଉଛି 'ଦି ନାଇଟିଙ୍ଗେଲ୍ ଏଣ୍ଡ ଦି ରୋଜ୍' । ପ୍ରେମିକାକୁ ଲାଲ ଗୋଲାପ ଦେବା ପାଇଁ ଅସମର୍ଥ ହୋଇ ଯୁବଛାତ୍ର ଭାଙ୍ଗି ପଡ଼ିଛି । କେବଳ ପ୍ରେମର ରକ୍ଷା ପାଇଁ ବୁଲବୁଲ ପକ୍ଷୀ ଗୋଲାପ କଣ୍ଟାରେ ନିଜ ଛାତିର ରକ୍ତ ବୁହାଇ ଶୀତ ଦିନର ଧଳା ଗୋଲାପକୁ ଲାଲ କରିଛି । ଗଛତଳେ ପଡ଼ିଥିବା ବୁଲବୁଲର ମୃତଦେହକୁ ଦୃଷ୍ଟି ମଧ୍ୟ ନ ଦେଇ ଯୁବକ ଲାଲ ଗୋଲାପ ନେଇ ପ୍ରେମିକା ପାଖରେ ପହଞ୍ଚିବା ପରେ ପ୍ରେମିକା ଫୁଲଠାରୁ ରତ୍ନର ମୂଲ୍ୟ ଅଧିକ ବୋଲି ପ୍ରେମକୁ ପ୍ରତ୍ୟାଖ୍ୟାନ କରିଛି । ଏଠାରେ ପକ୍ଷୀର ତ୍ୟାଗ ମଣିଷର ସ୍ୱାର୍ଥପରତାଠାରୁ କେତେ ମହାନ, ଏହି କଥାବସ୍ତୁକୁ ମାର୍ମିକ ଭାବରେ ଲେଖକ ଚିତ୍ରିତ କରିଛନ୍ତି ।




ଜର୍ଜ ଓରୱେଲ୍‌ଙ୍କ ପ୍ରସିଦ୍ଧ ଉପନ୍ୟାସ 'ଆନିମଲ୍ ଫାର୍ମ'ରେ ପଶୁମାନେ ମଣିଷ ମାଲିକଙ୍କ ବିରୁଦ୍ଧରେ ବିଦ୍ରୋହ କରି ସମାନତା ଭିତ୍ତିକ ସମାଜ ଗଢ଼ିବାକୁ ଚାହିଁଛନ୍ତି । କିନ୍ତୁ କ୍ଷମତା ପାଇବା ପରେ ପଶୁ ମାଲିକ ଅଧିକ କ୍ଷମତା ଉପଭୋଗ କରିଛି । ସମାନତା ନାମରେ ସୃଷ୍ଟି ହୋଇଥିବା ଅସମାନତା ଓ ଶୋଷଣ ଯୋଗୁଁ ପଶୁମାନଙ୍କ ଅବସ୍ଥା ଆହୁରି ଖରାପ ହୋଇଛି । ତେଣୁ ଏହା କେବଳ ପଶୁମାନଙ୍କ କାହାଣୀ ନୁହେଁ, ଏହା ଏକ ଗଭୀର ରାଜନୈତିକ ରୂପକ । କ୍ଷମତାର ଦୁରୁପଯୋଗ କରୁଥିବା ମଣିଷ ହୃଦୟରେ କିଭଳି ଭାବରେ ପଶୁ ପ୍ରବୃତ୍ତି ଜାଗ୍ରତ ହୋଇଥାଏ, ଏଭଳି ପ୍ରତୀକଧର୍ମୀ ବାର୍ତ୍ତା ଉପନ୍ୟାସର ଅସଲ ଦିଗ ଅଟେ । ଗୋପ ରଞ୍ଜନ ମିଶ୍ରଙ୍କ କବିତା 'ଫିସିଂ' ସରଳ କିନ୍ତୁ ଏହାର ଗଭୀର ଅର୍ଥ ରହିଛି । ଘରେ ମାଛ ତରକାରୀର ଦୃଢ଼ ପ୍ରତିଶ୍ରୁତି ଦେଇ ମାଛ ଧରିବାକୁ ଯାଇଥିବା କବିତାର ଲେଖକ ବହୁ ସମୟ ଅପେକ୍ଷା କରି ନିରାଶ ହେବା ପରେ ଶେଷରେ ବହୁ କଷ୍ଟରେ ଗୋଟିଏ ବଡ଼ ମାଛ ଧରିଛନ୍ତି । ସେ ଅତ୍ୟଧିକ ଖୁସି ଅନୁଭବ କରିଛନ୍ତି । କିନ୍ତୁ ଛଟପଟ ମାଛର ଓଠ ଓ ଆଖିରୁ ବଞ୍ଚିବାର ବ୍ୟାକୁଳତା ଅନୁଭବ କରିଛନ୍ତି । ସତେ ଯେମିତି ମୁକ୍ତ କରି ପୁଣି ପାଣିରେ ଛାଡ଼ି ଦେବାର ଆକୁଳ ନିବେଦନ କରୁଛି ଅସହାୟ ମାଛ । ମାଛଧରାଳିଙ୍କ ହୃଦୟରେ ବିରାଟ ପରିବର୍ତ୍ତନ ଆସିଛି । ମାଛକୁ ଛାଡ଼ି ଦେଇ ଖାଲି ହାତରେ ଫେରୁଥିବା ଲେଖକ ପୂର୍ବାପେକ୍ଷା ଅଧିକ ଖୁସି ଅନୁଭବ କରିଛନ୍ତି । ପଶୁର ନିରବ ବେଦନା ମଣିଷର ବିବେକକୁ ଜାଗ୍ରତ କରିଛି । ମଣିଷ ତା'ର ଶକ୍ତି ଦ୍ୱରା ନୁହେଁ, ଦୁର୍ବଳ ଓ ନିର୍ବାକ ପ୍ରାଣୀମାନଙ୍କ ପ୍ରତି ତା'ର ବ୍ୟବହାର ଦ୍ୱରା ମହାନ ହୋଇଥାଏ ବୋଲି ଆନ୍ନା ସେୱଲ ଘୋଡ଼ାଟିଏର ଆତ୍ମଜୀବନୀ ମୂଳକ ଉପନ୍ୟାସ 'ବ୍ଲାକ୍ ବ୍ୟୁଟି' ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି । ଚିଡ଼ିଆଖାନାର ଜଞ୍ଜିରରେ ବନ୍ଧା ଜାଗୁଆର ମଧ୍ୟ ସ୍ୱାଭିମାନ ପାଇଁ ସ୍ୱାଧୀନ ଅଟେ ବୋଲି ପ୍ରସିଦ୍ଧ କବି ଟେଡ୍ ହ୍ୟୁଜେସ୍ ତାଙ୍କ 'ଦି ଜାଗୁଆର' କବିତାରେ ଦର୍ଶାଇଛନ୍ତି । ମଣିଷ ସମାଜର ଜଟିଳତା ଓ ମିଥ୍ୟାଚାରରେ ବିରକ୍ତ ହୋଇ ପଶୁମାନଙ୍କ ଗହଣରେ ରହିବାକୁ ଇଚ୍ଛା କରୁଥିବାର କଥା କବି ୱାଲ୍‌ଟ ହ୍ୱାଇଟମ୍ୟାନ୍ ତାଙ୍କ 'ଆନିମଲ୍' କବିତାରେ କହିଛନ୍ତି ।

ପ୍ରସଙ୍ଗ ପର୍ଯ୍ୟବସିତ ଏକ କାହାଣୀ ଏମିତି ଯେ- ବାଘ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗଛ ଉପରକୁ ଚଢ଼ିଛି ମଣିଷ । କିନ୍ତୁ ସେହି ମଣିଷକୁ ତଳେ ପକାଇବା ପାଇଁ ଗଛରେ ଆଶ୍ରୟ ନେଇଥିବା ଭାଲୁକୁ ତାଗିଦ କରିଛି ବାଘ । ଅତିଥି ଦେବୋ ଭବଃ ନ୍ୟାୟରେ ଭାଲୁ ମନା କରିଛି । କିଛି ସମୟ ପରେ ଶୋଇଯାଇଥିବା ଭାଲୁକୁ ପକାଇବାକୁ ମଣିଷକୁ ପ୍ରଲୋଭିତ କରିଛି ବାଘ । ମଣିଷ ଭାଲୁକୁ ଠେଲିବାକୁ ଉଦ୍ୟମ କରୁଥିବା ବେଳେ ଭାଲୁ ଗଛ ଡାଳରେ ଲାଖି ରହି କହିଛି- "ଯେଉଁଠି ମଣିଷ ଥାଆନ୍ତି, ସେଠି ଆମ ପଶୁମାନଙ୍କୁ ସହଜରେ ନିଦ ହୁଏ ନାହିଁ ।" ତେଣୁ ଏଭଳି ସ୍ଥିତିରେ ଆଜିର ମଣିଷ ସମାଜ ।


ପଶୁମାନଙ୍କ କାହାଣୀ ମଣିଷର କାହାଣୀ ଅଟେ । ସେମାନଙ୍କ ଆଚରଣରେ ମଣିଷ ନିଜ ଗୁଣ, ଦୋଷ ଓ କର୍ତ୍ତବ୍ୟକୁ ଚିହ୍ନିବା ଶିଖିଥାଏ । ପଶୁ ଓ ମଣିଷର ସଂପର୍କ ସାହିତ୍ୟରେ ସ୍ନେହ, ବିଶ୍ୱାସ, ତ୍ୟାଗ ଓ କରୁଣାର ଚିରନ୍ତନ ସେତୁ । ଏହା ମଣିଷକୁ ଅଧିକ ମଣିଷ କରିବା ପାଇଁ ତ୍ୱରାନ୍ୱିତ କରିଥାଏ । ଆଜିର ସମାଜରେ ପରିବେଶ ଧ୍ୱଂସ, ପଶୁ ନିର୍ଯାତନା, ଯୁଦ୍ଧ, ହିଂସା ଓ ସ୍ୱାର୍ଥପରତା ବୃଦ୍ଧି ପାଉଥିବା ବେଳେ ନୈତିକତା ବୃଦ୍ଧି ପାଇଁ ଏଭଳି ସାହିତ୍ୟର ପ୍ରାସଙ୍ଗିକତା ଅପରିହାର୍ଯ୍ୟ ଅଟେ । ଯେହେତୁ ପଶୁମାନେ ଅନେକ ସମୟରେ ମଣିଷର ହୃଦୟରେ ଲୁଚିଥିବା ମାନବିକତାକୁ ଜାଗ୍ରତ କରିଥାନ୍ତି । ସେଥିପାଇଁ ସାହିତ୍ୟରେ ମାନବେତର ଜୀବ କେବଳ ଚରିତ୍ର ନୁହେଁ, ସେମାନେ ମଣିଷର ନୈତିକ ବିକାଶର ସହଯାତ୍ରୀ । ■

ତାଲପଦର, ବରଗଡ଼
ମୋ: ୯୯୩୮୨୭୭୬୩୫

# ପୁସ୍ତକ ପରିଚୟ

## ଖୋଳପା

### ଗଂଗାଧର ବିଶ୍ୱାଳ





ଅଲଟ୍ରା ଇମ୍ପ୍ରେସନ୍
ସୁତାହାଟ, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୬୪ ଟଙ୍କା

ଅନେକ ମଣିଷ ଏକ ଖୋଳପା ଭିତରେ ଜୀବନ ବଞ୍ଚନ୍ତି । ସେମାନେ ବାହାରକୁ ଦେଖିବାକୁ ଯେମିତି ଭିତରେ ସେମିତି ନୁହଁନ୍ତି । ଏଭଳି ଏକ ଚିରନ୍ତନ ସତ୍ୟକୁ ନେଇ ଗଂଗାଧର ବିଶ୍ୱାଳଙ୍କ 'ଖୋଳପା' ଉପନ୍ୟାସ ରଚିତ । ଅସ୍‌ଗର୍ ଅଲ୍ଲୀରୁ ବିନୋଦ ପାଲଟିଥିବା ଜଣେ ମୁସଲମାନ ଯୁବକର ପ୍ରେମ, ବିଶ୍ୱାସ ଓ ପ୍ରତାରଣାକୁ ନେଇ ଏହି ଉପନ୍ୟାସର କାହାଣୀ ଆଧାରିତ । ପ୍ରଥମେ ବିନୋଦ ନିଜର ଅସଲ ପରିଚୟ, ଜାତି ଓ ନାଁ ବଦଳାଇ ବିନୀତା ବା ବିନି ନାମ୍ନୀ ଜଣେ ଛାତ୍ରୀ ଓ ତା'ର ମା' ମନରେ ବିଶ୍ୱାସ ସୃଷ୍ଟି କରିବାରେ ସଫଳ ହୋଇଛି । ପରବର୍ତ୍ତୀ ସମୟରେ ସେମାନଙ୍କର ଅସହାୟତାର ସୁଯୋଗ ନେଇ ସହଯୋଗର ହାତ ବଢ଼ାଇଛି । ତେବେ ଶେଷରେ ସେମାନଙ୍କର ବିଶ୍ୱାସରେ ବିଷ ଦେଇଛି । ବିନି ଓ ବିନୋଦ ପରସ୍ପରକୁ ପ୍ରେମ କରି ଘରୁ ପଳାଇ ଯାଇଛନ୍ତି । ପ୍ରେମ, ବିଶ୍ୱାସ ଓ ପ୍ରତାରଣାର ଏକ ମନଛୁଆଁ ଉପନ୍ୟାସ 'ଖୋଳପା' । ଏହି ଉପନ୍ୟାସ କାହାଣୀ, ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଶ୍ରୀଲଙ୍କାରେ ସାତରାତି

### ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ




ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଅନେକ ଲେଖକ ଭ୍ରମଣ ପ୍ରିୟ ଥାଆନ୍ତି । ବିଭିନ୍ନ ଦେଶ ଭ୍ରମଣ କରି ପରବର୍ତ୍ତୀ ସମୟରେ ସେଇ ଅନୁଭୂତିକୁ ଲେଖି ପୁସ୍ତକାରରେ ପ୍ରକାଶିତ କରିଥାନ୍ତି । ସେଭଳି ଜଣେ ଭ୍ରମଣ ପ୍ରିୟ ଲେଖକ ହେଉଛନ୍ତି ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ । ଡକ୍ଟର ଆଚାର୍ଯ୍ୟଙ୍କ ଶ୍ରୀଲଙ୍କା ଭ୍ରମଣ ଅନୁଭୂତିକୁ ନେଇ ପ୍ରକାଶ ପାଇଛି 'ଶ୍ରୀଲଙ୍କାରେ ସାତରାତି' ପୁସ୍ତକ । ଏହି ପୁସ୍ତକରେ ପାଞ୍ଚୋଟି ଅଧ୍ୟାୟ ରହିଛି । ପ୍ରତିଟି ଅଧ୍ୟାୟରେ ନିଜ ଭ୍ରମଣ ଜିଜ୍ଞାସା, ଅନୁଭୂତି, ଅନୁଭବକୁ ଅତି ଚମତ୍କାର ଭାବେ ଲେଖକ ବର୍ଣ୍ଣନା କରିଛନ୍ତି । 'ଭ୍ରମଣ ଜିଜ୍ଞାସା', 'ଶ୍ରୀଲଙ୍କା ସଂପର୍କୀୟ କିଛି ତଥ୍ୟ', 'ଶ୍ରୀଲଙ୍କା ଭ୍ରମଣର ପ୍ରସ୍ତୁତି', 'ଶ୍ରୀଲଙ୍କା ରହଣିକାଳର ସ୍ମୃତି ଅନୁଭୂତି', 'ଶ୍ରୀଲଙ୍କା ପ୍ରତ୍ୟାବର୍ତ୍ତନର ଆବେଗାନୁଭବ' ଆଦି ପ୍ରସଙ୍ଗଗୁଡ଼ିକ ମନଛୁଆଁ ହୋଇଛି । ଲେଖକ ଶ୍ରୀଲଙ୍କା ଭ୍ରମଣ ପାଇଁ ପ୍ରସ୍ତୁତିଠାରୁ ଆରମ୍ଭ କରି ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିବା ପର୍ଯ୍ୟନ୍ତ ବିରଳ ଅନୁଭୂତି ଲିପିବଦ୍ଧ କରିଛନ୍ତି । ଏହି ପୁସ୍ତକରେ କେବଳ ଭ୍ରମଣ ଅନୁଭୂତି ନୁହେଁ, ଶ୍ରୀଲଙ୍କାର ଇତିହାସ, ଭୌଗୋଳିକ ସ୍ଥିତି, ଭାଷା, ସଂସ୍କୃତି, ପରମ୍ପରା, ଚାଲିଚଳଣି, ଦର୍ଶନୀୟ ସ୍ଥାନ ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି । ■

## ଫୁଲ ହୋଇ ଫୁଟିବି

### କୁମୁଦିନୀ ଘି




ନୂଆପଡ଼ା, ହିଂଜିଳିବାହାଲି
କଳାହାଣ୍ଡି
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

"ମା' ଗୋ ଇଷ୍ଟଦେବୀ ଲଙ୍କେଶ୍ୱରୀ ମା'ଗୋ/ ମୋ ଦେଶ ମୋ ଗାଁ ଘଣ୍ଟ ଘୋଡ଼େଇ ଥା' ଗୋ/ ଡାକୁଚି ଆକୁଳ ମନେ/ ଦରଶନ ଦେବୁ ମାଗୋ ବିପଦେ ବିଜନେ ।" (ମା' ଗୋ ଲଙ୍କେଶ୍ୱରୀ) ଦେଶକୁ, ମଣିଷ ସମାଜକୁ ସର୍ବଦା ବିପଦରୁ ଉଦ୍ଧାର କରିବା ନିମନ୍ତେ ଇଷ୍ଟ ଦେବୀଙ୍କଠାରେ ପ୍ରାର୍ଥନା କରେ ଅଷ୍ଟମ ଶ୍ରେଣୀର କୁନି ଝିଅଟିଏ । ଏଭଳି ଅନେକ ଭକ୍ତିରସାଶ୍ରିତ କବିତା ସଂକଳିତ ହୋଇଛି କୁମୁଦିନୀ ଘିଙ୍କ 'ଫୁଲ ହୋଇ ଫୁଟିବି' ପୁସ୍ତକରେ । ଏହି ପୁସ୍ତକର 'ହେ କରୁଣା ସାଗର', 'ଜୟ ମା' ମାଣିକେଶ୍ୱରୀ', 'ମା' ଗୋ ଲଙ୍କେଶ୍ୱରୀ', 'ହେ ଗଜାନନ ବିଘ୍ନ ବିନାଶନ', 'ସରସ୍ୱତୀ ବନ୍ଦନା', 'ଅଗଷ୍ଟ ପନ୍ଦର', 'ପ୍ରକୃତି ପ୍ରେମରେ', 'ଗାଁରେ ସକାଳ', 'ପରିବେଶ ସୁରକ୍ଷା', ନୂଆଁଖାଇ, 'ଦୀପାବଳି' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଇଷ୍ଟ ଦେବଦେବୀଙ୍କ ପ୍ରତି ଭକ୍ତି ଭାବନା, ଦେଶପ୍ରୀତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ବପର୍ବାଣି, ମଣିଷ ଜୀବନର ସୁଖଦୁଃଖକୁ ନେଇ ରଚିତ କବିତାଗୁଡ଼ିକ ଆକର୍ଷଣୀୟ ହୋଇଛି । କବିତାଗୁଡ଼ିକର ଭାବ, ଭାଷା, ଶବ୍ଦ ବିନ୍ୟାସ, ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ପାଚିକା ପଦରେ ଦଳିତ ମହିଳାଙ୍କ ନିଯୁକ୍ତିକୁ ବିରୋଧ

- ପ୍ରଶାସନିକ ଅଧିକାରୀ ମଧ୍ୟ ବୁଝାଇ ପାରିଲେନି
- ଜିଦିରେ ଅଟଳ ଘୁଷୁରାମୁଣ୍ଡା ଗ୍ରାମବାସୀ
- ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଦେଲେ ଗାଁ ଲୋକ
- ଗଛ ତଳେ ପିଲାଙ୍କୁ ଧରି ବସୁଛନ୍ତି କର୍ମୀ
- ୪୪ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୫ ଜଣ ଆସୁଛନ୍ତି
- ଖୋଲାରେ ରୋଷେଇ ହେଉଛି



କଣ୍ଟାବାଞ୍ଜି/ମୁରିବାହାଲ,୨୭ ।୬(ସମିସ): ବର୍ତ୍ତମାନର ବିଜ୍ଞାନ ଯୁଗରେ ଲୋକେ ଏଆଇ ବ୍ୟବହାର କଲେଣି; ହେଲେ ଏବେ ମଧ୍ୟ ଗ୍ରାମାଞ୍ଚଳରରେ ମଧ୍ୟଯୁଗୀୟ ଜାତିପ୍ରଥା ରହିଛି । ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ଘୁଷୁରାମୁଣ୍ଡା ଗାଁରେ ଏଭଳି ଘଟଣା ସାମ୍ନାକୁ ଆସିଛି । ଏଠି ଜଣେ ଦଳିତ ଜାତିର ଉଚ୍ଚ ଶିକ୍ଷିତ ମହିଳା ହଟହଟା ହୋଇଛନ୍ତି । ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ୪୪ ଜଣ କୁନି କୁନି ଛାତ୍ରଛାତ୍ରୀ ପଢୁଛନ୍ତି । ଏମାନଙ୍କ ଯତ୍ନ ନେବା ସହ ରୋଷେଇ କରିବାକୁ ଜଣେ ପାଚିକା ନିଯୁକ୍ତି ହେଇଥିଲେ; ହେଲେ ଗତ କିଛି ମାସ ତଳେ ତାଙ୍କ ମୃତ୍ୟୁ ଘଟିଛି । ଏହାପରେ ମୁରିବାହାଲ ବ୍ଲକ ସିଡ଼ିପିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ପାଚିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଗାଁର ୬ଜଣ ମହିଳା ଅନଲାଇନ ମାଧ୍ୟମରେ ଏଥିଲାଗି ଆବେଦନ କରିଥିଲେ । ଶିକ୍ଷାଗତ ଯୋଗ୍ୟତାକୁ ଆଧାର କରି ଗାଁର ପୁଣ୍ୟ ହରପାଳ ନାମ୍ନୀ ଜଣେ ମହିଳାଙ୍କୁ ନିଯୁକ୍ତି ମିଳିଥିଲା । ଏହାକୁ ନେଇ ଘୁଷୁରାମୁଣ୍ଡା ଗାଁରେ ବିବାଦ ସୃଷ୍ଟି ହୋଇଛି । ସେ ଦଳିତ ଜାତିର । ତାଙ୍କ ସମାଜର ରନ୍ଧା ଆମେ କେବେ ଖାଉନାହିଁ । ଆମ ଛୁଆ କେମିତି ଖାଇବେ । ଦଳିତ ମହିଳା ପାଚିକା ହୋଇ ପାରିବେ ନାହିଁ ବୋଲି ଗାଁର ଅନ୍ୟ ଜାତିର ଲୋକମାନେ କହିଛନ୍ତି । ସମସ୍ତେ ଏକତ୍ରିତ ହୋଇ ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି । ଏ ଖବର ପାଇ ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମୀ, ସିଡିପିଓ ପୂର୍ଣ୍ଣିମା ବୈଠାରୁ, ମୁରିବାହାଲ ଥାନା ଅଧିକାରୀ ବୁଲୁ ମୁଣ୍ଡା ଗାଁରେ ପହଞ୍ଚି ଥିଲେ । ଲୋକଙ୍କ ସହ ଏମାନେ ଆଲୋଚନା କରି ବୁଝାଇବାକୁ ଚେଷ୍ଟା କରିଥିଲେ; କିନ୍ତୁ ଗାଁ ବିଫଳ ହୋଇ ଫେରି ଯାଇଛନ୍ତି । ଗାଁ ଲୋକେ ନିଜ ଜିଦରେ ଅଟଳ ରହିଛନ୍ତି । ଅଙ୍ଗନବାଡ଼ି କେନ୍ଦ୍ରରେ ଗାଁ ଲୋକେ ତାଲା ପକାଇବା ପରେ ଅଙ୍ଗନବାଡ଼ି କର୍ମୀ ଦେବକୀ ବାରିକ ଏକ ଗଛ ତଳେ କୁନିକୁନି ପିଲାଙ୍କୁ ପାଠ ପଢ଼ାଉଛନ୍ତି । ପାଚିକା ପୁଣ୍ୟ ହରପାଳ ସେଠାରେ ଖୋଲାରେ ପିଲାଙ୍କୁ ରୋଷେଇ କରି ଖାଇବାକୁ ଦେଉଛନ୍ତି । ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ ୪୪ ଜଣ ପିଲା ଥିବା ଏବେ ମାତ୍ର ୫ଜଣ ଆସୁଛନ୍ତି । ଅନ୍ୟ ଜାତିର ଲୋକେ ଦଳିତ ଜାତିର ପାଚିକାଙ୍କୁ ବିରୋଧ କରି ତାଙ୍କ ପିଲାଙ୍କୁ ଅଙ୍ଗନବାଡ଼ିକୁ ଛାଡୁ ନାହାନ୍ତି । ପୁଣ୍ୟ ଜଣେ ଉଚ୍ଚ ଶିକ୍ଷିତ ମହିଳା । ତାଙ୍କ ଶିକ୍ଷାଗତ ଯୋଗ୍ୟତା ଏମ୍.ଏ; କିନ୍ତୁ ଏତେ ପାଠ ପଢିଥିବା ସତ୍ତ୍ୱେ ମଧ୍ୟ ଆଜି ଛୋଟ ଜାତି ବୋଲି ତାଙ୍କୁ ନିଜର ଅଧିକାର ପାଇଁ ସଂଘର୍ଷ କରିବାକୁ ପଡୁଛି ବୋଲି ସେ କୋହଭରା କଣ୍ଠରେ କହିଛନ୍ତି । ତେବେ ୨୦୧୩ରେ ମଧ୍ୟ ଏହି ଗାଁରେ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ନେଇ ମଧ୍ୟ ବଡ଼ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା । ଜଣେ ଦଳିତ ଜାତିର ମହିଳା ଅଙ୍ଗନବାଡ଼ି କର୍ମୀ ଭାବେ ନିଯୁକ୍ତ ହେବା ପରେ ସେହି ଗାଁର ଅନ୍ୟ ଜାତିର ଲୋକେ ବିରୋଧ କରିଥିଲେ । କେବଳ ବିରୋଧ କରି ନ ଥିଲେ; ବରଂ ସେହି ଗାଁର ଦଳିତ ପରିବାରର ଲୋକଙ୍କୁ ଆକ୍ରମଣ କରିଥିଲେ । ଏହାଫଳରେ ଗାଁରେ ଥିବା ଦଳିତ ପରିବାରର ଲୋକ ଗାଁ ଛାଡି ଅନ୍ୟ ଗାଁରେ ଆଶ୍ରୟ ନେଇଥିଲେ । ଆଜିଯାଏ ଏହି ଗାଁରେ ଜାତିପ୍ରଥା ରହିଛି । ଏହି ଗାଁରେ ଜାତିପ୍ରଥାକୁ ନେଇ ସଚେତନତାର ଅଭାବ ରହିଛି । ଅନ୍ୟପକ୍ଷରେ ଦଳିତ ସମାଜର ଜଣେ ଉଚ୍ଚ ଶିକ୍ଷିତ ମହିଳାଙ୍କୁ ଅସମ୍ମାନ କରି ଜାତିଆଣ ଆକ୍ଷେପ କରି ଭେଦଭାବ କରୁଥିବା ଯୋଗୁଁ ଏବେ ସମଗ୍ର ପଶ୍ଚିମ ଓଡ଼ିଶାର ଦଳିତ ସମାଜ ଏହାକୁ ବିରୋଧ କରି ଜଣେ ଦଳିତ ମହିଳାଙ୍କୁ ନ୍ୟାୟ ଦେବାକୁ ଦାବି କରିଛି । ସୋସିଆଲ ମିଡିଆରେ ଏବେ ପୁଣ୍ୟ ହରପାଳଙ୍କ ସମର୍ଥନରେ ଦଳିତ ଜାତିର ହଜାର ହଜାର ଲୋକେ ବାହାରିଛନ୍ତି । ନିଜ ଦଳିତ ଜାତିର ମହିଳାଙ୍କୁ ଅସମ୍ମାନ ଅପମାନକୁ ନେଇ ଦଳିତ ସମାଜ ଗୁଡ଼ିକ ଏକତ୍ରିତ ହୋଇ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି । ଯେଉଁ ଲୋକମାନେ ଗଣମାଧ୍ୟମରେ ସିଧାସଳଖ ପ୍ରତିକ୍ରିୟା ରଖି ଜାତିଆଣ ଆକ୍ଷେପ କରୁଛନ୍ତି ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦଳିତ ସମାଜ ଦାବି କରିଛି ।

# ଆଖଡ଼ା ଶୋଭାଯାତ୍ରାରେ ଗୋଷ୍ଠୀ ସଂଘର୍ଷ; ୧୦ରୁ ଅଧିକ ଆହତ

ବାଲେଶ୍ୱର,୨୭।୬ (ସମିସ): ବାଲେଶ୍ୱରରେ ଶୁକ୍ରବାର ବିଳମ୍ବିତ ରାତିରେ ଆଖଡ଼ା ଶୋଭାଯାତ୍ରା ବେଳେ ଅଘଟଣ ଘଟିଛି । ଉକ୍ତ ଶୋଭାଯାତ୍ରା ବାଲେଶ୍ୱର ସହର ପରିକ୍ରମା ପାଇଁ ବାହାରି ଥିବା ବେଳେ ଭୋର ସମୟରେ ଦରଘା ମଇଦାନ ନିକଟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏପରିକି ଉଭୟ ଗୋଷ୍ଠୀ ମଧ୍ୟରେ ଟେକା ପଥର ମାଡ଼ କରି ପ୍ରାୟ ୧୦ରୁ ଅଧିକ ଲୋକ ଆହତ ହୋଇଥିବା ଜଣା ଯାଇଛି । ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଅନ୍ୟପଟେ ଘଟଣା ସ୍ଥଳରେ ଆରକ୍ଷୀ ଅଧୀକ୍ଷକଙ୍କ ସହ ଏସ୍‌ଡିପିଓ, ଟାଉନ ଥାନା ଅଧିକାରୀ ଘଟଣା ସ୍ଥଳକୁ ଯାଇ ବୁଝାସୁଝା କରିଥିଲେ । ଏସପିଙ୍କ କଡ଼ା ନିର୍ଦ୍ଦେଶରେ ଅଞ୍ଚଳକୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ଅନ୍ୟପଟେ ଆଜି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହି ଘଟଣାକୁ ଗୁରୁତ୍ୱର ସହ ପୁଲିସ୍ ନେଇଛି । ଘଟଣାରେ ଜଡ଼ିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଦିବ୍ୟ ଜ୍ୟୋତି ଦାଶ, ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ୍‌ସିବିରୁ ରୋଗୀ ନିଖୋଜ

**ପତ୍ନୀଙ୍କ ଏତଲାରେ ପୁଲିସ ତଦନ୍ତ ଆରମ୍ଭ**

କଟକ,୨୭ ।୬(ସମିସ): ଏସ୍‌ସିବି ମେଡିକାଲର ସୁପରସ୍ପେସାଲିଟି ବହିର୍ବିଭାଗରୁ ଜଣେ ରୋଗୀ ନିଖୋଜ ହୋଇଯାଇଥିବା ବେଳେ ତାଙ୍କ ପତ୍ନୀ ମଙ୍ଗଳାବାଗ ଥାନାରେ ଏତଲା ଦେଇଛନ୍ତି । ନିଖୋଜ ରୋଗୀ ଜଣକ ହେଉଛନ୍ତି, ବାରିପଦା ଅଞ୍ଚଳର ଚନ୍ଦ୍ରକାନ୍ତ ମହାନ୍ତି(୫୬) । ଗତ ୨୩ ତାରିଖରେ ନେଫ୍ରୋଲୋଜି ବିଭାଗର ଡାକ୍ତରଙ୍କୁ ଦେଖାଇବାକୁ ଆସିଥିବା ବେଳେ ଉକ୍ତ ବିଭାଗ ବହିର୍ବିଭାଗରେ ଅପେକ୍ଷା କରିଥିଲେ । କିଛି ସମୟ ଡାକ୍ତରଙ୍କୁ ଅପେକ୍ଷା କରି ବସି ରହିବା ପରେ ସେଠାରୁ କେଉଁ ଆଡେ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି । ଏନେଇ ତାଙ୍କ ପତ୍ନୀ ସ୍ମୃତିସ୍ନିଗ୍ଧା ସାହୁ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ସୂଚନା ମୁତାବକ, ଚନ୍ଦ୍ରକାନ୍ତଙ୍କ ମାନସିକ ସ୍ଥିତି ଠିକ୍ ନଥିବାରୁ ସେ ଗତ ୧୯ ତାରିଖରେ ଏସ୍‌ସିବି ମାନସିକ ବିଭାଗରେ ଭର୍ତ୍ତି ହୋଇଥିଲେ । ସେଠାକାର ଡାକ୍ତର ତାଙ୍କର କିଡ଼ନୀଜନିତ ସମସ୍ୟା ଥିବା ଆଶଙ୍କା କରି ନେଫ୍ରୋଲୋଜି ବିଭାଗର ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ । ଏହାପରେ ଚନ୍ଦ୍ରକାନ୍ତଙ୍କୁ ତାଙ୍କ ପତ୍ନୀ ନେଫ୍ରୋଲୋଜିବିଭାଗର ବହିର୍ବିଭାଗକୁ ଆଣିଥିଲେ । ତାଙ୍କୁ ଭୋକ କରୁଥିବା ସେ କହିବାରୁ ପତ୍ନୀ କହିଥିଲେ ଯେ ପ୍ରଥମେ ଡାକ୍ତର ଚେକଅପ୍ କରି ଦିଅନ୍ତୁ, ତା'ପରେ ଖାଇବ । ଡାକ୍ତର ଦେଖି ସାରିବା ପରେ ପତ୍ନୀ ଖାଇବା ଆଣିବାକୁ ମେଡିକାଲ୍ ବାହାରକୁ ଯାଇଥିଲେ । ଏହାରି ଭିତରେ ଚନ୍ଦ୍ରକାନ୍ତ କେଉଁ ଆଡେ ପଳାଇଥିଲେ । ପତ୍ନୀ ଆସି ସେଠାରେ ଖୋଜିବା ପରେ ତାଙ୍କୁ ପାଇ ନଥିଲେ । ଶେଷରେ ଥାନାରେ ଏତଲା ଦେଇଥିଲେ । ପୁଲିସ ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ଓ ଏସ୍‌ସିବି ପରିସର ସିସି କ୍ୟାମେରା ଫୁଟେଜ୍ ଆଣି ଯାଞ୍ଚ କରୁଥିବା ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିମିଳିପାଳର ଶୋଭା...

ଅଭୟାରଣ୍ୟ ଭିତରେ ୨୦ କିଲୋମିଟର ପରିଧି ମଧ୍ୟରେ ୨୦ରୁ ଅଧିକ କ୍ୟାମେରା ଟ୍ରାପ୍ ଲଗାଇଛନ୍ତି । ଏଥିସହିତ ବାଘୁଣୀ ଜିନତର ଗତିବିଧି ଜାଣିବା ପାଇଁ ତାକୁ ଏକ ସାଟେଲାଇଟ୍ କଲାର୍ ପିନ୍ଧାଯାଇଛି ଓ ଭିଏଚଏଫ୍ ଟ୍ରାକିଂ ସିଗ୍ନାଲ୍ ମାଧ୍ୟମରେ ତଦାରଖ କରାଯାଉଛି । ବନ ବିଭାଗ ଅଧିକାରୀ କହିଛନ୍ତି ଯେ କୋର୍ ଜଙ୍ଗଲ ଅଞ୍ଚଳରେ ଲଗାଯାଇଥିବା କ୍ୟାମେରା ଟ୍ରାପ୍ ମାଧ୍ୟମରେ ଏକ ସ୍ୱତନ୍ତ୍ର ଟିମ୍ ବାଘୁଣୀ ଓ ତା'ର ଶାବକଙ୍କ ଉପରେ କ୍ରମାଗତ ନଜର ରଖିଛନ୍ତି । ମଣିଷମାନଙ୍କ ଯୋଗୁଁ ଯେପରି କୌଣସି ବାଧା ଉପୁଜିବ ନାହିଁ ଓ ସେମାନଙ୍କ ସୁରକ୍ଷା ନିଶ୍ଚିତ ହେବ, ସେଥିପାଇଁ ଅଭୟାରଣ୍ୟର ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି କରାଯାଇଛି ।

ସୂଚନାଯୋଗ୍ୟ, ବିଶ୍ୱପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା (ଆନୁବଂଶିକ ବିବିଧତା) ରକ୍ଷା କରିବା ପାଇଁ ୨୦୨୪ ନଭେମ୍ବର ୧୪ ତାରିଖରେ ମହାରାଷ୍ଟ୍ର ତଡ଼ବା ଅଭୟାରଣ୍ୟରୁ ଶିମିଳିପାଳକୁ ପର୍ଯ୍ୟାୟକ୍ରମେ ଆସିଥିବା ୨ଟି ବାଘୁଣୀ ମଧ୍ୟରୁ ଜିନତ ୪ଟି ସୁସ୍ଥ ଶାବକକୁ ଜନ୍ମ ଦେଇଥିଲା । ଏହି ସଫଳତା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ କଳାବାଘ ସଂଖ୍ୟା ନିୟନ୍ତ୍ରଣ ସହିତ ବାଘ ସଂଖ୍ୟାରେ ବୃଦ୍ଧି ଯୋଜନାର ଲକ୍ଷ୍ୟ ହାସଲ ହୋଇଛି । ତତ୍‌ସହିତ ଏହି ୪ ଶାବକକୁ ମିଶାଇ ବର୍ଷକ ମଧ୍ୟରେ ଶିମିଳିପାଳରେ ୧୬ଟି ବାଘ ଶାବକ ଜନ୍ମ ନେଇଛନ୍ତି । ୫ଟି ମାଈ ବାଘୁଣୀ ଔରସରୁ ଏହି ଶାବକ ଜନ୍ମ ହୋଇଥିବାବେଳେ ସେଥିମଧ୍ୟରୁ ମହାରାଷ୍ଟ୍ର ବାଘୁଣୀ ଜିନତ୍ ୪ଟି ଶାବକ ଜନ୍ମ ଦେଇଛି ।

### ପୋତି ହୋଇଗଲା...

ସୁଦ୍ଧା ଏହା ବାକି ଅଞ୍ଚଳକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିବ ବୋଲି ପୂର୍ବାନୁମାନ କରାଯାଇଛି । ତେବେ ଉତ୍ତର ପ୍ରଦେଶରେ ଏହା ନିର୍ଦ୍ଧାରିତ ସମୟଠାରୁ ୮ ଦିନ ବିଳମ୍ବରେ ପହଞ୍ଚିଛି । ବିହାର ସୀମାରେ ପ୍ରାୟ ୧୫ ଦିନ ଧରି ଅଟକି ରହିବା ପରେ ଆସନ୍ତା ୨ ଦିନ ମଧ୍ୟରେ ଏହା ଉତ୍ତର ପ୍ରଦେଶରେ ପ୍ରବେଶ କରିବ । ଅନ୍ୟପଟେ ପଞ୍ଜାବରେ ଜୁଲାଇ ପ୍ରଥମ ସପ୍ତାହରେ ମୌସୁମୀ ଆସିବାର ସମ୍ଭାବନା ରହିଛି । ମୌସୁମୀ ବର୍ଷା ସତ୍ତ୍ୱେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିଆଣା, ଦିଲ୍ଲୀ ଏବଂ ଗୁଜରାଟର କେତେକ ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି । ହରିଆଣାର ରୋହତକଠାରେ ଦେଶର ସର୍ବାଧିକ ତାପମାତ୍ରା ୪୩.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ୪୩.୨ଡିଗ୍ରୀ, ବାନ୍ଦା ଓ ଆଗ୍ରାରେ ୪୩ ଡିଗ୍ରୀ, ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ୪.୧ ଡିଗ୍ରୀ ଏବଂ ଗୁଜରାଟର ଅହମଦାବାଦରେ ୪୧.୭ଡିଗ୍ରୀ ତାପମାତ୍ରା ରହିଛି ।

ଆଗାମୀ ୨ ଦିନରେ ଆସାମ, ମେଘାଳୟ, ପଶ୍ଚିମବଙ୍ଗ ଏବଂ ସିକିମରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଗୋଆ, ତେଲଙ୍ଗାନା ଏବଂ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଝାଡ଼ଖଣ୍ଡରେ ମଧ୍ୟ ପ୍ରବଳ ବର୍ଷା ନେଇ ଚେତାବନୀ ଦିଆଯାଇଛି । ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, କେରଳ, ଗୋଆ, ତାମିଲନାଡୁ ଏବଂ ପୂର୍ବୋତ୍ତର ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ହୋଇପାରେ । ବିହାର, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ରାଜସ୍ଥାନରେ ଘଣ୍ଟାପ୍ରତି ୩୦ ରୁ ୬୦ କିଲୋମିଟର ବେଗରେ ପବନ ବହିବାର ଆଶଙ୍କା ରହିଛି । ଚଳିତ ବର୍ଷ ମୌସୁମୀର ଗତିପଥ ଅସମାନ ରହିଥିବାରୁ ଦେଶର କେତେକ ସ୍ଥାନରେ ପ୍ରବଳ ବର୍ଷା ଓ ବାଦଲଫଟା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ଲୋକେ ଏବେ ମଧ୍ୟ ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ହେଉଛନ୍ତି । ପାଣିପାଗ ବିଭାଗ ଆଗାମୀ କିଛି ଦିନ ମଧ୍ୟରେ ଅଧିକାଂଶ ରାଜ୍ୟରେ ବର୍ଷା ହେବା ସହ ତାପମାତ୍ରାରେ ହ୍ରାସ ଘଟିବ ବୋଲି ଆଶା ପ୍ରକଟ କରିଛି ।

### ୨ ମାସରେ ଖର୍ଚ୍ଚ...

ରହିଥିଲା । ଝାଡ଼ଖଣ୍ଡର ପୁଞ୍ଜି ବ୍ୟୟ କ୍ଷେତ୍ରରେ ୦.୦୫%ର ନେଟ୍-ନେଗେଟିଭ୍ ହାର ହାସଲ କରିଛି । ଅନ୍ୟପକ୍ଷରେ, ତ୍ରିପୁରା ଏହାର ପୁଞ୍ଜି ଆବଣ୍ଟନର କେବଳ ୦.୩୪% ବ୍ୟବହାର କରିଥିବାବେଳେ ମେଘାଳୟ (୧.୫୫%), ଉତ୍ତରାଖଣ୍ଡ (୧.୬୭%) ଏବଂ ମହାରାଷ୍ଟ୍ର (୧.୮୫%) ମଧ୍ୟ ସବୁଠାରୁ ଦୁର୍ବଳ ପ୍ରଦର୍ଶନକାରୀଙ୍କ ମଧ୍ୟରେ ରହିଥିଲେ । ଏଥିରେ ସୁବଠାରୁ କୌତୂହଳର ବିଷୟ ହେଉଛି, ପୁଞ୍ଜି ବ୍ୟୟ ଦୃଷ୍ଟିରୁ ଦେଶର ତିନି ବୃହତ ରାଜ୍ୟ ଉତ୍ତର ପ୍ରଦେଶ (୨.୯୮%), ତାମିଲନାଡୁ (୩.୯୨%) ଏବଂ କର୍ଣ୍ଣାଟକ (୩.୯୬ %) କରି ପଛରେ ରହିଛନ୍ତି । ସର୍ବବୃହତ ବଜେଟ୍ ଥିବା ରାଜ୍ୟ ଉତ୍ତର ପ୍ରଦେଶ ଚଳିତ ଆର୍ଥକବର୍ଷର ପ୍ରଥମ ଦୁଇ ମାସରେ ପ୍ରାୟ ୧.୭୮ ଲକ୍ଷ କୋଟି ଟଙ୍କାର ବାର୍ଷିକ ପୁଞ୍ଜି ଖର୍ଚ୍ଚ ଆବଣ୍ଟନର ୩ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛି । ବିଶେଷକରି, ମହାରାଷ୍ଟ୍ର ଏବଂ ଓଡ଼ିଶା ଉଭୟ ଏପ୍ରିଲରେ ନିଟ୍ ନକାରାତ୍ମକ ପୁଞ୍ଜି ଖର୍ଚ୍ଚ ରେକର୍ଡ କରିଥିଲେ । କିନ୍ତୁ ମେ' ମାସରେ ବ୍ୟୟରେସକାରାତ୍ମକ ପାଲଟିଛନ୍ତି । ମହାରାଷ୍ଟ୍ର ମେ' ମାସରେ ପ୍ରାୟ ୨,୫୩୦ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଓଡ଼ିଶା ପ୍ରାୟ ୨,୪୨୫ କୋଟି ଟଙ୍କା ବ୍ୟୟ କରିଛି ।

### ପୁଣି ପ୍ରଶ୍ନପତ୍ର...

ସୂଚନା ଅନୁଯାୟୀ, ଜୁନ୍ ୨୭ ତାରିଖ ସକାଳେ ଗୋପନୀୟ ସୂଚନା ଆଧାରରେ ପୁଲିସ୍ ଭିୱାଣ୍ଡି ଅଞ୍ଚଳରେ ଏକ ବଡ଼ ଚଢ଼ାଉ କରିଥିଲା । ଏହି ସମୟରେ ପରୀକ୍ଷା ପରିଷଦର ଅଧିକାରୀମାନଙ୍କୁ ମଧ୍ୟ ଘଟଣାସ୍ଥଳକୁ ଡକାଯାଇଥିଲା । ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ପାଖରୁ ମିଳିଥିବା କେତେକ ପ୍ରଶ୍ନ, ଆସନ୍ତାକାଲି ହେବାକୁ ଥିବା ଶିକ୍ଷକ ଯୋଗ୍ୟତା ପରୀକ୍ଷାର ପ୍ରଶ୍ନ ସହ ହୁବହୁ ମେଳ ଖାଉଛି । ଏହି ଘଟଣାରେ ଭିୱାଣ୍ଡି ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ବର୍ତ୍ତମାନ ଶିକ୍ଷା ବିଭାଗ ପକ୍ଷରୁ ଏହାର ସୂକ୍ଷ୍ମ ଯାଞ୍ଚ କରାଯାଉଛି ଯେ ଜବତ ହୋଇଥିବା କାଗଜପତ୍ର ପ୍ରକୃତ ପ୍ରଶ୍ନପତ୍ର ନା କୌଣସି ଅଭ୍ୟାସ ପ୍ରଶ୍ନପତ୍ର । ଯଦି ଯାଞ୍ଚ ପରେ ଏହା ପ୍ରକୃତ ପ୍ରଶ୍ନପତ୍ର ବୋଲି ପ୍ରମାଣିତ ହୁଏ, ତେବେ ଶିକ୍ଷା ବିଭାଗ ଏହି ପରୀକ୍ଷାକୁ ସମ୍ପୂର୍ଣ୍ଣ ରୂପେ ବାତିଲ କରିଦେଇପାରେ ଏବଂ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆହୁରି କଠୋର ହେବ । ଏହି ମାମଲାରେ ପୁଲିସ୍ ବର୍ତ୍ତମାନ ସୁଦ୍ଧା ତିନି ଜଣଙ୍କ ବିରୋଧରେ ମାମଲା ରୁଜୁ କରି ଖୋଳତାଡ଼ ଜାରି ରଖିଛି ।

### ଓଟିଏଏସ୍ ଅଧିକାରୀ...

ତାଙ୍କୁ ଜୁଡିସିଆଲ୍ କଷ୍ଟୋଡିକୁ ପଠାଯାଇଛି । ଅପରାଧିକ ମାମଲାରେ ୪୮ ଘଣ୍ଟାରୁ ଅଧିକ ସମୟଧରି ପୁଲିସ ଦ୍ୱାରା ଅଟକ ଥିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ତାଙ୍କୁ ସିଧାସଳଖ ସରକାରୀ ସେବାରୁ ବରଖାସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଯେ ଚନ୍ଦ୍ରିକା ଓ ଭୀମସେନ ଛୋଟ ବେଳୁ ଏକାଠି ଗୋଟିଏ ସ୍କୁଲରେ ପଢୁଥିଲେ । ଏହାପରେ କଟକର ଏକ କଲେଜରେ ଉଭୟ ଯୁକ୍ତ ବିଜ୍ଞାନ ବିଭାଗରେ ନାମ ଲେଖାଇଥିଲେ । ଦୀର୍ଘ ୧୫ ବର୍ଷ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ସେମାନେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ୨୦୨୭ ଡିସେମ୍ବରରେ ଉଭୟ ବିବାହ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଥିଲେ । ଦୁହେଁ ଅନେକ ସମୟରେ ଏକାଠି ବୁଲାବୁଲି କରୁଥିଲେ ଓ ରହୁଥିଲେ । ହେଲେ ଭୀମସେନଙ୍କ ଜୀବନରେ ସ୍ୱାତୀ ନାମ୍ନୀ ଆଉ ଜଣେ ଯୁବତୀ ପ୍ରବେଶ କରିବା ପରେ ଚନ୍ଦ୍ରିକାଙ୍କ ସହିତ ତାଙ୍କର ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା । ଏପରିକି ଚନ୍ଦ୍ରିକାଙ୍କୁ ଭୀମସେନ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା । ଏହାପରେ ଚନ୍ଦ୍ରିକା କଟକ ତ୍ରିଶୂଳିଆଠାରେ ଆତ୍ମହତ୍ୟା କରିଥିବା ବେଳେ ଝିଅରମୃତ୍ୟୁ ପାଇଁ ତାଙ୍କ ମାଆ ଭୀମସେନଙ୍କୁ ଦାୟୀ କରିଥିଲେ । ମାନସିକ ନିର୍ଯାତା କାରଣରୁ ଝିଅ ଆତ୍ମହତ୍ୟା କରିଥିବା ନେଇ ଚନ୍ଦ୍ରିକାଙ୍କ ମାଆ ଏତଲାରେ ଉଲ୍ଲେଖ କରିଥିଲେ । ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ ଦାୟୀ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

### ପୁଣି ଆମେରିକା-ଇରାନ...

ସାମ୍ବାଦିକମାନେ ଯେତେବେଳେ ଟ୍ରମ୍ପଙ୍କୁ ପଚାରିଥିଲେ ଯେ ଆମେରିକା ଏହାର ପ୍ରତିଶୋଧ ନେବ କି? ଟ୍ରମ୍ପ ଉତ୍ତର ଦେଇଥିଲେ, 'ଆପଣମାନେ ଖୁବ୍ ଶୀଘ୍ର ଜାଣିବାକୁ ପାଇବେ ।' ଏହାର କିଛି ସମୟ ପରେ ଆମେରିକାର କେନ୍ଦ୍ରୀୟ ସାମରିକ କମାଣ୍ଡ ପକ୍ଷରୁ ଇରାନ ଭିତରେ ଥିବା କ୍ଷେପଣାସ୍ତ୍ର, ଡ୍ରୋନ ସଂରକ୍ଷଣ ଗୃହ ଏବଂ ଉପକୂଳବର୍ତ୍ତୀ ରାଡାର କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିବା ସୂଚନା ଦିଆଯାଇଥିଲା । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଚେତାବନୀ ଦେଇ କହିଛନ୍ତି ଯେ, 'ଇରାନ ସହିତ ଅସ୍ତ୍ରବିରତି ଚୁକ୍ତି ହୋଇଥିଲା ଏବଂ ଆମେ ତାହାକୁ ସମ୍ମାନ ଜଣାଇଛୁ । ଯଦି ସେମାନଙ୍କର କୌଣସି ଆପତ୍ତି ଥିଲା, ତେବେ ସେମାନେ ଆଲୋଚନା କରିପାରିଥାନ୍ତେ । କିନ୍ତୁ ମନେରଖିବା ଉଚିତ ଯେ ହିଂସାର ଜବାବ ସର୍ବଦା ହିଂସାରେ ହିଁ ଦିଆଯିବ ।ଅପରପକ୍ଷରେ, ଆମେରିକାର ଏହି ଆକ୍ରମଣକୁ ନେଇ ଇରାନ ଉଦବେଗ ପ୍ରକାଶ କରିଛି । ଇରାନ ସଂସଦର ଜାତୀୟ ସୁରକ୍ଷା କମିଟିର ମୁଖ୍ୟ ଇବ୍ରାହିମ ଅଜିଜି ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ, ଆଲୋଚନା ଚାଲିଥିବା ସମୟରେ ଆକ୍ରମଣ କରି ଆମେରିକା ନିଜର ବିଶ୍ୱସନୀୟତା ହରାଇଛି । ଏହି ବେଆଇନ ଆକ୍ରମଣ ପାଇଁ ଆମେରିକାକୁ ଶେଷରେ 'ପଛକୁ ହଟିବାକୁ ହେବ ଏବଂ ଅନୁତାପ କରିବାକୁ ପଡ଼ିବ ।' ଇରାନ ଗଣମାଧ୍ୟମ ଅନୁସାରେ, ଆମେରିକାର ଆକ୍ରମଣରେ ସିରିକ ବନ୍ଦର ନିକଟସ୍ଥ ଅଞ୍ଚଳ ପ୍ରଭାବିତ ହୋଇଛି ଏବଂ ଏହାର ଜବାବରେ ଇରାନ ସେନା ମଧ୍ୟ ଆମେରିକୀୟ ଘାଟି ଉପରେ ଆକ୍ରମଣ କରିଛି । ଏହି ସାମରିକ ଗତିରୋଧ କାରଣରୁ ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ସାମୁଦ୍ରିକ ବାଣିଜ୍ୟ ପଥ 'ହର୍ମୁଜ ପ୍ରଣାଳୀ' ଏବେ ସଂଘର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି । ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତେଲ ଏବଂ ଗ୍ୟାସ୍ ଯୋଗାଣ ଏହି ସଂକୀର୍ଣ୍ଣ ଜଳପଥ ଦେଇ ହୋଇଥାଏ । ତେଣୁ ଏହି ଅଞ୍ଚଳରେ ଯଦି ଯୁଦ୍ଧ ସ୍ଥିତି ଲାଗିରହେ, ତେବେ ସାରା ବିଶ୍ୱରେ ପୁଣି ଇନ୍ଧନ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି । ମିଳିଥିବା ସୂଚନା ଅନୁଯାୟୀ ଇରାନ ହର୍ମୁଜ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଚେଷ୍ଟା କରୁଛି, ଯାହାକୁ ଆମେରିକା ଏବଂ ଆରବ ସାଗରୀୟ ଦେଶଗୁଡ଼ିକ ବିରୋଧ କରୁଛନ୍ତି । ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଏହି ସାମରିକ ସଂଘର୍ଷ କେବଳ ଦୁଇଟି ଦେଶ ମଧ୍ୟରେ ସୀମିତ ନାହିଁ, ବରଂ ଏହା ସମଗ୍ର ବିଶ୍ୱର ଅର୍ଥନୀତି ଏବଂ ସୁରକ୍ଷା ପାଇଁ ଏକ ବଡ଼ ବିପଦ । ସୁଇଜରଲ୍ୟାଣ୍ଡରେ ହୋଇଥିବା ଶାନ୍ତି ଚୁକ୍ତି ମାତ୍ର କେଇ ଦିନ ମଧ୍ୟରେ ଭାଙ୍ଗିଯିବା ଦର୍ଶାଉଛି ଯେ ଉଭୟ ଦେଶ ମଧ୍ୟରେ ଅବିଶ୍ୱାସର ପାଚେରୀ କେତେ ଗଭୀର । ଯଦି ଆନ୍ତର୍ଜାତୀୟ ସ୍ତରରେ ଏହି ସଙ୍କଟକୁ ତୁରନ୍ତ ସମାଧାନ କରା ।ନଯାଏ, ତେବେ ଏହା ଏକ ବ୍ୟାପକ ଆଞ୍ଚଳିକ ମହାଯୁଦ୍ଧର ରୂପ ନେଇପାରେ, ଯାହାର ଭୟଙ୍କର ପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ ।

### ଦାଗୀ ହାତରେ...

କରି ନଥିବା ବିଧାୟକମାନେ ଅଭିଯୋଗ କରିଥିଲେ । ସବୁଠାରୁ ଚାଞ୍ଚଲ୍ୟକର ଅଭିଯୋଗ ହେଲା, ତତ୍କାଳୀନ ମୟୂରଭଞ୍ଜ ସାଂସଦଙ୍କ ଅଭିଯୋଗ କ୍ରମେ ଶ୍ରୀ ପାଢ଼ୀଙ୍କୁ କାର୍ଯ୍ୟାନ୍ତର କରାଯାଇଥିଲେ ମଧ୍ୟ ପରେ ତାଙ୍କୁ ସେହି ପଦରେ ହିଁ ପୁନଃ ଅବସ୍ଥାପିତ କରାଯାଇଥିଲା । ତାଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ଏତିକିରେ ସରିନାହିଁ । ସେ କର୍ମଚାରୀ ଓ ଭେଣ୍ଡରଙ୍କ ଠାରୁ ଚାନ୍ଦା ଆଦାୟ କରୁଥିବା ମଧ୍ୟ ବିଧାୟକମାନେ ଅଭିଯୋଗ କରିଥିଲେ । ଏହାର ଭିଡ଼ିଓ ମଧ୍ୟ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବିକାଶ ପାଇଁ ମଞ୍ଜୁରୀ ଅର୍ଥରୁ ପିସି ନେଉଥିବା ମଧ୍ୟ ଅଭିଯୋଗରେ ଦର୍ଶାଇଥିଲେ । ଏଣୁ ତାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ଅପସାରିତ କରି ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ପଦରୁ ହଟାଇବାକୁ ସମସ୍ତ ୧୫ ବିଧାୟକ ଦାବି କରିଥିଲେ । ଏହି ଘଟଣା ପଦାକୁ ଆସିବା ପରେ ସରକାରଙ୍କ ଭୂମିକା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏସ୍‌ସିଆର୍‌ଟି କର୍ମଚାରୀଙ୍କ ଆନ୍ଦୋଳନ ଏବଂ ୧୫ ଜଣ ବିଧାୟକଙ୍କ ଅଭିଯୋଗ ପରେ ମଧ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି । ସମ୍ପ୍ରତି ପୁସ୍ତକ ତ୍ରୁଟି ଘଟଣାର ମାଷ୍ଟରମାଇଣ୍ଡ କୁହଯାଉଥିବା ଶ୍ରୀ ପାଢ଼ୀଙ୍କ ବିରୋଧରେ ସେହି ସମୟରେ କାର୍ଯ୍ୟାନୁଷ୍ଠାନ ହୋଇଥିଲେ ଏତେବଡ଼ ବିଭ୍ରାଟ ହୋଇ ନ ଥାନ୍ତା ବା ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ବାଜିରେ ଲାଗି ନ ଥାନ୍ତା ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି ।

### ବିକଳ୍ପ ଇନ୍ଧନ...

ଜଳ ବ୍ୟବହାରକୁ ୧୦ ହଜାର ଲିଟରରୁ ଅଧିକ କରିଥାଏ । ଏହା ତୁଳନାରେ, ମକା କ୍ଷେତ୍ରରେ ପ୍ରତି ଲିଟର ଇଥାନଲ୍ ପାଇଁ ପ୍ରାୟ ୪୬୭୦ ଲିଟର ଏବଂ ଆଖୁ ପାଇଁ ପ୍ରାୟ ୩୬୩୦ ଲିଟର ପାଣି ଆବଶ୍ୟକ ହୁଏ । ଏହାଛଡା ଇଥାନଲ୍ ମିଲ୍‌ରୁ ନିର୍ଗତ ପ୍ରଚୁର ପରିମାଣର ଭିନାସ୍‌କୁ ଯଦି ସଠିକ୍ ଭାବରେ ବିଶୋଧନ ନ କରାଯାଏ, ତେବେ ପୃଷ୍ଠ ଏବଂ ଭୂତଳ ଜଳକୁ ପ୍ରଦୂଷିତ କରିପାରେ । ଅପରପକ୍ଷେ ନୀତି ଆୟୋଗର କମ୍ପୋଜିଟ୍ ଜଳ ପରିଚାଳନା ସୂଚକାଙ୍କ (ସିଡବ୍ଲ୍ୟୁଏମ୍ଆଇ) ସତର୍କ କରାଇ ଦେଇଛି ଯେ ୨୦୩୦ ସୁଦ୍ଧା ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ସମେତ ୨୧ଟି ପ୍ରମୁଖ ସହରରେ ଭୂତଳ ସ୍ତର ଶୂନ୍ୟରେ ପହଞ୍ଚିପାରେ । ଭାରତର ମୋଟ ଇଥାନଲ୍ ଉତ୍ପାଦନ କ୍ଷମତା ୧୮୨୨ କୋଟି ଲିଟର, ଯାହାର ପୂର୍ବରୁ ଜଳ ସଙ୍କଟ ସହିତ ଜଡ଼ିତ ରାଜ୍ୟଗୁଡ଼ିକର ଏକ ବଡ଼ ଅଂଶ । ଉଦାହରଣ ସ୍ୱରୂପ, ମହାରାଷ୍ଟ୍ରରେ ୩୯୬ କୋଟି ଲିଟର ମିଳିତ କ୍ଷମତା ସହିତ ପ୍ଲାଣ୍ଟ ଅଛି, ଯେତେବେଳେ କି ବିଦର୍ଭ ଏବଂ ମରହଟ୍ଟାୱାଡାର ଚାଷୀମାନେ ପାନୀୟ ଜଳ ପାଇଁ ସଂଘର୍ଷ କରୁଛନ୍ତି । ଏହି ସମୟରେ, ଉତ୍ତର ପ୍ରଦେଶ ଏବଂ କର୍ଣ୍ଣାଟକରେ ଇଥାନଲ୍ ପ୍ଲାଣ୍ଟରେ ଭୂତଳର ସଂରକ୍ଷିତ ଜଳକୁ ବ୍ୟବହାର କରାଯାଉଛି, ଯାହା ଗୁରୁତର ଭାବରେ ହ୍ରାସ ପାଇଥିବା ଘୋଷଣା କରାଯାଇଛି । ଭାରତରେ ଇଥାନଲ୍ ମିଶ୍ରଣରେ ଚାଉଳର ବ୍ୟବହାର ଏ ପର୍ଯ୍ୟନ୍ତ ପ୍ରାଥମିକ ଅବସ୍ଥାରେ ଅଛି । କାରଣ ଏଥିରେ ଦେଶ ମୁଖ୍ୟତଃ ଆଖୁ ଉପରେ ନିର୍ଭର କରୁଛି । ତଥାପି, ଆଖୁ ଚାଷରେ ଚୁର ପାଣି ବ୍ୟବହାର କରାଯାଇଥାଏ । ଏଥିରେ ପ୍ରତି ଲିଟର ଇଥାନଲ୍ ପାଇଁ ୩୬୩୬ ଲିଟର ପାଣି ବ୍ୟବହାର ହୋଇଥାଏ । ଅନେକ ଇଥାନଲ୍ ପ୍ଲାଣ୍ଟ ଆଖୁ ଚାଷ କରୁଥିବା ଅଞ୍ଚଳରେ ଅବସ୍ଥିତ କାରଣ କଞ୍ଚାମାଲ ସେଠାରେ ସହଜରେ ଉପଲବ୍ଧ । ଶକ୍ତି ଅର୍ଥନୀତି ଏବଂ ଆର୍ଥିକ ବିଶ୍ଳେଷଣ ପ୍ରତିଷ୍ଠାନର ଶକ୍ତି ବିଶେଷଜ୍ଞ ସ୍ୱାତୀ ଶେଷାଦ୍ରି କହିଛନ୍ତି ବର୍ଷ ବର୍ଷ ଧରି ଆଖୁ ଚାଷ ଏହି ଅଞ୍ଚଳଗୁଡ଼ିକରେ ଜଳସ୍ତରକୁ ହ୍ରାସ କରିସାରିଛି । ବର୍ତ୍ତମାନ ଇଥାନଲ୍ ପ୍ଲାଣ୍ଟଗୁଡ଼ିକ ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି । ଏହା ବ୍ୟତୀତ, ଆଖୁ ମୁଖ୍ୟତଃ ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଚାଷ କରାଯାଏ, ଯେଉଁଠାରେ ଭୂତଳ ଜଳ ଅଭାବ ପୂର୍ବରୁ ଗୁରୁତର ।

### ମହାନଦୀରେ ପାଣି...

ମାତ୍ର ୨୪ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ଥିବା ଏବଂ ଛତିଶଗଡ଼ ୨୭ ମିଲିୟନ ଏକର ଫୁଟ ପାଣି ଆବଶ୍ୟକ କରୁଥିବା ଦାବିକୁ ଯଦି ଓଡ଼ିଶା ସରକାର ମାନି ନେଇଥା'ନ୍ତି, ତା'ହେଲେ ଏହା ଓଡ଼ିଶା ପାଇଁ ଆତ୍ମଘାତୀ ହେବ ବୋଲି ସେ କହିଛନ୍ତି । ସେହିପରି ପୂର୍ବରୁ ଆମେ ଛତିଶଗଡ଼ ପାଖରେ ସମର୍ପଣ କରିସାରିଛୁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀ ଦାସ । ସେ କହିଛନ୍ତି ଯେ ମହାନଦୀରେ କେତେ ପାଣି ଉପଲବ୍ଧ ତାହାକୁ ନେଇ ଉଭୟ ରାଜ୍ୟ ବିଗତ ଶୁଣାଣିରେ ଯେଉଁ ତଥ୍ୟ ଦେଇଥିଲେ, ତାହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ । ପ୍ରଦତ୍ତ ଡାଟା ଅନୁଯାୟୀ ମହାନଦୀରେ ମୋଟ ଉପଲବ୍ଧ ଜଳର ପରିମାଣ ୬୨.୩୬ ମିଲିୟନ ଏକର ଫୁଟ ଅଟେ । ତନ୍ମଧ୍ୟରେ ନରାଜ ପାଖରେ ୫୬.୨୯ ମିଲିୟନ ଏକର ଫୁଟ ହୀରାକୁଦ ଉପର ମୁଣ୍ଡରେ ୩୨. ୮୩ ମିଲିୟନ ଏକର ଫୁଟ ଓ ଛତିଶଗଡ଼ ଓଡ଼ିଶା ସୀମାରେ ୨୮. ୪୮ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ । ବର୍ଷ ସାରା ମହାନଦୀରେ ଉପଲବ୍ଧ ପାଣିର ହାରାହାରି ହିସାବକୁ ନେଇ ଏହି ଡାଟା ବା ତଥ୍ୟ ପ୍ରସ୍ତୁତ ହୋଇଛି । ଯାହା ଅଣ ମୌସୁମୀ ସମୟରେ ଓଡ଼ିଶାର ଜଳ ସଂକଟକୁ ଅଣ ଦେଖାକରିଛି । ଏହି ତଥ୍ୟକୁ ଗ୍ରହଣ କରି ଆମେ ଆତ୍ମଘାତୀ କାମ କରିଛନ୍ତି । ଏହାର ଅର୍ଥ ହେଉଛି ଆମ ପାଖରେ ପ୍ରଚୁର ପାଣି ରହିଛି ଏବଂ ଆମର କୌଣସି ବିବାଦ ନାହିଁ । ତେଣୁ ଆଜିର ବୈଠକରେ ନିର୍ଦ୍ଦିଷ୍ଟ କେଉଁ ପ୍ରସଙ୍ଗରେ ଆଲୋଚନା ହେଲା, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଳ ବିବାଦରେ ସହମତି ଆଣିବା ପାଇଁ ଟ୍ରିବ୍ୟୁନାଲ ପୂର୍ବ ଶୁଣାଣିରେ ଉଭୟ ରାଜ୍ୟର ବୈଷୟିକ ଏବଂ ଆଇଗତ ଟିମକୁ ଏକ ଲମ୍ବା ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ । ଏହାକୁ ଆଧାର କରି ଉଭୟ ରାଜ୍ୟର ମଧ୍ୟରେ ଗତ ୧୬ ତାରିଖୁ ୧୧ ଦିନିଆ ଆଲୋଚନା ଆରମ୍ଭ ହୋଇଥିଲା । ଏହି ୧୧ ଦିନିଆ ଆଲୋଚନା ବେଳେ ମହାନଦୀ ଜଳରେ ଓଡ଼ିଶା ଓ ଛତିଶଗଡ଼ର ପ୍ରାପ୍ୟ ଅଂଶ କେତେ ରହିବ ଏବଂ ଜଳ ବଣ୍ଟନର ଉଚିତ ମାନଦଣ୍ଡ କଣ ହେବ ତାହା ନେଇ ବ୍ୟାପକ ଚର୍ଚ୍ଚା ଆଲୋଚନା କରାଯାଇଛି । ଆଗକୁ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ସଚିବ ତଥା ମୁଖ୍ୟଶାସନ ସଚିବ ସ୍ତରୀୟଆଲୋଚନନା ହେବ ବୋଲି ଜଣାପଡ଼ିଛି ।

34001/397/2627
ID: ee.randbjyp@gmail.com
GOVERNMENT OF ODISHA
OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE
e-Procurement Notice
Bid Identification No. S.E (R&B)-08/2026-27/JYP(K)
No. 3889 Date.

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Building Work as mentioned in DTCN.
2. No. of Works : 7 Nos.
3. Estimated Cost : Rs. 3.98 Lakhs to 11.85 lakhs
4. Period of completion : 2 (Two) Months
5. Date & Time of Bidding : From 11.00 hours of **01.07.2026** Up-to 17.00 hours of **10.07.2026**
6. Last date & time for receipt of bids in portal : 17.00 hours of **11.07.2026.**
7. Bids received online shall be opened on : 11.00 hours of **13.07.2026.**
8. Name and address of the officer inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in
Superintending Engineer, Jeypore (R&B) Division
OIPR-34001/34027/1/26-27/0008

25001/531/2627
PHONE: OFF: (06852) 251263
Email: eerwkoraput@yahoo.com
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: KORAPUT
Through GePNIC e-Procurement Notice
Bid Identification No.: SERWKPT-Online-04/2026-27
Letter No.: 2215, Date: 19.06.2026

| | | |
|---|---|---|
| 1 | Name of the Work | Special Repair of Road Works for the year 2026-27 (Renewal Coat of SDBC with WMM Profile Correction) |
| 2 | Total Number of Works | 05 Nos. |
| 3 | Approximate Estimate Cost | Rs. 62.16 Lakhs to Rs. 70.24 Lakhs (Approximately) |
| 4 | Class of Contractor | "B" Class |
| 5 | Period of Completion | 2 Months |
| 6 | Detail of Projects | As per Annexure attached |

Other Details as follows:

| Procurement Officer | Bid Identification No. | No. of Works | Availability of tender online bidding | | Date & Time of opening of tender in O/o the SERW Division, Koraput | |
|---|---|---|---|---|---|---|
| | | | (From) | (To) | Technical Bid | Financial Bid |
| Superintending Engineer, R.W. Division, Koraput | SERWKPT-ONLINE-04/2026-27 | 05 (Five) Nos. | 30.06.2026 at 11.00 A.M. | 13.07.2026 up to 5.30 P.M. | 14.07.2026 at 11.00 A.M. | To be intimated separately |

Further details can be seen from the website: www.tendersodisha.gov.in/nicgep/app
All amendments, time extensions, clarifications, etc., will be uploaded on the website only. Bidders should regularly visit the above website to keep themselves updated.
N.B.: Any Addendum or Corrigendum will be available on the website only.
Executive Engineer
Rural Works Division, Koraput
OIPR-25001/25088/1/26-27/0004

**REQUIREMENT**
Civil Engg. Diploma / Degree Required Experience-10yrs in building construction. Site- Cuttack, Project- CPWD project Joining within 10days. Salary: 15-30K, Company will give Accommodation & Fooding.
**Contact No.: 9547756937**
**Mr. Santu Mondol**

**ଶପଥପତ୍ର**
ଏହି ଶପଥପତ୍ର ନୋଟାରୀ ପବ୍ଲିକ୍ ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ସୋମ୍ୟା ସରିତା ପତି, ସ୍ୱାମୀ - ଶୁଭକାନ୍ତି ପତି, ଗ୍ରାମ - ଆଚାର୍ଯ୍ୟନଗର, ଜଗନ୍ନାଥପୁର, ଥାନା - ଭଦ୍ରକ, ଜିଲ୍ଲା- ଭଦ୍ରକ, ଓଡ଼ିଶା ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ରେଜିଷ୍ଟ୍ରିଭୁକ୍ତ ବିକ୍ରୟ ଦଲିଲ୍ ନଂ. ୧୦୨୩୧୯୦୪୧୬୫, ତା ୧୬.୧୦.୨୦୧୯, ପଟ୍ଟା ନଂ. ୧୩୪୫/୩୬୦୨ ମୁଁ ତା ୧୫.୧୦.୨୦୨୫ ରିଖରେ ଜଗନ୍ନାଥପୁରରେ ଥିବା ସମୟରେ କେଉଁଠାରେ ହଜିଯାଇଛି । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍‌ଟିକୁ ପାଇଥାନ୍ତି ଦୟାକରି ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋବାଇଲ୍ ନମ୍ବର - ୯୧୨୪୦୦୮୨୯୯ (ରଶ୍ମିରଞ୍ଜନ ପାଣିଗ୍ରାହୀ) ।

**AFFIDAVIT**
I, PANKAJINI MOHAPATO, W/O SATYA NARAYAN MOHAPATRO resident of At - Dash Street, PO/PS - Jeypore, Dist - Koraput - 764001, Odisha declare by this Affidavit No. 2852 Dated 25/06/2026, that now onwards I shall be known as **ANNAPURNA MAHAPATRA** for all future purposes.

**LOST**
ମୁଁ ଅମରେଶ ନାୟକ, ବୟସ ୩୩, ପିତା - ଅରକ୍ଷ ଚରଣ ନାୟକ, ନୂଆ ସାହି, ଗୋଶାଳା ରୋଡ, ପୋଷ୍ଟ - ନୟାବଜାର, ଥାନା - ମଧୁପାଟଣା, ଜିଲ୍ଲା - କଟକ, ବିକ୍ରୟ ଦଲିଲ କ୍ରମାଙ୍କ - 2726, ତା. 31/05/2004, ପ୍ଲଟ ନମ୍ବର - 177/3963, 178/3962, ମୌଜା - ସାର୍ଥକ, ପୋ - ନୟା ବଜାର, ଜିଲ୍ଲା - କଟକ, ସମ୍ବନ୍ଧିତ ଦଲିଲ ଟି କେଉଁଠାରେ ହଜିଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ଦଲିଲ ଟିକୁ ପାଆନ୍ତି ତେବେ ଦୟାକରି ମୋତେ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋ-7205805375.

**AFFIDAVIT**
By virtue of an affidavit sworn before Notary Public Bhubaneswar, S.L. No. 283 on dated 25/06/2026, I **AMEETA SRICHANDAN**, W/o Prasanta Srichandan resident of At- Plot No. 64/2954, Vill. Sundarpada, P.S: Airfield, Dist: Khordha, Odisha, PIN: 751002, declare that I have changed my minor Son's name from **JASHPRIT SRICHANDAN (Old Name)** to **ANSUMAN SRICHANDAN (New Name)**. Henceforth, he shall be known as **ANSUMAN SRICHANDAN** for all purposes.
Sd- **AMEETA SRICHANDAN**

**AFFIDAVIT**
By virtue of an affidavit before the Notary Public, Phulbani, Kandhamal, dtd. 24.06.2026, I, Prashant Majhi, At - Sakhipada Po - Sakhipada, Dist- Kandhamal do hereby declare that my minor daughter's name has been changed from "Sukanti Majhi" to "Priyanka Majhi". Henceforth, she shall be known as **"Priyanka Majhi"** for all purposes.
**Prashant Majhi**

**AFFIDAVIT**
By virtue of an affidavit (CF No. 1932, dtd- 22/06/2026) sworn before The Executive Magistrate, Khordha. I, **Shaikh Sajid,** S/o- Shaikh Mahimud, resident of At/Po: Saradhapur, PS: Khordha, Dist: Khordha, Odisha declare that I have changed my name & my father's name from **Mahammad Sajid, S/o Abdul Samad** to **Shaikh Sajid, S/o Shaikh Mahimud** in my Aadhar Card (vide No. 8491 7007 7851). Henceforth, I shall be known as **Shaikh Sajid, S/o Shaikh Mahimud** for all purposes.
**Shaikh Sajid**

**AFFIDAVIT**
I, R Bhagirathy Reddy, aged about 48 years, S/o- Rika Chineya Reddy, resident of At- New Sindhigam (TATA Colony), Badapur, Ps- Gopalpur, Berhampur, Dist- Ganjam, Odisha, Pin- 760007, do hereby declare by this affidavit No. 1307, dtd- 26.06.2026, that now onwards I shall be known as **R BHAGIRATHI REDDY** for all future purposes.

# ଗେଙ୍ଗୁଟି ନଦୀରୁ ବେଆଇନ ମାଟି, ବାଲି ଖନନ; ବନ୍ୟା ବିପଦ ଆଶଙ୍କା

ଦୋବଲ,୨୭।୬(ସମିସ)



ଧାମନଗର ତହସିଲ୍ ଅଧୀନ ଖଡ଼ିପଦା ପଞ୍ଚାୟତର ଗେଙ୍ଗୁଟି ନଦୀର କାଞ୍ଜିଆପାଳ ଏସ୍‌କେପ୍ ନିକଟ ଶୁକଦେବ ହୁସେନ ମୌଜାର ପ୍ଲଟ୍ ନଂ-୫୬୮ ରେ ଥିବା ସରକାରୀ ଅନାବାଦୀ ନଦୀ ଆଡ଼ି ଏବଂ ପାର୍ଶ୍ୱବର୍ତ୍ତୀ ପ୍ଲଟ୍ ନଂ-୫୬୫ର ରକ୍ଷିତ ଅନାବାଦୀ ଜମିରୁ ବେଆଇନ ଭାବେ ମାଟି ଓ ବାଲି ଉତ୍ତୋଳନ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଦିନ ଦିପହରେ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ଖୁଲମଖୋଲା ଖନନ କରି ମାଫିଆମାନେ ବଡ଼ ବଡ଼ ପୋଖରୀ ସୃଷ୍ଟି କରିସାରିଥିବା ଅଭିଯୋଗ ହୋଇଛି। ଏ ନେଇ ସମାଜସେବୀ ତଥା ଖଡ଼ିପଦା ସରପଞ୍ଚଙ୍କ ପ୍ରତିନିଧି ଭଗବାନ ଦାସ ଧାମନଗର ତହସିଲ୍‌ଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ପ୍ରାୟ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ମାଟି ତାଡ଼ିବା ପରେ ବାଲିର ସ୍ତର ବାହାରୁଛି। ଉକ୍ତ ମାଟି ଓ ବାଲିକୁ ନିକଟସ୍ଥ ଇଟାଭାଟିକୁ ବିକ୍ରି କରାଯାଉଥିବା ବେଳେ ବିଭିନ୍ନ ଗ୍ରାମକୁ ମଧ୍ୟ ସପ୍ଲାଇ କରାଯାଉଛି। ଏହାଛଡ଼ା ମାଟି ଓ ବାଲିକୁ ପ୍ରଥମେ ବିଭିନ୍ନ ବ୍ୟକ୍ତିଗତ ବାଡ଼ି ଓ ସରକାରୀ ଜମିରେ ଗଚ୍ଛିତ ରଖି ପରେ ଅଧିକ ଦାମ୍‌ରେ ବିକ୍ରି କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳି ଖନନ ଯୋଗୁଁ ସେଠାରେ ବଡ଼ ବଡ଼ ପୋଖରୀ ସୃଷ୍ଟି ହେବା ସହ ଏସ୍‌କେପ୍ ପାଇଁ ବିପଦ ସୃଷ୍ଟି ହେଉଛି ଓ ଏଠାରେ ଏକ ନୂତନ ନଦୀ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଏହି ଖନନ ସ୍ଥାନରେ ଯଦି ଭୁଲ୍‌ବଶତଃ କୌଣସି ଗୋରୁଗାଈ କିମ୍ବା ମଣିଷ ପଡ଼ିଯାଆନ୍ତି, ତେବେ ସେମାନଙ୍କ ବଞ୍ଚିବା ମୁସ୍କିଲ୍ ହୋଇପଡ଼ିବ। ତେବେ ନଦୀ ଆଡ଼ିରୁ ଏଭଳି ବେପରୁଆ ମାଟି ଓ ବାଲି ଉତ୍ତୋଳନ ଫଳରେ ଆଡ଼ି ଦୁର୍ବଳ ହେବା ସହ ବର୍ଷା ଓ ବନ୍ୟା ସମୟରେ ନଦୀର ପ୍ରବଳ ସ୍ରୋତରେ ଆଡ଼ି ଭାଙ୍ଗି ନିକଟସ୍ଥ ଚାଷଜମି, ଜନବସତି ଓ ଯୋଗାଯୋଗ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ବଢ଼ିଛି। ଏହା ସହ ନଦୀର ସ୍ୱାଭାବିକ ପ୍ରବାହ ଓ ପରିବେଶ ସନ୍ତୁଳନ ମଧ୍ୟ ବ୍ୟାହତ ହେବା ଜଣାପଡ଼ିଛି। ଖଣିଜ ସମ୍ପଦର ବେଆଇନ ଉତ୍ତୋଳନ ଓ ପରିବହନ ଓଡ଼ିଶା ମାଇନର ମିନେରାଲ୍ କନ୍‌ସେସନ୍ ନିୟମାବଳୀ ଏବଂ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ୍ ୧୯୫୭ ଅନୁଯାୟୀ ଦଣ୍ଡନୀୟ ଅପରାଧ। ସରକାରୀ ଜମି କିମ୍ବା ନଦୀ ଆଡ଼ିରୁ ବିନା ଅନୁମତିରେ ମାଟି କିମ୍ବା ବାଲି ଉତ୍ତୋଳନ, ପରିବହନ କିମ୍ବା ବିକ୍ରି କରିବା ଆଇନ ବିରୋଧୀ। ଏତେ ବଡ଼ ଧରଣର ବେଆଇନ ଖନନ କାର୍ଯ୍ୟ ଦୀର୍ଘଦିନ ଧରି ଚାଲୁଥିଲେ ମଧ୍ୟ ସମ୍ପୃକ୍ତ ବିଭାଗର ନିରବତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତୁରନ୍ତ ଘଟଣାର ତଦନ୍ତ କରି ବେଆଇନ ଖନନ ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଧାମନଗର ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁଙ୍କ ସହ ଯୋଗାଯୋଗ ପାଇଁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ଫଳରେ ତାଙ୍କ ପ୍ରତିକ୍ରିୟା ମିଳିପାରି ନ ଥିଲା। ଅନ୍ୟପକ୍ଷରେ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଥିଲେ, ଏନେଇ ଆମ ପାଖରେ ଅଭିଯୋଗ ପହଞ୍ଚିଛି। ନଦୀକୂଳ ଘଞ୍ଚ ଜଙ୍ଗଲିଆ ହୋଇଥିବାରୁ ସେଠାକୁ ଗାଡ଼ି ଯିବା ପାଇଁ ସୁବିଧାଜନକ ରାସ୍ତା ନାହିଁ। ଏହାର ସୁଯୋଗ ନେଇ ଅସାଧୁ ବ୍ୟକ୍ତିମାନେ ବେଆଇନ ମାଟି ଓ ବାଲି ଉତ୍ତୋଳନ କରୁଛନ୍ତି। ତେବେ ଖୁବ୍‌ଶୀଘ୍ର ସେଠାରେ ଚଢ଼ଉ କରାଯାଇ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ।

## ଭୁଶୁଡ଼ି ପଡ଼ିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

# ନାହିଁ ଶୌଚାଳୟ କିମ୍ବା ବିଦ୍ୟୁତ୍ ସଂଯୋଗ

ସିଂହପୁର,୨୭।୬(ସମିସ): ବିଞ୍ଝାରପୁର ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡ଼ିଛି। ଅନେକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସାଙ୍ଗକୁ ବିପଦ ସଂକୁଳ ଓ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଫଳରେ ସରକାରୀ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବା ପରିବର୍ତ୍ତେ ଅବିଭାବକ ମାନେ ବେସରକାରୀ ସ୍କୁଲକୁ ପ୍ରାଥମିକତା ଦେଉଛନ୍ତି। ଏହାର ସୁଯୋଗ ନେଇ ବିଞ୍ଝାରପୁର ଅଞ୍ଚଳରେ ଘରୋଇ ସ୍କୁଲ ଗୁଡିକ ଶିକ୍ଷାନୀତିକୁ ଉଲ୍ଲଙ୍ଘନ କରି ଅବିଭାବକମାନଙ୍କୁ ବ୍ୟାପକ ଶୋଷଣ କରୁଛନ୍ତି। ଏଭଳି ସ୍ଥିତିରେ ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ ମଲିକ ଯୋଗଦେବା ପରେ ବିଭିନ୍ନ ସରକାରୀ ବିଦ୍ୟାଳୟକୁ ଗସ୍ତ କରୁଛନ୍ତି। ଶିକ୍ଷକଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଆବଶ୍ୟକ ସ୍ଥଳେ ଶିକ୍ଷକମାନଙ୍କ ଦରମା ମଧ୍ୟ ବନ୍ଦ କରୁଛନ୍ତି। ତେବେ ବିଞ୍ଝାରପୁରରେ ବିଭିନ୍ନ ବିଦାଳୟରେ ଶିକ୍ଷକ ଅଭାବ, ବିପଦ ସଂକୁଳ ଶ୍ରେଣୀ ଗୃହ, ଶୌଚାଳୟ ଆଦି ମୌଳିକ ସମସ୍ୟାର ଦେଖିବାକୁ ମିଳୁଛି। ଏଭଳି ଅନେକ ସମସ୍ୟା ମଧ୍ୟରେ ଥିବା ଗୋଟିଏ ବିଦ୍ୟାଳୟ ହେଉଛି ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ଗ୍ରାମର ଜରି ଜଗନ୍ନାଥ ପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ୧୯୯୬ ମସିହାରେ ବିଦ୍ୟାଳୟଟି ସ୍ଥାପିତ ହୋଇଥିଲା। ଏହି ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଦୁଇଟି ଶ୍ରେଣୀରେ ୫୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟ ଗୃହଟି ଫାଟି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ବିଦ୍ୟାଳୟର ସୁରକ୍ଷା ପାଇଁ ପାଚେରୀ ନିର୍ମାଣ ହୋଇନାହିଁ। ଫଳରେ ବାହାର ଲୋକ ଅନ୍ୟାୟସରେ ବିଦ୍ୟାଳୟରେ ପ୍ରବେଶ କରୁଛନ୍ତି। ବିଦ୍ୟାଳୟରେ ଶୌଚାଳୟ ନାହିଁ। ଛାତ୍ରାତ୍ରୀ ଓ ଶିକ୍ଷୟତ୍ରୀ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଦ୍ୟାଳୟରେ ଥିବା ନଳକୂଅଟି ଅଚଳ ଥିବାରୁ ପାଣି ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସମସ୍ୟାରେ ରହିଥିବା ଏହି ବିଦ୍ୟାଳୟର ସମସ୍ୟା ଦୂର କରିବାକୁ ଛାତ୍ରଛାତ୍ରୀ ଓ ଅଭିଭାବକ ଦାବି କରିଛନ୍ତି।

## ନିଶା ଉଜାଡ଼ି ଦେଲା ପରିବାର

# ଦୁଇ ଶିଶୁଙ୍କୁ ଧରି ଦୁଃଖରେ ଚଳୁଛନ୍ତି ଝିଲିରାଣୀ

**ଧର୍ମଶାଳା,୨୭।୬(ସମିସ):** ଧର୍ମଶାଳା ଅଞ୍ଚଳରେ ବଢୁଥିବା ନିଶା କାରବାରକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିଶାର ପ୍ରଭାବରେ ଅନେକ ଘର ଭାଙ୍ଗିଯାଉଥିବା ବେଳେ ଏହା ଉପରେ ପ୍ରତିବନ୍ଧକ ଲଗା ଯାଇପାରୁନାହିଁ। ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଏହି ଥାନା ଅଧୀନ କାଏମା ଅଞ୍ଚଳରେ। ନିଶା ଯୋଗୁଁ ଏକ ପରିବାର ଉଜୁଡ଼ି ପଡିଛି। କାଏମା ଗ୍ରାମର ଝିଲିରାଣୀ ନାଥଙ୍କ ସ୍ୱାମୀ ମନୋଜ ନାଥ କିଛି ମାସ ପୂର୍ବରୁ ମୃତ୍ୟୁବରଣ କରିଛନ୍ତି। ପେଶାରେ ସେ ଜଣେ ରାଜମିସ୍ତ୍ରି ଓ ରଙ୍ଗମିସ୍ତ୍ରି ଭାବେ ପରିଚିତ। ସେ ନିଜ ପରିଶ୍ରମରେ ପରିବାର ଚଳାଉଥିଲେ। ବିବାହ ପରେ ତାଙ୍କର ଛୋଟ ଛୋଟ ଦୁଇଟି ସନ୍ତାନ ଅଛନ୍ତି। ମନୋଜ ମୃତ୍ୟୁ ବେଳକୁ ବଡ଼ ଝିଅର ବୟସ ୬ ବର୍ଷ ହୋଇଥିବା ବେଳେ ପୁଅର ବୟସ ମାତ୍ର ୬ ମାସ ହୋଇଥିଲା।

ମନୋଜ ନିଶା ଦ୍ରବ୍ୟ ଓ ନିଶା ବଟିକାର ଶିକାର ହୋଇଥିଲେ। ନିଶା ଛାଡ଼ିବା ପାଇଁ ସେ ବାରମ୍ବାର ଚେଷ୍ଟା କରିଥିଲେ ଏବଂ ପରିବାର ଲୋକମାନେ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ମଧ୍ୟ କରିଥିଲେ। ଅର୍ଥର ଅଭାବ ସତ୍ତ୍ୱେ ବୃଦ୍ଧ ବାପା ଅରକ୍ଷିତ ନାଥ କାମ କରି ଚିକିତ୍ସା ଓ କେନ୍ଦ୍ରର ଖର୍ଚ୍ଚ ବହନ କରୁଥିଲେ। କିନ୍ତୁ ଦୀର୍ଘଦିନ ଧରି ଖର୍ଚ୍ଚ ବହନ କରିବା ସମ୍ଭବ ନ ହେବାରୁ ମନୋଜଙ୍କୁ ଘରକୁ ଫେରାଇ ଆଣାଯାଇଥିଲା। ତଥାପି ନିଶାର କବଳରୁ ସେ ମୁକ୍ତି ପାଇ ପାରିନଥିଲେ ଏବଂ ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ବୃଦ୍ଧ ବାପା-ମାଆ, ପତ୍ନୀ ଓ ଦୁଇ ଛୋଟ ଛୁଆ ଏବେ ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ବିଧବା ଝିଲିରାଣୀ ଦୁଇ ଛୋଟ ପିଲାଙ୍କୁ ଧରି ଅତ୍ୟନ୍ତ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ବୃଦ୍ଧ ଶ୍ୱଶୁର ଅରକ୍ଷିତ ନାଥ ମଜୁରି ଲାଗି ପରିବାର ଚଳାଉଥିବା ବେଳେ, ଶାଶୂଙ୍କ ଅସୁସ୍ଥତା ଯୋଗୁଁ ଔଷଧ ଖର୍ଚ୍ଚ ମଧ୍ୟ ବଢ଼ି ଚାଲିଛି। ଫଳରେ ଘରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବା କଷ୍ଟକର ହୋଇପଡ଼ିଛି। ଝିଲିରାଣି ବିଧବା ଭତ୍ତା ଲାଗି ଏଣେତେଣେ ଧାଇଁ ମଧ୍ୟ ତାଙ୍କୁ ଅଦ୍ୟାବଧି ବିଧବା ଭତ୍ତା ମିଳିନାହିଁ। ଝିଲିରାଣିଙ୍କ ଦୁଃଖଦ ଘଟଣାକୁ ନେଇ ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନ ଓ ଧର୍ମଶାଳା ବିଧାୟକ ଏହି ପରିବାର ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ବିଶେଷକରି ଦୁଇ ଛୋଟ ଶିଶୁଙ୍କ ଭବିଷ୍ୟତ



ସୁରକ୍ଷା, ଶିକ୍ଷା ଓ ଭରଣପୋଷଣ ପାଇଁ ସରକାରୀ ସହାୟତା ଯୋଗାଇ ଦିଆଯିବା ସହିତ ଝିଲିରାଣୀ ନାଥଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ରୋଜଗାର ଭିତିକ ସହଯୋଗ ପ୍ରଦାନ କରାଯାଉ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି। ନିଶା କାରବାର ଯୋଗୁଁ ଏକ ପରିବାର ଉଜୁଡ଼ି ଯାଇଥିବା ବେଳେ, ଏଭଳି ଘଟଣାର ପୁନରାବୃତି ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସରକାରୀ ବିଦ୍ୟାଳୟ ପ୍ରତି ମୁହଁ ଫେରାଉଛନ୍ତି ଅଭିଭାବକ

**ମଙ୍ଗଳପୁର,୨୭।୬(ସମିସ):** ସରକାରୀ ବିଦ୍ୟାଳୟ ଉପରୁ ଜନସାଧାରଣଙ୍କର ତୁଟୁଛି ଭରଷା। ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି ଅଭିଭାବକ। ଏମିତି ଅବସ୍ଥା ଦେଖିବାକୁ ମିଳିଛି ଦଶରଥପୁର ମଣ୍ଡଳ ଶିକ୍ଷା ଅଧୀନସ୍ଥ ୨୫୪ଟି ବିଦ୍ୟାଳୟରେ। ଦଶରଥପୁର ବ୍ଲକର ସାମାଜିକ ସୁରକ୍ଷା କର୍ମୀ ସୁମନ କୁମାରଙ୍କ ଆର୍‌ଟିଆଇ ତଥ୍ୟ ଖୋଲିଛି ଗୁମର। ତଥ୍ୟ ଅନୁସାରେ ଦଶରଥପୁର ବ୍ଲକ୍‌ର ୨୫୪ଟି ସରକାରୀ ବିଦ୍ୟାଳୟରେ ଚଳିତ ବର୍ଷ ଶିଶୁ ବାଟିକାରେ ମାତ୍ର ୧୦୧୫ ଜଣ ଶିଶୁଙ୍କ ନାମ ଲେଖାଯାଇଛି। ଅର୍ଥାତ୍ ପ୍ରତି ବିଦ୍ୟାଳୟ ପିଛା ହାରାହାରି ୪ ଜଣରୁ ମଧ୍ୟ କମ୍। ଆହୁରି ଚିନ୍ତାଜନକ ବିଷୟ କିଛି ବିଦ୍ୟାଳୟରେ ଜଣେ ମଧ୍ୟ ଶିଶୁଙ୍କ ନାମ ଲେଖାଯାଇନାହିଁ। ଆଉ ଅଧିକାଂଶ ବିଦ୍ୟାଳୟରେ ନାମଲେଖା ସଂଖ୍ୟା ୧୦ରୁ କମ୍। ଗୋଟେ ପଟେ ସରକାରୀ ବିଦ୍ୟାଳୟରେ ଆଡ୍‌ମିସନ ଦ୍ରୁତ ଗତିରେ କମୁଥିବା ବେଳେ ଅନ୍ୟପଟେ ବେସରକାରୀ ସ୍କୁଲ ଶିଶୁ ମନ୍ଦିର ଓ ଇଂଲିଶ ମିଡିୟମ ବିଦ୍ୟାଳୟ ପ୍ରତି ଅଭିଭାବକଙ୍କ ଆଗ୍ରହ ଦିନକୁ ଦିନ ଆଶାନୁରୂପ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ଏହା କେବଳ ଏକ ପରିସଂଖ୍ୟାନ ନୁହେଁ ବରଂ ସରକାରୀ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସ କେତେ ହ୍ରାସ ପାଉଛି ତାହାର ଏକ ସ୍ପଷ୍ଟ ସଙ୍କେତ। ତେବେ କାହିଁକି ସରକାର ଓ ଶିକ୍ଷା ବିଭାଗ ଏଥିପ୍ରତି ସଜାଗ ହେଉନି କାହିଁକି ଏହାର ତର୍ଜମା କରାଯାଉନି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଡନ ଖେଳିଯାଇଛି। ବେଳ ଥାଉ ଥାଉ ଯଦି ସରକାର ଏହାର ପ୍ରତିକାର ନକରନ୍ତି ତେବେ ଭବିଷ୍ୟତରେ ବହୁ ବିଦ୍ୟାଳୟ ବନ୍ଦ ହେବ; ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

# କଳାଧୂଆଁରେ ଅତିଷ୍ଠ ଯଖପୁରା ଅଞ୍ଚଳବାସୀ

**ଦାନଗଦି,୨୭।୬(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଯଖପୁରା ଅଞ୍ଚଳରେ ଥିବା ଜଟିଆ ଷ୍ଟିଲ କାରଖାନାରୁ ନିର୍ଗତ କଳା ଧୂଆଁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। କାରଖାନାର ଚିମିନିରୁ ବାହାରୁଥିବା କଳା ଧୂଆଁ ଯୋଗୁଁ ପରିବେଶ ପ୍ରଦୂଷିତ ହେବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ଜନଜୀବନ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଦିନ ଓ ରାତିରେ କାରଖାନାରୁ ନିର୍ଗତ ହେଉଥିବା କଳା ଧୂଆଁ ପବନ ସହିତ ଗ୍ରାମ ମଧ୍ୟକୁ ପ୍ରବେଶ କରୁଛି। ଫଳରେ ଯଖପୁରା, ରାବଣା, ମାନତିରା, ଅରାସାହି, ଆଦି ଗାଁରେ ଘରର ଛାତ, ପାଣି, ଗଛପତ୍ର ଓ ଚାଷଜମି ଉପରେ କଳା ଧୂଳିକଣା ଜମୁଥିବା ସହ ଶ୍ୱାସକ୍ରିୟା ଜନିତ ସମସ୍ୟା ଦେଖାଦେଉଥିବା ଦାବି କରିଛନ୍ତି ସ୍ଥାନୀୟ ଲୋକେ। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏଭଳି ପରିସ୍ଥିତି ଦୀର୍ଘଦିନ ଧରି ଚାଲିଥିବା



ସତ୍ତ୍ୱେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଉ ନାହିଁ, ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି ଯେ, ତୁରନ୍ତ କାରଖାନାର ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାର ଯାଞ୍ଚ କରାଯାଇ ପ୍ରଦୂଷଣ ନିୟନ୍ତ୍ରଣ ମାନଦଣ୍ଡ ପାଳନ କରାଯାଉଛି କି ନାହିଁ ତାହାର ତଦନ୍ତ କରାଯାଉ। ନିୟମ ଉଲ୍ଲଙ୍ଘନ ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସେମାନେ ଦାବି କରିଛନ୍ତି। ବାରମ୍ବାର ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ କମ୍ପାନୀ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯଉନାହିଁ। ପ୍ରଦୂଷଣ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଇଂରାଜୀ ଭାଷାରେ ୧୧ ପୁସ୍ତକ ରଚନା କରିଛନ୍ତି ସରୋଜ ଓଝା

**ଭଦ୍ରକ,୨୭।୬(ସମିସ):** ଏଗାରଟି ପୁସ୍ତକ, ଗୋଟିଏ ଦୃଷ୍ଟିକୋଣ: ଲେଖକ ସରୋଜ କୁମାର ଓଝା ସାହିତ୍ୟ ମାଧ୍ୟମରେ ପ୍ରେରଣା ଦିଅନ୍ତି। କବି ତଥା ଜଣେ ଆଦର୍ଶ ଶିକ୍ଷକ ଭାବରେ ବେଶ୍ ଜଣାଶୁଣା ଏବଂ ପ୍ରକୃତି ଓ ପରିବେଶକୁ ଭଲ ପାଉଥିବା ବ୍ୟକ୍ତିଟିଏ ହେଉଛନ୍ତି ସରୋଜ। ତାଙ୍କର ଲେଖନୀ ଚାଳନାର ସୃଷ୍ଟି ସମ୍ଭାର ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସାରିତ ହୋଇସାରିଲାଣି। ଅଦ୍ୟାବଧି ତାଙ୍କର



ଇଂରାଜୀ ଭାଷା ସାହିତ୍ୟରେ ମୋଟ ୧୧ଟି ପୁସ୍ତକ ପ୍ରକାଶିତ ହୋଇସାରିଲାଣି। ଏପରି ଜଣେ ଜ୍ଞାନୀ ଲୋକଙ୍କର ଲେଖାରେ ରହିଛି ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ବିଜ୍ଞାନ, ପ୍ରକୃତି ସଂରକ୍ଷଣ ଓ ସମାଜ ଉପଯୋଗୀ ଲେଖାମାନ। ସମ୍ପ୍ରତି ଯୁଗକୁ ନେଇ ସେ ଶିକ୍ଷକତା ସାଙ୍ଗକୁ ସାହିତ୍ୟକୁ ଗୋଟେ ପରେ ଗୋଟେ ସୃଷ୍ଟି କରିଚାଲିଛନ୍ତି। ତାଙ୍କ ମାନସ କୁସୁମର ୧୧ଟି ପାଖୁଡ଼ାରେ ରହିଛି ୧୧ଟି ସୃଷ୍ଟି ଯଥା- ଏଡୁ ଲାଇଟ୍, ୟୁନିକ୍ ଫିଲିଙ୍ଗ୍, ଦ କାନ୍‌ଭାସ୍ ଉଇଦିନ୍, ସାଇଲେଣ୍ଟ ରେନ୍, ଇକୋଜ୍ ଇନ୍ ଏମ୍ପ୍‌ଟି ରୁମ୍, ଲିଭିଂ ଉଇଥ୍ ନୋ ଫିଅର୍, ସିରିଜ୍ ମେକର, ଲିମିଟ୍ ବେନିଫିଟ୍‌ସ୍, ଦ ସ୍କାଏ ଅଫ୍ କୋଷ୍ଟେନିଂ, ହାଓ ଚିଲ୍‌ଡ୍ରେନ୍ ଲର୍ଣ୍ଣ ଆଟ୍ ଦ ଆର୍ଲି ଚାଇଲ୍ଡହୁଡ୍ ଷ୍ଟେଜ୍ ଓ ୱାର୍ଡସ୍ ଅଫ୍ ଇନ୍‌ସ୍ପାଇରେସନ୍ ପ୍ରଭୃତି। ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ଓଝା ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଓ ନିଷ୍କପଟ ମଣିଷଟିଏ। ଜଣେ ପ୍ରାଥମିକ ଶିକ୍ଷକ ଭାବରେ ତାଙ୍କ ୧୧ଟି ପୁସ୍ତକ ରଚନା କିଛି କମ୍ ନୁହେଁ।

# ନନ୍‌କ୍ୟାଡର ପବ୍ଲିକ୍ ପ୍ରସିକ୍ୟୁଟର ପାଇଁ ୨ଦିନିଆ କର୍ମଶାଳା



**ଭଦ୍ରକ,୨୭।୬(ସମିସ):** ଓଡ଼ିଶା ସରକାରଙ୍କ ରାଜ୍ୟ ଆଇନ ବିଭାଗ ଏବଂ ଓଡ଼ିଶା ସାଧାରଣ ପ୍ରସିକ୍ୟୁସନ ବିଭାଗ ପକ୍ଷରୁ ନୂତନ ଭାବେ ନିଯୁକ୍ତି ପାଇଥିବା ନନ୍‌କ୍ୟାଡର ପବ୍ଲିକ୍ ପ୍ରସିକ୍ୟୁଟରଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଶନିବାର ଦୁଇ ଦିନିଆ କର୍ମଶାଳା ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟତଃ ଏବେ ପ୍ରଣିତ ହୋଇଥିବା ଆଇନ ବ୍ୟବସ୍ଥା ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଓ ସାକ୍ଷ୍ୟ ଅଧିନିୟମ-୨୦୨୩ ସମ୍ପର୍କରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିଲା। ବିଶେଷ କରି ଅପରାଧ ଘିଆଉଥିବା ଅପରାଧୀମାନଙ୍କୁ କିଭଳି ଆଇନର ପ୍ରାବଧାନ ଅନୁସାରେ ତୁରନ୍ତ ସେମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିବା ସହ ପ୍ରକୃତ ଅପରାଧିକ ବିରୋଧରେ କିପରି କମ୍ ଦିନରେ ନୂଆ ଆଇନ ପ୍ରାବଧାନ ଅନୁସାରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାମଲା ଫଇସଲା ହେବା ଓ ଯେପରି ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡ ନ ପାଇ ପ୍ରକୃତ ଅପରାଧୀ ଦଣ୍ଡିତ ହେବ ଏ ସମ୍ପର୍କରେ ପ୍ରସିକ୍ୟୁଟରମାନେ ଦୃଷ୍ଟି ଦେବାକୁ କୁହାଯାଇଥିଲା। ଏହା ବ୍ୟତୀତ ଅପରାଧିକ ମାମଲା ସହ ପୋର୍ଷ୍ଟମର୍ଟମ, ଭିସେରା ଆଦି ରିପୋର୍ଟଗୁଡ଼ିକ କୋର୍ଟ ଠିକ୍ ସମୟରେ ଉପସ୍ଥାପନ କରାଯିବା ସହ ଅପରାଧିକ ମାମଲାଗୁଡ଼ିକର ତତ୍‌କାଳୀନ ତଦନ୍ତକାରୀ ଅଧିକାରୀଙ୍କୁ ଆଉ ସାକ୍ଷ୍ୟ ଦେବା ପରିବର୍ତ୍ତେ ତାଙ୍କ ଦାୟିତ୍ୱ ବହନ କରିଥିବା ଅଧିକାରୀ ଜଣକ ମାମଲା ସମ୍ପର୍କରେ କୋର୍ଟରେ ହାଜର ହୋଇ ବୟାନ ରଖିବା ଉପରେ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ଜଜ୍ ତଥା ଦୌରାଜଜ୍ ଲଲାଟେନ୍ଦୁ ଜେନା, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ, ଡେପୁଟି କଲୋକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସେନ ରଶ୍ମିତା ମହାପାତ୍ର, କ୍ୟାଡର ପବ୍ଲିକ୍ ପ୍ରସିକ୍ୟୁଟର ମିନି ଟପୋ, ଏକ୍ସ ଡେପୁଟି ଡାଇରେକ୍ଟର ସିଆଇଡି ଓଡ଼ିଶା ଚିତ୍ତରଞ୍ଜନ କାନୁନ୍‌ଗୋ, ରିଟାୟର୍ଡ ଡେପୁଟି ହାଇରେକ୍ଟର ପବ୍ଲିକ୍ ପ୍ରସିକ୍ୟୁସନ ସୁବ୍ରତ କୁମାର ମହାନ୍ତି, ପ୍ରଫେସର(ଏଚ୍‌ଓଡି) ଫରେନ୍‌ସିକ୍ ଡିପାର୍ଟମେଣ୍ଟ ଶ୍ରୀଜଗନ୍ନାଥ ମେଡିକାଲ କଲେଜ, ପୁରୀ ଅମରେନ୍ଦ୍ର ନାୟକଙ୍କ ସହ ୬୦ରୁ ଅଧିକ ନନ୍‌କ୍ୟାଡର ଓକିଲ ଯୋଗଦେଇଥିଲେ।

# ନାବାଳକଙ୍କ ହାତରେ ବାଇକ୍

ବନ୍ତ/ଆଗରପଡ଼ା,୨୭।୬(ସମିସ)

ଦିନକୁ ଦିନ ବେପରୁଆ ଗାଡ଼ି ଚାଳନା ବୃଦ୍ଧି ପାଇବାରେ ଲାଗିଛି। କାହାରିକୁ ନ ମାନି ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚଳାଇବାରେ ମୁଖ୍ୟତଃ ପିଲାମାନଙ୍କୁ ଦେଖିବାକୁ ମିଳୁଛି। ପିଲାଙ୍କ ହାତରେ ଅଭିଭାବକମାନେ ବାଇକ୍ ଚାବି ଧରାଇଦେବା ପରେ ସେମାନେ ଆଉ କାହାରିକୁ ମାନୁନାହାନ୍ତି। ନିୟମିତ ଏଭଳି ବାଇକ୍ ଚାଳନା ପାଇଁ ଅନ୍ୟ ପଥଚାରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ସଡ଼କ ଦୁର୍ଘଟଣା ସବୁଠି ଚିନ୍ତାର କାରଣ ହୋଇଛି ଓ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ରେ ବହୁ ବ୍ୟକ୍ତିଙ୍କ ଜୀବନ ମଧ୍ୟ ଏହି କାରଣରୁ ଯାଇଛି। ଖାସ୍‌କରି ଦୁଇ ଚକିଆ ଯାନ ଯୋଗୁଁ ଅଧିକ ଦୁର୍ଘଟଣା ଘଟୁଛି। କହିବାକୁ ଗଲେ ଏହା ପଛରେ ନାବାଳକଙ୍କ ହାତରେ ବାଇକ୍ ଏକ ପ୍ରମୁଖ କାରଣ ହୋଇଥିବାର ଜଣାପଡ଼ିଛି। ସ୍କୁଲ୍ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀ ବାଇକ୍ ଓ ସ୍କୁଟି ଚଳାଉଥିଲାବେଳେ ଏଥିପ୍ରତି କାହାରି ନିଘା ରହୁ ନ ଥିବା ଅଭିଯୋଗ ହେଉଛି।

ବନ୍ତ ବ୍ଲକ୍‌ର ବିଭିନ୍ନ ରାସ୍ତା ଘାଟ ସହ ଗାଁ ଗଣ୍ଡା ସବୁଠି ପିଲାଙ୍କ ହାତରେ ବାଇକ୍। କିଏ ବାଇକ୍ ଚଳାଉଛି ତ କାହା ହାତରେ ସ୍କୁଟି। ସ୍କୁଲ୍ ଓ କଲେଜ ସହିତ ଟ୍ୟୁସନ୍ ଯାଉଥିବା ପିଲାମାନେ ଏସବୁକୁ ଚଳାଉଥିବା ଦେଖିବାକୁ ମିଳୁଛି। ଗୋଟିଏ ଗୋଟିଏ ଗାଡ଼ିରେ ୨ରୁ ୩ ଜଣ ଲେଖାଏଁ ବସି ଅତି ବେପରୁଆ ଭାବେ ଅତି ଦ୍ରୁତଗତିରେ ତାହା ଚାଳନା କରୁଛନ୍ତି। ଯାହାଫଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ସରକାରୀ ନିୟମ ଅନୁସାରେ, ନାବାଳକ ଓ ନାବାଳିକାଙ୍କୁ ଗାଡ଼ି ଚଳାଇବା ପାଇଁ ଲାଇସେନ୍ସ ପ୍ରଦାନ କରାଯାଇପାରିବ ନାହିଁ। ତେଣୁ ସେମାନେ ବାଇକ୍ ଓ ଗାଡ଼ି ଚଳାଇବା ବେଆଇନ୍। କିନ୍ତୁ ଅଭିଭାବକଙ୍କଠାରୁ ଆରମ୍ଭ କରି ପୁଲିସ ଓ ପ୍ରଶାସନ ଯାଏଁ କାହାରି ଏଥିପ୍ରତି ଦୃଷ୍ଟି ପଡୁ ନ ଥିବା ଜଣାପଡୁଛି। ୨୦୧୯ର ସେକ୍ସନ୍ ୧୯୯(ଏ) ମୁତାବକ, ୧୮ ବର୍ଷରୁ କମ୍ ବୟସର ଯେ କୌଣସି ଭାରତୀୟ ନାଗରିକ ଗାଡ଼ି ଚଳାଇବା ଦଣ୍ଡନୀୟ ଅପରାଧ। ଏଥିଲାଗି ସେମାନଙ୍କୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଗଣିବାକୁ ପଡ଼ିପାରେ। ଏହାକୁ ଭିତିକରି କାଁ ଭାଁ କେତେବେଳେ ପୁଲିସ ତ ଆଉ କେତେବେଳେ ପ୍ରଶାସନ ତରଫରୁ ଚଢ଼ଉ ହେଉଛି ସତ କିନ୍ତୁ ଏହା ଆଖିଦୃଶିଆ ହେଉ ନ ଥିବାରୁ ରାସ୍ତାରେ ବିନା ଲାଇସେନ୍ସ ଓ ବିନା ହେଲ୍‌ମେଟ୍‌ରେ ଶତାଧିକ ପିଲା ଗାଡ଼ି ଚଳାଉଥିବା ବେଳେ କାହାରି ନିଘା ନ ରହିବା ଅନ୍ୟମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏମିତିକି ଉକ୍ତ ଆମେଣ୍ଡମେଣ୍ଟ ଅନୁସାରେ ଅଧିକ ଦଣ୍ଡବିଧାନ ମଧ୍ୟ ହୋଇପାରେ। ଖାଲି ସେତିକି ନୁହେଁ ନାବାଳକ/ନାବାଳିକା ଗାଡ଼ି ଚାଳକଙ୍କୁ ଭବିଷ୍ୟତରେ ଲାଇସେନ୍ସ ମିଳିବା କଷ୍ଟକର ହୋଇପାରେ। ସେହିପରି ନିୟମିତ ଉଲ୍ଲଙ୍ଘନକାରୀଙ୍କ ଅଭିଭାବକମାନେ ମଧ୍ୟ ଅକଳରେ ପଡ଼ିପାରନ୍ତି। ସମସ୍ତ ଜିଲ୍ଲାରେ ପରିବହନ ମୋଟର ଭେଇକିଲ୍ସ ଆମେଣ୍ଡମେଣ୍ଟ ଆକ୍ଟ ଅଧିକାରୀମାନେ ସ୍ୱତନ୍ତ୍ର ଡ୍ରାଇଭ୍ କରୁଛନ୍ତି। କିନ୍ତୁ ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକ୍‌ରେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ଦେଖିବାକୁ ମିଳୁଛି।

- ▶▶ କାହାରିକୁ ମାନୁନାହାନ୍ତି; ସଚେତନତାରେ ଅଟକିଛି କାର୍ଯ୍ୟାନୁଷ୍ଠାନ
- ▶▶ ଅଭିଭାବକଙ୍କ ସହ କର୍ତ୍ତୃପକ୍ଷ ବି ସାଜିଛନ୍ତି ନିରବଦ୍ରଷ୍ଟା

ସୂଚନା ଅନୁଯାୟୀ, ବନ୍ତ ବ୍ଲକ୍‌ରେ ବହୁ ଘରୋଇ ଶିକ୍ଷାନୁଷ୍ଠାନ ରହିଛି। ସେସବୁ ସ୍ଥାନକୁ ପିଲାମାନେ ଗାଡ଼ି ନେଇ ଯାଉଛନ୍ତି। ଉକ୍ତ ସ୍ଥାନରେ ମଧ୍ୟ କେହି ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ସରକାରୀ କଲେଜଗୁଡ଼ିକରେ ବି ସମଦଶା ଦେଖିବାକୁ ମିଳୁଛି। ଲୋକଦେଖାଣିଆ ବାରଣ କରି ଶିକ୍ଷାନୁଷ୍ଠାନ ଚୁପ୍ ବସୁଥିବାବେଳେ ବିଭାଗ ପକ୍ଷରୁ ଚଢ଼ଉ ହେଉ ନ ଥିବାରୁ ପିଲାଙ୍କ ଡର ରହୁନି। ପ୍ରାପ୍ତ ସୂଚନା ଅନୁଯାୟୀ, ବନ୍ତରେ ୨୦୨୧ ଓ ୨୦୨୨ରେ ୯ଜଣ, ୨୦୨୩ରେ ୮ ଓ ୨୦୨୪ ଡିସେମ୍ବର ୨୭ ତାରିଖ ସୁଦ୍ଧା ୧୨ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବାବେଳେ ଆଗରପଡ଼ାରେ ୨୦୨୦ରେ ୪ ଜଣ, ୨୦୨୧ରେ ଜଣେ, ୨୦୨୨ରେ ୫ ଜଣ, ୨୦୨୩ରେ ୬ ଜଣ, ୨୦୨୪ରେ ୪ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଓ ଶତାଧିକ ଲୋକ ଆହତ ହୋଇଥିବାବେଳେ ୨୦୨୫ ଓ ଚଳିତ ବର୍ଷରେ ଏହାର ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ପ୍ରଶାସନ ଉକ୍ତ ସମସ୍ୟାକୁ ଗମ୍ଭୀରତାର ସହ ନେଇ ସରକାରୀ ନିୟମକୁ କଡ଼ାକଡ଼ି ପାଳନ କରିବା ସହ ସଚେତନା ବାର୍ତ୍ତା ପ୍ରଦାନ ପାଇଁ ପ୍ରୟାସ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



## ସେମାନଙ୍କ ମତରେ...




ପୁଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରବେଶ ପଥରେ ପୁଲିସ ମୁତୟନ ଅଛନ୍ତି। ଯଦି କୋ÷ଣସି ନାବାଳକ ଆଇନକୁ ଅବମାନନା କରୁଥିବା ଯାଞ୍ଚ ବେଳେ ଜଣାପଡ଼େ, ତେବେ ସରକାରଙ୍କ ନିୟମାନୁସାରେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**-ରାଜେଶ କୁମାର ସେଠୀ, ଆଗରପଡ଼ା ଥାନାଧିକାରୀ**



ଛାତ୍ରଛାତ୍ରୀଙ୍କୁ ଗାଡ଼ି ନେଇ ଶିକ୍ଷାନୁଷ୍ଠାନ ଆସିବାକୁ ବାରଣ କରାଯାଇଛି, କିନ୍ତୁ ସଚେତନତାର ଅଭାବ ଓ ଅଭିଭାବକଙ୍କ ଇଚ୍ଛାଶକ୍ତିର ଅଭାବରୁ କିଛି ପିଲା ସରକାରୀ ନିୟମକୁ ମାନୁଥିବାବେଳେ ଅନେକ ଏହାକୁ ମାନୁ ନ ଥିବାରୁ ଆଗାମୀ ଦିନରେ ଏହା ଏକ ବଡ଼ ସମସ୍ୟା ରୂପେ ଉଭା ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ପ୍ରଶାସନ ଉକ୍ତ ସମସ୍ୟାକୁ ଗମ୍ଭୀରତାର ସହ ନେଇ ସରକାରୀ ନିୟମକୁ କଡ଼ାକଡ଼ି ପାଳନ କରିବା ସହ ସଚେତନାର ବାର୍ତ୍ତା ପ୍ରଦାନ ପାଇଁ ପ୍ରୟାସ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

**-ବିନୋଦ ଧଳସାମନ୍ତ, ନିର୍ଦ୍ଦେଶକ କଳିଙ୍ଗ କମ୍ପ୍ୟୁଟର୍ସ, ଆଗରପଡ଼ା**



ନାବାଳକଙ୍କ ହାତରେ ବାଇକ୍ ଚାବି ଦେବାରୁ ପ୍ରଥମେ ଅଭିଭାବକମାନେ ନିବୃତ ରହିବା ଆବଶ୍ୟକ। ସେମାନେ ନିଜ ଶିଶୁର ବୟସ ଅନୁସାରେ ତା'ର ଆବଶ୍ୟକତାକୁ ପୂରଣ କରିବା ଆବଶ୍ୟକ। ଏହିପରି କଲେ ଏକ ସୁସ୍ଥ ଓ ସୁରକ୍ଷିତ ସମାଜ ସୃଷ୍ଟି ହୋଇପାରିବ।

**-ମନ୍ମଥ ଦାଶ, ଯୁବ ସମାଜସେବୀ, ଆଗରପଡ଼ା**



ସରକାରଙ୍କ ନିୟମାନୁସାରେ ୧୮ ବର୍ଷରୁ ଅଧିକ ବୟସର ପିଲାମାନେ ବାଇକ୍ ଚଳାଇବା ପାଇଁ ଲାଇସେନ୍ସ ପାଇପାରିବେ। ତେଣୁ ସରକାରୀ ସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(+୨)ର ଛାତ୍ରଛାତ୍ରଙ୍କୁ ବାଇକ୍ ଆଣି ବିଦ୍ୟାଳୟକୁ ଆସିବାରୁ ନିବୃତ ରହିବା ପାଇଁ ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷଙ୍କୁ କଡ଼ାକଡ଼ି ନିୟମ ପ୍ରଣୟନ କରିବା ଆବଶ୍ୟକ।

**-ନିରଞ୍ଜନ ଖୁଲାର, ସିଆର୍‌ସିସି, ତୋଫାବିବି କ୍ଲଷ୍ଟର**

# ପ୍ରେମ ପାଇଁ ଯୁବକଙ୍କୁ ହତ୍ୟା ଘଟଣା: ୩ ଗିରଫ

ଭଦ୍ରକ/ଆରଡ଼ି,୨୭।୬(ସମିସ):

ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଓଳଗ ଷାଠିବାଙ୍କୁଡ଼ା ଗାଁରେ ଗତ ୧୭ ତାରିଖରେ ହାପି ମହାକୁଡ଼(୨୬)ଙ୍କୁ ଘରୁ ଡାକି ନେଇ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେଇ ପରିବାର ଲୋକଙ୍କୁ ଭ୍ରମିତ କରିଥିବା ଅଭିଯୋଗରେ ଶନିବାର ସକାଳୁ ଧୂଷୁରୀ ପୁଲିସ ମୁନା ପଲାଇ, ଛୁଆଁ ପଲାଇ ଓ ସ୍ୱୟମ୍ ପଲାଇଙ୍କୁ ନିଜ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଛି। ଏହି ତଦନ୍ତ ସମୟରେ ଧାମନଗର ଏସ୍‌ଡିପିଓ ଏବଂ ଧୂଷୁରୀ ଥାନା ଅଧିକାରୀ ଜଣ ଜଣ କରି ଦୀର୍ଘ ୩ ଘଣ୍ଟା ଧରି ପଚରାଉଚରା ଜାରି ରଖିଥିଲେ। ଏପଟେ ଘଟଣାସ୍ଥଳରେ ପୁଲିସର ଉଚ୍ଚ ପଦାଧିକାରୀ ପହଞ୍ଚି ହାପିଙ୍କ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ବୁଲି ଦେଖିବା ସହ ଗାଁ ଲୋକଙ୍କଠାରୁ ଘଟଣା ବାବଦରେ ପଚାରି ବୁଝିଥିଲେ।

ଖବର ଅନୁଯାୟୀ, ଗତ ୧୭ ତାରିଖ ମଧ୍ୟାହ୍ନ ସମୟରେ ହାପି ମହାକୁଡ଼ଙ୍କୁ ଫୋନ୍ ଯୋଗେ ଛୁଆଁ ପଲାଇ, ମୁନା ପଲାଇ ଓ ସ୍ୱୟମ୍ ପଲାଇ ଘରକୁ ଏକ ଜରୁରୀ କଥାବାର୍ତ୍ତା ପାଇଁ ଡାକିଥିଲେ। କିଛି ସମୟ ପରେ ହାପିଙ୍କ ମାଆ ଓ ଭଉଣୀ ଜାଣିବାକୁ ପାଇଥିଲେ



କି ମୁନା ପଲାଇଙ୍କ ବାଡ଼ିରେ ହାପି କୌଣସି କାରଣରୁ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅନ୍ୟପଟେ ହାପିଙ୍କ ମୃତ୍ୟୁକୁ ନେଇ ପରିବାର ଲୋକ ଭାଙ୍ଗି ପଡ଼ିବା ସହ ଗାଁ ଲୋକ ଓ ମୁରବିଙ୍କ ସହାୟତା ଲୋଡ଼ିଥିଲେ। ମୃତ୍ୟୁର ୪ ଦିନ ପରେ ହାପିଙ୍କ ମୋବାଇଲ୍‌ରୁ ମୃତ୍ୟୁର ରହସ୍ୟ ଖୋଲିଥିଲା। ଯାହାକି ହାପିଙ୍କ ଭାଇ ଓ ପରିବାର ଲୋକ ଗାଁ ଲୋକଙ୍କୁ ସମସ୍ତ କଥା ଜଣାଇବା ପରେ ହାପିଙ୍କୁ ଚକ୍ରାନ୍ତ କରି ଘରୁ ଡାକି ନେଇ ମୁନା, ଛୁଆଁ ଓ ସ୍ୱୟମ୍ ହତ୍ୟା କରିଥିବା ମୋବାଇଲ୍ ମେସେଜ୍‌ରୁ ଜାଣିବାକୁ ପାଇଥିଲେ। ଏପରିକି ଗାଁ ଲୋକଙ୍କ ସହ ହାପିଙ୍କ ଭାଇ ଓ ମାଆ ଆରଡ଼ି ଫାଣ୍ଡିକୁ ଗତ ୨୧ ତାରିଖରେ ଅଭିଯୋଗ କରିବା ପାଇଁ ଆସିଥିଲେ। ସେଠାରେ ଫାଣ୍ଡି ଅଧିକାରୀ ଆଇନଗତ ଧମକ ଦେବା ସହ ଅଭିଯୋଗ ଶୁଣି ନ ଥିଲେ। ପରେ ଗତ ୨୫ ତାରିଖରେ ଗାଁର ୨ଶହରୁ ଊର୍ଦ୍ଧ୍ୱ ଲୋକ ହାପି ମୃତ୍ୟୁର ରହସ୍ୟ ଖୋଲିବା ସହ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ଓ ପରିବାର ଲୋକଙ୍କୁ ନ୍ୟାୟ ଦେବା ଦାବିରେ ଆରଡ଼ି ଫାଣ୍ଡି ସମ୍ମୁଖରେ ଆନ୍ଦୋଳନ କରିବା ସହ ଏତଲା ଗ୍ରହଣ କରିବା ପାଇଁ ହଟ୍ଟଗୋଳ କରିଥିଲେ। ଶେଷରେ ପୁଲିସ ଏତଲା ରଖି ଗତ ୨୬ ତାରିଖରେ ଗାଁକୁ ଯାଇ ତଦନ୍ତ କରିଥିଲା। ଏହି ତଦନ୍ତରେ ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ଦୀର୍ଘ ୪ ଘଣ୍ଟା ଧରି ଛାନ୍‌ଭିନ୍ କରିଥିଲେ। ଏପରିକି ହାପିଙ୍କ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନଠାରୁ ଆରମ୍ଭ

■ ଗାଁରେ ସ୍ଥିତି ପରଖିଲେ ପୁଲିସ ଉଚ୍ଚ ପଦାଧିକାରୀ
■ ମୃତ ହାପିଙ୍କ ମୋବାଇଲ୍ ହେପାଜତକୁ ନେଲା ପୁଲିସ

କରି ଶ୍ମଶାନ ଓ ନଦୀରୁ ଶରୀରର ଅଂଶ ପୁଲିସ ଜବତ କରି ପରୀକ୍ଷା ପାଇଁ ପଠାଇଛି। ଏଥିସହ ଶନିବାର ହାପିଙ୍କ ୨ ଭଉଣୀଙ୍କର ଜମାନବନ୍ଦି ପାଇଁ ପୁଲିସ ଥାନାକୁ ନେଇଥିବା ହାପିଙ୍କ ମାଆ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଧାମନଗର ଏସ୍‌ଡିପିଓଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ଘଟଣା ସମ୍ପର୍କରେ ଉଚ୍ଚ ଅଧିକାରୀ ସୂଚନା ଦେବେ ବୋଲି କହିଛନ୍ତି।

## ବୃଦ୍ଧି ପାଉଛି ଜଳସଙ୍କଟ; ଚୁଲିକି ଗଲାଣି 'ବସୁଧା' ଯୋଜନା



ବାରିକପୁର,୨୭।୬(ସମିସ): ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ସରକାର ଆରମ୍ଭ କରିଥିବା 'ବସୁଧା' ଯୋଜନା ଏବେ ଚୁଲିକୁ ଗଲାଣି। ଗ୍ରାମାଞ୍ଚଳରେ ଧୀରେଧୀରେ ପାନୀୟ ଜଳ ସଙ୍କଟ ବୃଦ୍ଧି ପାଉଥିବାବେଳେ ଯୋଜନା ଅନୁଯାୟୀ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଅନେକ ବର୍ଷ ହେବ ପ୍ରାୟତଃ ବନ୍ଦ ରହିଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ କିଛି ବର୍ଷ ପୂର୍ବେ 'ବସୁଧା' ଯୋଜନା ଜରିଆରେ ଉଚ୍ଚକ୍ଷମତା ସମ୍ପନ୍ନ ପାଣି ଟାଙ୍କି ନିର୍ମିତ ହେଇଥିଲା। ନିର୍ମିତ ପାଣି ଟାଙ୍କିରେ ଏବେ ସରୀସୃପ ବିଚରଣ କରୁଥିବାବେଳେ ଏହାଦ୍ୱାରା ଆଉ ପାନୀୟ ଜଳ ଯୋଗାଣ ହେଉନାହିଁ। ତନ୍ମଧ୍ୟରୁ ବ୍ଲକ୍‌ର ଜଗନ୍ନାଥ ପ୍ରସାଦ ବ୍ରହ୍ମେଶ୍ୱର ମହାଦେବ ମନ୍ଦିର ନିକଟରେ ଗ୍ରାମବାସୀଙ୍କ ପାଇଁ ନିର୍ମିତ ହୋଇଥିବା ପାଣି ଟାଙ୍କି ଅନ୍ୟତମ ଅଟେ। ଯାହାକି ଏବେ ଅଧିକାଂଶ ନଷ୍ଟ ହେବାକୁ ବସିଛି। ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ୨୦୧୯ ରେ ପାଣି ଟାଙ୍କି ସହିତ ପାଇପ୍ ବ୍ୟବସ୍ଥା ଓ ଟ୍ୟାପ୍ ନିର୍ମାଣ ହୋଇଥିଲା। ନିର୍ମାଣର କିଛି ବର୍ଷ ଯାଏଁ ଏଥିରୁ ଜଳ ଯୋଗାଣ ହୋଇଥିଲା। ଏବେ ପ୍ରାୟ ୨ବର୍ଷ ହେବ ପାଣି ଟାଙ୍କି ଅଚଳ ହୋଇଯାଇଛି। ଟାଙ୍କିରୁ କଂକ୍ରିଟ ଓ ପ୍ଲାଷ୍ଟର ଝଡୁଥିବାବେଳେ ଷ୍ଟିଲ୍ ରେଲିଙ୍ଗ୍ ମଧ୍ୟ ନଷ୍ଟ ହୋଇଗଲାଣି। କେତେକ ରେଲିଙ୍ଗ୍ ମଧ୍ୟ ଚୋରି ହୋଇଗଲାଣି। ମଟର ଗୃହ ସମେତ ଟାଙ୍କି ପରିସର ଗୁଳ୍ମଲତାରେ ଭର୍ତ୍ତି ହୋଇଛି। ବିଭାଗ ପକ୍ଷରୁ ମରାମତି ହେଉ ନ ଥିବାରୁ ପାଣି ଟାଙ୍କି ଅବସ୍ଥା ଶୋଚନୀୟ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ପାଇଁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସ୍ୱପ୍ନ ପାଲଟିଛି। କେବଳ ଜଗନ୍ନାଥ ପ୍ରସାଦ ନୁହେଁ ଯଶୋଟିକିରି, କଣ୍ଟି, ମଞ୍ଜୁରୀ, ବିଷ୍ଣୁପୁର, ତେସିଙ୍ଗା, ବନସ୍ତା, ଶରଦପୁର ପ୍ରମୁଖ ସ୍ଥାନରେ ନିର୍ମିତ ପାଣି ଟାଙ୍କି ଅବସ୍ଥା ମଧ୍ୟ ଶୋଚନୀୟ ହୋଇଛି। ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଖରିଫ ଧାନ ଚାଷକୁ ନେଇ ଚିନ୍ତାରେ ଚାଷୀ

## ନିଅଣ୍ଟିଆ ବର୍ଷା ଯୋଗୁଁ ଜମି ଘାସ ପୂର୍ଣ୍ଣ

ବାରିକପୁର,୨୭।୬(ସମିସ): ଏବେ ସୁଦ୍ଧା ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ହୋଇଛି। ପହିଲି ରଜ ପୂର୍ବରୁ କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଥିବାବେଳେ ପରେ ସେଭଳି କିଛି ବଡ଼ଧରଣର ବର୍ଷା ଏଯାଏଁ ହୋଇନାହିଁ। ଗତ ୧୫ ଦିନ ମଧ୍ୟରେ ଦିନେ ଛାଡ଼ି ଦିନେ ସ୍ଥାନେ ସ୍ଥାନେ ସ୍ୱଳ୍ପ ଧରଣର ବର୍ଷା ହୋଇଛି। ଏଥିଯୋଗୁଁ କେବଳ ଚାଷ ଜମିରେ ଗୁଳ୍ମଲତା



ମାଡ଼ିଯାଇଛି। ବର୍ଷା ବିନା ବିଭିନ୍ନ ଅଞ୍ଚଳର ଚାଷ ଜମିଗୁଡ଼ିକ ବେଉଷଣ ନ ହୋଇ ଘାସ ବଣରେ ପରିପୂର୍ଣ୍ଣ ହୋଇ ରହିଛି। ବିଶେଷ କରି ଚାଷୀମାନେ ଏବେ ପାଗକୁ ଭରସା କରି ଧାନ ତଳି ପକାଇନାହାନ୍ତି। ସୂଚନା ମୁତାବକ, ୨୩ଟି ପଞ୍ଚାୟତ ଅଞ୍ଚଳରେ ପ୍ରାୟତଃ ୧୬ ହଜାର ହେକ୍ଟରରୁ ଅଧିକ ଚାଷ ଜମିରେ ପ୍ରତ୍ୟେକ ବର୍ଷ ଖରିଫ ଧାନ ଚାଷ ହୋଇଥାଏ। ସ୍ୱାଭାବିକ ବର୍ଷାକୁ ଆଖି ଆଗରେ ରଖି ପହିଲି ରଜ ପୂର୍ବରୁ ଓ ପରବର୍ତ୍ତୀ ସମୟରେ ଅନେକ ଜମିରେ ଖରାଟିଆ ତଳି ପଡ଼ିଥାଏ। ଚଳିତ ବର୍ଷ କିନ୍ତୁ ଏହାର ବ୍ୟତିକ୍ରମ ଦେଖାଦେଇଛି। ପାଣି ମଡ଼ାଇବା ବ୍ୟବସ୍ଥା ଥିବା ଗଡ଼ିଆ ପୋଖରୀକୁ ଲାଗି କିଛି ସ୍ୱଳ୍ପ ଜମିରେ ତଳି ପଡ଼ିଥିବାବେଳେ ଅନ୍ୟ ସବୁଠି ଚାଷଜମି ଶୁଖିଲା ଠକ ଠକ ହୋଇ ପଡ଼ିରହିଛି। ଜୁନ୍ ମାସରେ ସ୍ୱଳ୍ପ ବର୍ଷାକୁ ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାବେଳେ ଜଳସମ୍ପଦ ବିଭାଗ କିନ୍ତୁ କେନାଲ ପାଣି ଛାଡ଼ିବାକୁ ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଚିରାଚରିତ ଭାବେ ଜୁଲାଇ ମାସ ଅଧାରୁ ପାଣି ଛଡ଼ାଯିବ ବୋଲି ବିଭାଗ ସୂଚନା ଦେଇଛି। କେଉଁଦିନ ତଳି ପଡ଼ିବ ଏବଂ ଜମି ବେଉଷଣ ହୋଇ ଧାନ ରୁଆପୋତା କାର୍ଯ୍ୟ ହେବ ତାକୁ ନେଇ ସବୁଆଡ଼େ ଭାଳେଣି ପଡ଼ିଛି। ଏପଟେ ଠିକ୍ ସମୟରେ କେନାଲରେ ପାଣି ନ ଥିବାବେଳେ ସେପଟେ ବର୍ଷା ମଧ୍ୟ ହେଉନାହିଁ। ତେଣୁ ଖରିଫ ଧାନ ଚାଷ ଗଭୀର ଭାବେ ପ୍ରଭାବିତ ହେବ ବୋଲି ଅନୁମାନ କରାଯାଉଛି। ଏପରି ସ୍ଥଳେ ଚାଷୀମାନେ ଏବେ ଘୋର୍ ଚିନ୍ତାରେ ପଡ଼ିଛନ୍ତି।

### ■ ନାଜିଆ ଏଲାହି ଖାନ୍‌ଙ୍କ ମତବ୍ୟକୁ ବିରୋଧ

## ମୁସ୍‌ଲିମ ଜମାତ୍ ତରଫରୁ ଥାନାରେ ଏତଲା

ଧାମନଗର,୨୭।୬(ସମିସ): ଧାମନଗର ମୁସ୍‌ଲିମ ଜମାତ୍ ତରଫରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନାଜିଆ ଏଲାହି ଖାନ୍‌ଙ୍କ ମତବ୍ୟକୁ ବିରୋଧ କରାଯିବା ସହ ମୁସ୍‌ଲିମ ଜମାତ୍ ତରଫରୁ ଥାନାରେ ଏତଲା ଦିଆଯାଇଛି। ଖବରରୁ ଯାହା ଜଣାଯାଏ, କୋଲକାତାର ଜଣେ ମହିଳା ନାଜିଆ ଏଲାହି ଖାନ୍ ନାମକ ବ୍ୟକ୍ତି ମୁସ୍‌ଲିମ ସମ୍ପ୍ରଦାୟର ଧର୍ମଗୁରୁ ପ୍ରଫେଟ ମହମ୍ମଦଙ୍କ ଉପରେ ଆପତ୍ତିଜନକ ଏବଂ ବିବାଦୀୟ ମନ୍ତବ୍ୟ ଦେଇଥିବାର ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଦୃଷ୍ଟିକୁ ଆସିଥିଲା। ସାରା ଦେଶରେ ଏହି ବିବାଦୀୟ ମନ୍ତବ୍ୟଗୁଡ଼ିକ ମୁସ୍‌ଲିମ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ଗଭୀର ଦୁଃଖ ଓ କ୍ଷୋଭ ଏବଂ ଆକ୍ରୋଶ ସୃଷ୍ଟି କରିଛି। ଯାହାକୁ ନେଇ ମୌଲାନା ଆଲହାଜ ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମିଲ୍ଲାତ)ଙ୍କ ସଭାପତିତ୍ୱରେ ଶନିବାର ୪ଟା ୩୦ରେ ଧାମନଗର ମୁସ୍‌ଲିମ ଜମାତ ତରଫରୁ ଖାନ୍‌କା ସରିଫ୍ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶାନ୍ତି କମିଟିର ସଦସ୍ୟ ଏମ୍‌ଡି ହବିବୁର ରହେମାନଙ୍କ ସଞ୍ଚାଳନାରେ ଏହି ସାମ୍ବାଦିକ ସମ୍ମିଳନୀରେ ଶାନ୍ତି କମିଟିର ବରିଷ୍ଠ ସଭ୍ୟ ସେକ୍ ଅବ୍‌ଦୁଲ ହାକିମ୍, ଏମ୍‌ଡି ଫଜଲେ ବାରି, ସେକ୍ ଜାଫର ଅଲ୍ଲୀ, ଏମ୍‌ଡି ଫକିରୁଦ୍ଦିନ ପ୍ରମୁଖ ଯୋଗଦେଇ ଉକ୍ତ ଘଟଣାକୁ ନିନ୍ଦା କରିବା ସହ ଆମ ଧାର୍ମିକ



ଭାବନାକୁ ଘୋର୍ ଆଘାତ ପହଞ୍ଚାଇଥିବା ବ୍ୟକ୍ତି ନାଜିଆ ଏଲାହି ଖାନ୍‌ଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ପରେ (ମସ୍ତାନ-ଏ ମିଲ୍ଲାତ)ଙ୍କ ନେତୃତ୍ୱରେ ଖାନ୍‌କା ସରିଫଠାରୁ ଶାନ୍ତିପୂର୍ଣ୍ଣଭାବେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଥାନାରେ ପହଞ୍ଚି ଆଇଆଇସି ଶୁଭ୍ରଜିତ ଦାଶଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏଥିରେ କାଉନ୍‌ସିଲର ଏମ୍‌ଡି ଜୟନୁଲ ହକ୍, ସରପଞ୍ଚଙ୍କ ପ୍ରତିନିଧି ସେକ୍ ମୁସ୍ତାକ, ସେକ୍ ଖଲିଲୁଲ୍ଲା, ମୀର୍ ମୁରତୁଜା, ମୁସ୍‌ଲିମ ଜମାତ୍‌ର କର୍ମକର୍ତ୍ତା ସେକ୍ ଜୟନୁଲ ଆବେଦିନ, କାଉନ୍‌ସିଲର ଏମ୍‌ଡି ଜୟନୁଲ ହକ୍, ମୀର ମୋହିଉଦ୍ଦିନ, ସେକ୍ ଇବ୍ରାହିମ୍, ସେକ୍ କଲିମୁଦ୍ଦିନ, ସେକ୍ ହଲିମ, ଏମ୍‌ଡି ଇସ୍‌ଲାମୁଦ୍ଦିନ, ସେକ୍ ନେଜାମୁଦ୍ଦିନ, ଏମ୍‌ଡି ତାଜୁଦ୍ଦିନ, ସେକ୍ ଆସ୍‌ଲାମ, ମୀର୍ ନୁରୁଲ ଇସ୍‌ଲାମ, ମୀର୍ ଫାରୁକ୍, ସେକ୍ ଆସଲାମ, ସେକ୍ କାଦିରୀ, ସେକ୍ ଜୁଲୋ, ମୀର୍ ଖୁର୍‌ସିଦ, ସେକ୍ ବାଟୋ, ସେକ୍ ମାଙ୍ଗୋ ଓ ଅନ୍ୟ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରକାଶ ଥାଉକି, ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାରଙ୍କୁ ଆସନ୍ତା ସୋମବାର ଲିଖିତ ଅଭିଯୋଗ ପ୍ରଦାନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

## ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ





ଭଦ୍ରକ,୨୭।୬(ସମିସ): ଭଦ୍ରକ ଜିଲ୍ଲା ଚରମ୍ପା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଶାଖା ଓମ୍ବୁଡ୍ସମ୍ୟାନ୍ ସେଲ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ସାଇବର ଠକାମୀକୁ ଚିହ୍ନଟ କରିବା, ସେଥିପ୍ରତି ସାବଧାନ ରହିବାର ଉପାୟ, ଅନ୍‌ଲାଇନ୍ ଆର୍ଥିକ କାରବାର ସମୟରେ ସତର୍କତା, ତଥା ଏ ସମ୍ବନ୍ଧୀୟ ସମସ୍ତ ଅସୁବିଧାର ସମାଧାନ ପାଇଁ ଆର୍‌ବିଆଇର ଓମ୍ବୁଡ୍ସମ୍ୟାନ୍ ସେଲର ସାହାଯ୍ୟ ନେବାର ପ୍ରକ୍ରିୟା ଆଦି ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ ଶାଖା ମ୍ୟାନେଜର ନବଘନ ରାଉତ, ଆସିଷ୍ଟାଣ୍ଟ ମ୍ୟାନେଜର ସରୋଜ କୁମାର ଦାଶ, ଅଫିସର ସୁଶାନ୍ତ ମହାପାତ୍ର, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଭଦ୍ରକ ମୁଖ୍ୟ ଶାଖାର ମୁଖ୍ୟ ପ୍ରବନ୍ଧକ ସଞ୍ଜୟ ତ୍ରିପାଠୀ। ପ୍ରୋଜେକ୍ଟର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସବିଶେଷ ବିବରଣୀ ଦେବା ସହ ପ୍ରଶ୍ନୋତ୍ତର ପର୍ଯ୍ୟାୟରେ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ବୋଷ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ନିଯୁକ୍ତି ଓ ବୃତ୍ତିଗତ ପରାମର୍ଶ ବିଭାଗର ମୁଖ୍ୟ ଲେଫ୍ଟନାଣ୍ଟ ଡ. ପ୍ରବୀର କୁମାର ମହାପାତ୍ର ଓ ସିଦ୍ଧାର୍ଥ ଶୁଭଙ୍କର ଧଳ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ବ୍ୟତୀତ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ପରିଡ଼ା, ଡ. ସୁକାନ୍ତି ମହାପାତ୍ର, ଡ. ପ୍ରଦୀପ୍ତ କୁମାର, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ସୋମନାଥ ସିଂ, ଅଜିତ୍ ସାହୁ, ମନୋଜ ମହାଳିକ, ଡ. ଫିର୍ଦୌଶ୍ ହୋସେନ, ସ୍ନେହଲତା ହେମ୍ବ୍ରମ, ଚପଳା ପାଣିଗ୍ରାହୀ, ଆଲୋକ ସେନାପତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟତା କରିଥିଲେ। ପରିଶେଷରେ ଆର୍‌ବିଆଇର ଓମ୍ବୁଡ୍ସମ୍ୟାନ ସେଲର ଏହି ସଚେତନତା କାର୍ଯ୍ୟକ୍ରମ ପାଇଁ ମହାବିଦ୍ୟାଳୟ ତରଫରୁ ଅଧ୍ୟକ୍ଷାଙ୍କ ଦ୍ୱାରା ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ରାମକୃଷ୍ଣପୁରରେ ଗ୍ରାମ ପଞ୍ଚାୟତସ୍ତରୀୟ ସମ୍ମିଳନୀ

ବନ୍ତ/ଆଗରପଡ଼ା,୨୭।୬(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତରେ ଗ୍ରାମ ପଞ୍ଚାୟତସ୍ତରୀୟ ସମ୍ମିଳନୀ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ହିରେନ୍ଦ୍ର ଖିଲାର, ମନୋଜ ବିଶ୍ୱାଳ, ନବକିଶୋର ବଳ, ମହେଶ୍ୱର ସେଠୀ, ଏମ୍‌ବିକେ ପ୍ରଜ୍ଞାପାରମିତା ରାଉତ, ବ୍ୟାଙ୍କ୍ ମିତ୍ର ସବିତା ବେହେରା, ଜିଆର୍‌ଏସ୍ ମନୋରଞ୍ଜନ ପତି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଫଳରେ ଏହା ରାଜ୍ୟର ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ କାର୍ଡ ବଣ୍ଟନ କରାଯାଇଥିଲା। ତୃତୀୟ ଦିବସରେ ରାଜ୍ୟ ସରକାରଙ୍କ ସୁଭଦ୍ରା ଟଙ୍କା ପାଇଁ ମହିଳା କିପରି ସ୍ୱାବଲମ୍ବୀ ହେଉଛନ୍ତି ସେ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ଏହା ସହିତ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବିଷୟରେ ମଧ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଏହି ତିନିଦିନ କାର୍ଯ୍ୟକ୍ରମରରେ ସୋଲାର ସୂର୍ଯ୍ୟଘର, ଗୋପବନ୍ଧୁ ବାର୍ଦ୍ଧକ୍ୟ ଭତ୍ତା, ଆଧାର ସଂଶୋଧନ, ଲେବର କାର୍ଡ, ରାସନ କାର୍ଡ ସମେତ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ପଞ୍ଚାୟତରେ ଅବଗତ କରାଯିବା ସହିତ ଆବେଦନ ପାଇଁ ମଧ୍ୟ କୁହାଯାଇଥିଲା।


## ଶ୍ରେଷ୍ଠ ଚିତ୍ରଗ୍ରହଣ ନିମନ୍ତେ ମାନସ ମିଶ୍ର ପୁରସ୍କୃତ



ଭଦ୍ରକ,୨୭।୬(ସମିସ): ଭଦ୍ରକ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ମାନସ କୁମାର ମିଶ୍ର। ଓଡ଼ିଆ ଚଳଚ୍ଚିତ୍ର "ଭଗିଆ ଭାରିଜା' ପାଇଁ ଜଣେ "ଶ୍ରେଷ୍ଠ ଚିତ୍ରଗ୍ରହଣ' ଲାଗି ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ପାଇଁ ସେ ରାଜ୍ୟ ପୁରସ୍କାର ଗ୍ରହଣ କରିଛନ୍ତି। ସେ ଭଦ୍ରକର ପ୍ରଥମ ସିନେ ଚିତ୍ରଗ୍ରହଣ ଲାଗି ପୁରସ୍କୃତ ହୋଇଥିବାରୁ ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଭଦ୍ରକ ସହ ସାଳନ୍ଦୀ ବାଇପାସ୍‌ସ୍ଥିତ ପ୍ରଭାତୀ ବିହାର ଅଞ୍ଚଳର ଅଧିବାସୀ ମାନସ। ସେ ଖୁବ୍ ପୁସ୍ତକ ପ୍ରିୟ। ତାଙ୍କ ଭଦ୍ରକ ବାସଭବନରେ ନିଜସ୍ୱ ଖର୍ଚ୍ଚରେ ସେ 'ମାଇଁ ବୁକ୍‌ସେଲ୍‌ଫ' ନାମକ ଏକ ଲାଇବ୍ରେରୀ ପ୍ରତିଷ୍ଠା କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୩ ଓ ୨୦୨୪ ମସିହା ପାଇଁ ଆୟୋଜିତ ଏହି ପୁରସ୍କାର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କ ଉପସ୍ଥିତିରେ ମାନସଙ୍କୁ ପୁରସ୍କୃତ କରାଯାଇଛି।

## ମନ୍ତେଇ ନଦୀରୁ ନିଖୋଜ ଯୁବକଙ୍କ ଶବ ଉଦ୍ଧାର

ବାସୁଦେବପୁର,୨୭।୬(ସମିସ): ବାସୁଦେବପୁର ବ୍ଲକ୍‌ର ଗୋବିନ୍ଦପୁର ଗାଁରେ ୨ ଦିନ ତଳୁ ନିଖୋଜ ହୋଇଥିବା ଯୁବକଙ୍କ ଶବ ମନ୍ତେଇ ନଦୀରୁ ଉଦ୍ଧାର କରାଯାଇଛି। ଗୋବିନ୍ଦପୁର ଦକ୍ଷିଣସାହିର କୁଶଧର ସାହୁଙ୍କ ପୁଅ ସୌମ୍ୟରଞ୍ଜନ ସାହୁ (ଟଗଲା) ପାରିବାରିକ କଳିକୁ କେନ୍ଦ୍ର କରି ଗତ ଦୁଇ ଦିନ ଧରି ନିଖୋଜ ହୋଇଥିଲେ। ପରିବାର ପକ୍ଷରୁ ନାୟକାଣୀଡିହି ଥାନାର ଲିଖିତ ଅଭିଯୋଗ କରିଥିଲେ। ଶନିବାର ସକାଳେ ବାଲିମେଦ ପଞ୍ଚାୟତର



ଖସରବେଢ଼ି ଗାଁର ମନ୍ତେଇ ନଦୀ ଶାଖାର ଜାଲରେ ଏକ ଶବ ଲାଗିଥିଲା। ଜୁଆର ଅଧିକ ଆସିବାରୁ ଭାସି ଯାଇଥିଲା। ଖବର ପାଇ ନାୟକାଣୀଡିହି ପୁଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି କଳିକତି ଦଳ ଭିତରୁ ଶବକୁ ଉଦ୍ଧାର କରିଥିଲେ। ଘରୋଇ କଳହ ଯୋଗୁଁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ନାୟକାଣୀଡିହି ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।

## ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମର ସମାପନ ସମାରୋହ



ଭଦ୍ରକ,୨୭।୬(ସମିସ): ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ୩୦ ଦିନାତ୍ମକ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ନରସିଂହ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏନ୍‌ଇପି-୨୦୨୦ର ଦକ୍ଷତା ବିକାଶ ଶିକ୍ଷା ଓ ପ୍ରାଚ୍ୟ ବିଦ୍ୟା ଅନ୍ତର୍ଦ୍ଦେଶୀୟ ଶିକ୍ଷା ଏବଂ ସଂସ୍କୃତ ଶିକ୍ଷାର ପ୍ରଚାରପ୍ରସାର ଦିଗରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅକ୍ଷୟ ପାଣିଗ୍ରାହୀ, ସମ୍ମାନିତ ଅତିଥି ଶ୍ରୀମତୀ ପଣ୍ଡା, ମଞ୍ଜୁଲତା ମହାପାତ୍ର ଓ ପ୍ରଭାତୀ ନାୟକ ପ୍ରମୁଖ ଯୋଗଦେଇ ସଂସ୍କୃତ ଶିକ୍ଷାର ମାନବିକ ମୂଲ୍ୟବୋଧ ତଥା ସମାଜ ଉପରେ ଏହାର ପ୍ରତିଫଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ଚାଲିଥିବା ପ୍ରଶିକ୍ଷଣ ଶିବିରର ଅନୁଭୂତି ସମ୍ବନ୍ଧରେ ଛାତ୍ରଛାତ୍ରୀମାନେ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଚତୁର୍ଥ ସେମିଷ୍ଟର ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିବାବେଳେ ଅଧ୍ୟାପକ ଶୁକଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ମଧୁସୂଦନ ତ୍ରିପାଠୀ ଓ ଗୌରାଙ୍ଗ ଦାସ ସଭା ସଞ୍ଚାଳନ କରିଥିଲେ।

### ଧୂଷୁରୀ-ପଙ୍ଗଟା ରାସ୍ତା ପାର୍ଶ୍ୱରେ ମଦ ଦୋକାନ ସ୍ଥାନାନ୍ତର ଦାବିରେ

# ଆଞ୍ଚଳିକ ଜନଜାଗରଣ ସୁରକ୍ଷା ମଞ୍ଚ ପକ୍ଷରୁ ଶାନ୍ତିପୂର୍ଣ୍ଣ ଗଣଧାରଣା



ଧୂଷୁରୀ/ଅସୁରାଳି,୨୭।୬(ସମିସ):

ଧୂଷୁରୀରୁ ହସନାବାଦ ରାସ୍ତା ତଥା (ସ୍ୱାଧୀନତା ସଂଗ୍ରାମୀ ମୁରଲୀଧର ମାର୍ଗ) ପାର୍ଶ୍ୱରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ସ୍ଥାପନକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଏହି ଜନବିରୋଧୀ ନିଷ୍ପତ୍ତି ବିରୋଧରେ 'ଆଞ୍ଚଳିକ ଜନ ଜାଗରଣ ସୁରକ୍ଷା ମଞ୍ଚ' ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯିବା ସହ ପ୍ରସ୍ତାବିତ ସ୍ଥାନରେ ଶତାଧିକ ସ୍ଥାନୀୟ ଜନସାଧାରଣ ଗଣଧାରଣା ଦେବା ସହିତ କ୍ଷେତ୍ର ପରିଦର୍ଶନ କରିବାକୁ ଆସିଥିବା ଜିଲ୍ଲା ଅବକାରୀ ବିଭାଗ ଅଧିକାରିଣୀ ମମତା କୁମାରୀ ଦାସଙ୍କୁ ଜିଲ୍ଲାପାଳ ଏବଂ ଅବକାରୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା। ଏଥିସହିତ ପୂର୍ବରୁ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ, ଏସ୍‌ପି, ଅବକାରୀ ଅଧୀକ୍ଷକ ଓ ବ୍ଲକ୍ ଅଧ୍ୟକ୍ଷାଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ପ୍ରସ୍ତାବିତ ସ୍ଥାନରେ ମଦ ଦୋକାନ ପ୍ରତିଷ୍ଠା ହେଲେ ଅଞ୍ଚଳର ଶାନ୍ତିଶୃଙ୍ଖଳା ବ୍ୟାହତ ହେବା ସହ ମହିଳା ଓ ସ୍କୁଲ-କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ। ଏଥିସହିତ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା କରି ମଞ୍ଚ ପକ୍ଷରୁ ଏହି ଦାବିପତ୍ର ଦିଆଯାଇଛି। ଯଥାଶୀଘ୍ର ଏହି ପ୍ରସ୍ତାବକୁ ବାତିଲ୍ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଜନ ଜାଗରଣ ଶାନ୍ତିପୂର୍ଣ୍ଣ ଧାରଣାରେ ବୀଣାପାଣି ନାୟକ, କନକ ଲତା ନାୟକ, ଜ୍ୟୋସ୍ନାରାଣୀ ନାୟକ, ଲିଲିରାଣୀ ନାୟକ, ସୀମା ଲତା ନାୟକ, ଜାନକୀ ନାୟକ, ରାଜଲକ୍ଷ୍ମୀ ନାୟକ, ସ୍ନେହଲତା ନାୟକ, ମଞ୍ଜୁଲତା ନାୟକ, ଅନୁସୟା ନାୟକ, କେତକୀ ଲତା ନାୟକ, ପବିତ୍ରା ନାୟକ, ପ୍ରମିଳା ନାୟକ, ଲୁସି ନାୟକ, ସୁଧୀର ନାୟକ, ରଘୁନାଥ ସ୍ୱାଇଁ, ବାଦଲ ବିଶ୍ୱାଳ, ରଞ୍ଜନ ଭୂୟାଁ, ଆଶିଷ ଜେନା, ସୁଦର୍ଶନ ରାଉତ, ତନ୍ମୟ ମହାପାତ୍ର, ନିଶିକାନ୍ତ ନାୟକ, ବାବୁ ସାମଲ, ଗୋବର୍ଦ୍ଧନ ପାଗଳ, ମାନସ ନାୟକ, ଆନନ୍ଦ ନାୟକ, ପୃଥ୍ୱୀରାଜ ନାୟକ, ଖଗେଶ୍ୱର ପାଗଳ, ବିକାଶ ନାୟକ, ପ୍ରକାଶ ନାୟକ, ରତ୍ନାକର ନାୟକ, ବିଭୁ କିଶୋର ନାୟକ, ଚିତ୍ତରଞ୍ଜନ ନାୟକ, ଯଶୋବନ୍ତ ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ରହି ଏହି ସାମାଜିକ ସୁରକ୍ଷା ଲଢ଼େଇକୁ ସମର୍ଥନ ଜଣାଇଥିଲେ।

## ମଦ ଦୋକାନ ସ୍ଥାନାନ୍ତର ଦାବିରେ ବଢୁଛି ଜନଅସନ୍ତୋଷ

ଦୋଳସାହି,୨୭।୬(ସମିସ): ତିହିଡ଼ି ଥାନା ଅଧୀନ ଦୋଳସାହି ପଞ୍ଚାୟତରେ ଅବସ୍ଥିତ ସରକାରୀ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ପାଇଁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଭଦ୍ରକ ଜିଲ୍ଲାପାଳଙ୍କଠାରେ ଏହି ମଦ ଦୋକାନ ସ୍ଥାନାନ୍ତର ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଦୋଳସାହି-ଗୁଆମାଳକୁ ଯାଇଥିବା ମୁଖ୍ୟ ରାସ୍ତାକଡ଼ରେ ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଦୀର୍ଘ ବର୍ଷ ଧରି ଥିବାବେଳେ ଏହି ମଦ ଦୋକାନ ସମ୍ମୁଖରେ ବହୁ ସମୟରେ ମଦ୍ୟପମାନଙ୍କ ଦ୍ୱାରା ଦୁର୍ଘଟଣା ଘଟୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଆସୁଛି। ଏହି ସରକାରୀ ମଦ ଦୋକାନ ଅନତି ଦୂରରେ ପ୍ରାଥମିକ ବିଦ୍ୟାଳୟରୁ ମହାବିଦ୍ୟାଳୟ ଥିବାବେଳେ ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସହ ୫ ପଞ୍ଚାୟତର




ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରିଥା'ନ୍ତି। ଏହି ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ମଦ କିଣି ନିକଟରେ ଥିବା ଚାଖଣା ଦୋକାନରେ ବସି ଆସର ଜମାଉଥିବା ସହ ଅନେକ ସମୟରେ ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକଙ୍କ ସହ ଦୁର୍ବ୍ୟବହାର କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମଦ ଦୋକାନ ସ୍ଥାନାନ୍ତର ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ଭଦ୍ରକ ଜିଲ୍ଲାପାଳ ଓ ଅବକାରୀ ଅଧୀକ୍ଷକଙ୍କଠାରେ ଭରତ ଚନ୍ଦ୍ର ସାହୁ, ମାନସ ପରିଡ଼ା, ହରେକୃଷ୍ଣ ନାୟକ, ଅଶ୍ୱନୀ ସଂକେତ ପାଢ଼ୀ, ପ୍ରଭାକର ମିଶ୍ର, ଅମର ଜେନା, ଅରୁଣ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି।

## ଆଧ୍ୟାତ୍ମିକ ବିକାଶ ଓ ପର୍ଯ୍ୟଟନର ନୂଆ ଠିକଣା

# ରାମଚନ୍ଦ୍ରପୁର ଶ୍ରୀରାମେଶ୍ୱର ମନ୍ଦିରର ନିର୍ମାଣ ଶେଷ ପର୍ଯ୍ୟାୟରେ

ଆନନ୍ଦପୁର,୨୭।୬(ସମିସ)



କେନ୍ଦୁଝର ଜିଲ୍ଲାର ରାମଚନ୍ଦ୍ରପୁରଠାରେ ସୃଷ୍ଟି ହେଉଥିବା ଆଧ୍ୟାତ୍ମିକ କେନ୍ଦ୍ର ପର୍ଯ୍ୟଟନ ତାଲିକାରେ ଯୋଡ଼ି ହେବାକୁ ଯାଉଛି। ଆଉ ମାତ୍ର ଗୋଟିଏ ବର୍ଷକୁ ଅପେକ୍ଷା। ସୃଷ୍ଟି ହେବ ଆଧ୍ୟାତ୍ମିକ ପରିବେଶ। ଲାଗିବ ଗହଳ ଚହଳ। ଭିଡ଼ରେ ଫୁଟି ଉଠିବ ଅଞ୍ଚଳ। ସୃଷ୍ଟି ହେବ ଆଧ୍ୟାତ୍ମିକ ବିକାଶର ନୂଆ ଫର୍ଦ୍ଦ। ସ୍ଥାନୀୟ ଲୋକଙ୍କର ଆର୍ଥିକ ବିକାଶର ମାଧ୍ୟମ ସାଜିବ। ଖୁବ୍‌ଶୀଘ୍ର କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍‌ର ରାମଚନ୍ଦ୍ରପୁର ଅଞ୍ଚଳରେ ନିର୍ମାଣ ହେଉଥିବା ବିଶାଳ ରାମେଶ୍ୱର ମନ୍ଦିର ଭବ୍ୟ ନିର୍ମାଣଶୈଳୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ।

ମା' ତାରିଣୀଙ୍କ ପରେ ରାମେଶ୍ୱରଙ୍କ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। କଲ୍ୟାଣ ମଣ୍ଡପ ନିର୍ମାଣ ଲକ୍ଷ୍ୟ ପର୍ଯ୍ୟଟନକୁ ନୂଆ ଦିଗ ଦେବ। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସହଯୋଗ, ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ସାହୁଙ୍କ ଉଦ୍ୟମ ଏବଂ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ଆଖପାଖ ଅଞ୍ଚଳର ଶୁଭେଚ୍ଛୁଙ୍କ ମିଳିତ ସହଯୋଗରେ ରାମଚନ୍ଦ୍ରପୁରଠାରେ ରାମେଶ୍ୱର ମନ୍ଦିରର ପରିକଳ୍ପନା କରାଯାଇ ଏହାର ସାକାର ରୂପରେଖ ଦେବାକୁ ଉଦ୍ୟମ କରାଯାଇଛି। ଆଉ ମାତ୍ର ବର୍ଷଟିଏ ପରେ ରାମେଶ୍ୱର ମନ୍ଦିରର ସମ୍ପୂର୍ଣ୍ଣ ରୂପରେଖ ଲୋକାର୍ପିତ ହେବାର ଲକ୍ଷ୍ୟ ରଖାଯାଇଥିବାବେଳେ ଏହାର ଆକର୍ଷଣୀୟ ନିର୍ମାଣ ଶୈଳୀ, ବିଭିନ୍ନ ଦେବାଦେବୀଙ୍କୁ ପ୍ରତିଷ୍ଠା କରିବାର ବ୍ୟବସ୍ଥା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାର ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଇଛି।

ରାମେଶ୍ୱରଙ୍କ ମନ୍ଦିର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଷ୍ଣୁ, ଗଣେଶ, ସୂର୍ଯ୍ୟ, ମା' ଲକ୍ଷ୍ମୀ, ରାଧାକୃଷ୍ଣଙ୍କ ସ୍ୱତନ୍ତ୍ର ମନ୍ଦିର ମଧ୍ୟ ଏହା ପରିସରରେ ନିର୍ମାଣ ହୋଇଛି। ଏପରିକି ରାମ ଲାଲାଙ୍କ ପାଇଁ ମନ୍ଦିର ନିର୍ମାଣର ଶୁଭ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କ ଅନୁଦାନରେ ଶନି ମନ୍ଦିର, ହନୁମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହାସହିତ ଅମୃତ ସରୋବରର ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ରହିଛି। ସରକାରଙ୍କ ଆର୍ଥିକ ବ୍ୟବସ୍ଥାର ସହଯୋଗ ମଧ୍ୟ ଏହି ନିର୍ମାଣ କାର୍ଯ୍ୟରେ ରହିଥିବାବେଳେ ଜନସାଧାରଣଙ୍କ ସମ୍ପୂର୍ଣ୍ଣ ସହଯୋଗ ମଧ୍ୟ ରହିଛି। ଲୋକଙ୍କଠାରୁ ମାଗଣ କରାଯାଇ ଅନୁଦାନ ସଂଗ୍ରହ କରାଯାଇ ଏହି ମନ୍ଦିର ନିର୍ମାଣ କାର୍ଯ୍ୟରେ ମଧ୍ୟ ବିନିଯୋଗ କରାଯାଇଛି। ସରକାରୀ ଅର୍ଥ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସ୍ୱତନ୍ତ୍ର ଅନୁଦାନ ସହିତ ସାଧାରଣ ଲୋକଙ୍କ ଦାନ ମଧ୍ୟ ଏହି ମନ୍ଦିର ନିର୍ମାଣରେ ସହାୟକ ହେଉଛି। ରାମେଶ୍ୱରଙ୍କ ନାମ ଅନୁଯାୟୀ ସ୍ଥାନୀୟ ଅଞ୍ଚଳରେ ରାମେଶ୍ୱର କ୍ଲବ ଗଢି ଉଠିଛି। ଏପରିକି ରାମେଶ୍ୱର ଖେଳପଡିଆ ମଧ୍ୟ ରହିଛି। ଏହି ରାମେଶ୍ୱର ଖେଳପଡିଆରେ ପ୍ରତିବର୍ଷ କ୍ଲବ ପକ୍ଷରୁ ଜାତୀୟ ସ୍ତରର ଖେଳାଳିଙ୍କୁ ନେଇ ବିଭିନ୍ନ କ୍ରୀଡା ଆନନ୍ଦପୁର ଅଞ୍ଚଳରେ ବେଶ୍ ଚର୍ଚ୍ଚାକୁ ଆସିଛି। ରାମେଶ୍ୱର କ୍ଲବ ପକ୍ଷରୁ ବିଭିନ୍ନ ସମୟରେ ବିଭିନ୍ନ ସାମାଜିକ କାର୍ଯ୍ୟାକ୍ରମ ବେଶ ଜଣାଶୁଣା ରହିଛି। ମନ୍ଦିର ପୂର୍ଣାଙ୍ଗ ରୂପରେଖ ନେଇ ନଥିବାବେଳେ ନିକଟରେ ନାଗ ନାଗୁଣି ମନ୍ଦିର ପରିସରରେ ଦୀର୍ଘ ୭ରୁ ୮ ଦିନ ରହି କ୍ରୀଡା କରିବାର ଅଲୌକିକ ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି। କେଉଁଠି ନା କେଉଁଠି ପ୍ରଭୁଙ୍କ ଆଶୀର୍ବାଦ ସମ୍ପୃକ୍ତ ଅଞ୍ଚଳରେ ରହିଥିବା ଚର୍ଚ୍ଚାର ପରିସରକୁ ଆସିଛି।

୨୦୧୨ରୁ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏହା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶିକ୍ଷାବିତ୍ ସ୍ୱର୍ଗତ ବୀରଭଦ୍ର ବିଶ୍ୱାଳ ଓ ତାଙ୍କ ଧର୍ମପତ୍ନୀ ମନ୍ଦିରର ଶୁଭ ଦେଇଥିଲେ। ଅଦ୍ୟାବଧି ଏହି ମନ୍ଦିର ନିର୍ମାଣ କାର୍ଯ୍ୟରେ ପାଖାପାଖି ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇସାରିଥିବାବେଳେ ଆହୁରି ଅନେକ କାର୍ଯ୍ୟ ଶେଷ ହେବାକୁ ବାକି ରହିଛି। ଖୁବଶୀଘ୍ର ଆଉ କିଛି ସରକାରୀ ଅନୁଦାନ ଏହି ମନ୍ଦିରର ବିକାଶ ନିମନ୍ତେ ମଞ୍ଜୁର ହେବ ବୋଲି ଆଶା ମଧ୍ୟ ରଖାଯାଇଛି।

### କେମିତି ଯିବେ..

୨୦ ନଂ ଜାତୀୟ ରାଜପଥରେ ଯାଜପୁରଠାରୁ କେନ୍ଦୁଝର ଅଭିମୁଖେ ଯାତ୍ରା କରିବାର ମାତ୍ର ୧୨ କିମି. ଏବଂ କେନ୍ଦୁଝର ପାର୍ଶ୍ୱରୁ ଯାଜପୁର ଅଭିମୁଖେ ଆସିବା ସମୟରେ ଆନନ୍ଦପୁରଠାରୁ ମାତ୍ର ୧୮ କିମି ଦୂରରେ ଜାତୀୟ ରାଜପଥ ପାର୍ଶ୍ୱରେ ଏହି ମନ୍ଦିର ଅବସ୍ଥିତ। ଜାତୀୟ ରାଜପଥରେ ମା' ତାରିଣୀଙ୍କ ନିକଟକୁ ଶ୍ରଦ୍ଧାଳୁମାନେ ଆସିବା ସମୟରେ ଏହି ରାମେଶ୍ୱର ମନ୍ଦିର ସହଜରେ ସମସ୍ତଙ୍କ ନଜରରେ ଆସିପାରିବ।

ଜାତୀୟ ରାଜପଥ ସଂଲଗ୍ନ ଏହି ମନ୍ଦିର ଶ୍ରଦ୍ଧାଳୁମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ନିଶ୍ଚିତ ଭାବେ ପାଲଟିବ ଏଥିରେ ସନ୍ଦେହ ନାହିଁ। ଏଠାରେ ଶ୍ରଦ୍ଧାଳୁଙ୍କ ରାତ୍ରୀ ଯାପନ ପାଇଁ ସରକାରୀ ଅନୁଦାନରେ କଲ୍ୟାଣମଣ୍ଡପ ନିର୍ମାଣର ଲକ୍ଷ୍ୟ ରଖାଯାଇଛି। ମନ୍ଦିରର ପାରିପାର୍ଶ୍ୱିକ ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହିତ ରାଜ୍ୟର ଅନ୍ୟତମ ସ୍ୱତନ୍ତ୍ର ମନ୍ଦିରର ଆଖ୍ୟା ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥାନୀୟ ଅଞ୍ଚଳର ଲୋକମାନେ ପ୍ରକାଶ କରିଛନ୍ତି।

## ନାବାଳିକାକୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ଯୋଡ଼ା, ୨୭।୬(ସମିସ): ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ଅଞ୍ଚଳରେ ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ବାଂଶପାଣି ପାଗଳା ହଟିଙ୍ଗ ୧୩ ବର୍ଷୀୟା ନାବାଳିକା ଗତ ୨୬ ଜୁନ ସନ୍ଧ୍ୟାରେ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗରେ ସେ କହିଛନ୍ତି ଯେ ତାଙ୍କ ବାପା ଓ ମା'ଙ୍କ ମୃତ୍ୟୁ ପରେ ସେ ମାମୁଙ୍କ ଘରେ ରହୁଛନ୍ତି। ଗତ ୨୩ ଜୁନ ମଧ୍ୟରାତ୍ରିରେ ବାଂଶପାଣିର ଜଗନ୍ନାଥ କାରୁଆ ତାଙ୍କ ଘରକୁ ପ୍ରବେଶ କରି ବଳପୂର୍ବକ ଦୁଷ୍କର୍ମ କରିଥିବା ସହ ଘଟଣା ପ୍ରକାଶ କଲେ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ଯୋଡ଼ା ଥାନାରେ କେସ୍ ନଂ ୨୦୯/୨୦୨୬ ରୁଜୁ କରାଯାଇ ଭାରତୀୟ ନ୍ୟାୟ ସଂହିତାର ସମ୍ପୃକ୍ତ ଧାରା ଓ ପୋକ୍‌ସୋ ଆଇନର ଧାରା-୬ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପୁଲିସ ଅଭିଯୁକ୍ତ ଜଗନ୍ନାଥ କରୁଆ (୨୯)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ଯୁବତୀଙ୍କ ଗଳିତ ମୃତଦେହ ଉଦ୍ଧାର

ବେତନଟୀ,୨୭।୬(ସମିସ): ବେତନଟୀ ଥାନା ଅଧୀନ ବେତନଟୀ ବଡ଼ସାହି ରାସ୍ତାର ଉଠାଣି ଜଗନ୍ନାଥ ମନ୍ଦିର ନିକଟରୁ ପ୍ରାୟ ୧୦୦ ମିଟର ଦୂର ଏକ ଜଙ୍ଗଲିଆ ସ୍ଥାନରୁ ଶନିବାର ଦିନ ସକାଳୁ ଜଣେ ଯୁବତୀଙ୍କ ଗଳିତ ମୃତଦେହ ବେତନଟୀ ପୁଲିସ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ଏହି ମୃତ୍ୟୁ ପ୍ରାୟ ଦୁଇଦିନ ପୂର୍ବରୁ ହୋଇଥିବା ସନ୍ଦେହ କରାଯାଉଛି। ଯୁବତୀ ଅର୍ଦ୍ଧଉଲଗ୍ନ ଅବସ୍ଥାରେ ପଡିରହିଥିବା ବେଳେ ତାଙ୍କ ନିକଟରେ ଏକ ରାସନ କାର୍ଡ, ଆଧାର କାର୍ଡ ଓ ୩୯୬ ଟଙ୍କା ମିଳିଥିବା ସୂଚନା ମିଳିଛି।



ଏହି ରାସନ ଓ ଆଧାର କାର୍ଡରେ ନାମ ରଜନୀ ନାଏକ ରହିଥିବାବେଳେ ତାଙ୍କ ଘର ବଡ଼ସାହି ଥାନା ଅଧୀନ ଯୋଗୀନୂଆଗାଁ ପଞ୍ଚାୟତର ପଥରା ଗାଁ ବୋଲି ଉଲ୍ଲେଖ ରହିଛି। ମୃତକଙ୍କ ପରିବାରବର୍ଗ କେହି ଥାନାକୁ ଆସି ନ ଥିବାବେଳେ ମୃତକଙ୍କ ପରିଚୟ ସଠିକ ଜଣାପଡ଼ିନାହିଁ। ଏହି ଘଟଣାକୁ ନେଇ ବେତନଟୀ ପୁଲିସ ୩୨/୨୦୨୬ର ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବାବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ବେତନଟୀ ତହସିଲ କାର୍ଯ୍ୟାଳୟର ସହକାରୀ ତହସିଲଦାର ପି.କେ. ହିତାଂଶୁ ଜେନାଙ୍କ ଉପସ୍ଥିତରେ ପଞ୍ଚନାମା କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଘଟଣାରେ ପୁଲିସ ମୃତ୍ୟୁର ବିଭିନ୍ନ କାରଣ ହୋଇଥାଇପାରେ ବୋଲି ସନ୍ଦେହ କରୁଥିବାବେଳେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## କୁଲାଡେରା ନାଳ ପୋଲରେ ୩ ଫୁଟ୍ ପାଣି

### ● ଯାତାୟାତ ବାଧାପ୍ରାପ୍ତ

ଡୁରୁମୁଙ୍ଗା, ୨୭।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଶରଧାପୁର-ପିପିଲିଆ ରାସ୍ତାର ଡୁମୁରିଆ ନିକଟସ୍ଥ କୁଲାଡେରା ନାଳ ପୋଲ ଉପରେ ପ୍ରାୟ ୩ ଫୁଟ ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେଉଛି। ଉପରମୁଣ୍ଡ ଅଞ୍ଚଳରେ ଲଗାଣ ବର୍ଷା ହେବାରୁ ହଠାତ୍ ନାଳରେ ଜଳସ୍ତର ବୃଦ୍ଧି ପାଇ ପୋଲ ଉପରେ ପାଣି ଚାଲିଛି। ଫଳରେ ଶରଧାପୁର-ପିପିଲିଆ ରାସ୍ତାରେ ସମ୍ପୂର୍ଣ୍ଣ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉଭୟ ପାର୍ଶ୍ୱରେ ବହୁ ଛୋଟ ଓ ବଡ଼ ଗାଡ଼ି ଅଟକି ରହିଛି। ପାଣିର ସ୍ରୋତ ପ୍ରଖର ଥିବାରୁ ସ୍ଥାନୀୟ ଲୋକେ କୌଣସି ଯାନବାହନକୁ ପୋଲ ପାରି କରିବା ପାଇଁ ବାରଣ କରୁଛନ୍ତି। ଉକ୍ତ ରାସ୍ତା ପାଟଣା ସଦର ଓ ଘଟଗାଁ ବ୍ଲକ ଅଞ୍ଚଳକୁ ସଂଯୋଗ ହେଉଥିବା ବେଳେ ପୋଲ ପାର୍ଶ୍ୱରେ ନୂତନ ପୋଲ ନିର୍ମାଣରେ ବିଳମ୍ବିତ ହୋଇଛି। ଫଳରେ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଖୁବଶୀଘ୍ର ପୋଲ ନିର୍ମାଣ କାର୍ଯ୍ୟ ସାରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## 'ବିକାଶର ଧାରା ଓଡ଼ିଶ ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ

ବିଶୋଇ,୨୭।୬ (ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ବିଶୋଇ ପଞ୍ଚାୟତ ସମିତିସ୍ତରୀୟ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ବିଶୋଇ ବ୍ଲକ ଭାରପ୍ରାପ୍ତ ବିଡିଓ ସୁମନରାଜ ମହାନ୍ତିଙ୍କ ସଂଯୋଜନାରେ ୨୪ ତାରିଖ ଦିନ ଏହି କାର୍ଯ୍ୟକ୍ରମର ମୁଖ୍ୟ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିସହିତ ୧୭ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ କାର୍ଡ ବଣ୍ଟନ କରାଯାଇଥିଲା। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ରଂଜନ ନାୟକ, ବ୍ଲକ କୃଷି ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା, ବ୍ଲକ ଏଆଇଓ ଆର୍ତ୍ତତ୍ରାଣ ସେଠୀ ସଂଯୋଜନା କରିଥିଲେ। ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର କନିଷ୍ଠ ସହାୟକ ଚୈତନ୍ୟ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ରାଇରଙ୍ଗପୁରର ଅଭିଷେଖ ଏଜ୍ୟୁକେସନ, ବାରିପଦାର ଏମିଗସ୍ ପ୍ରାଇଭେଟ ଲିମିଟେଡ଼ ଓ ବଳରାମ ପଣ୍ଡା ଟ୍ରଷ୍ଟ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତପନ କୁମାର ପଲେଇ, ସହକାରୀ ଯନ୍ତ୍ରୀ ଇଂ ବିଜୟ ଗିରି, ବିପିସି ଜଗନ୍ନାଥ ମହାନ୍ତି, ଜିପିଡିଇଓ ହରେଶ ନାଏକ, ବିଏସ୍‌ଏସ୍‌ଓ କୁମାର ଦେବବ୍ରତ ପାତ୍ର, ବିଆରସି ସୁକାନ୍ତୀ ସୋରେନ, ପେସା ସଂଯୋଜକ କ୍ରିଷ୍ଣା କଛପ ସହଯୋଗ କରିଥିଲେ।

## ଆକ୍ରମଣ ଘଟଣାରେ ଆଉ ଜଣେ ଗିରଫ

ହାଟଡ଼ିହୀ,୨୭।୬(ସମିସ): ନନ୍ଦିପଦା ଥାନା ଅଧୀନସ୍ଥ ନୂଆରମ୍ପାସ ଗ୍ରାମରେ ବନ୍ଧକ ସୁନା ଫେରସ୍ତ ବିବାଦରୁ ଆକ୍ରମଣ ଘଟଣାରେ ପୂର୍ବରୁ ଦୁଇଜଣ ଗିରଫ ହୋଇଥିଲେ। ସୁନା ବନ୍ଧକ ଦେଇଥିବା ବିଶ୍ୱନାଥ ଓଝାଙ୍କୁ ନିର୍ମମ ଭାବେ ପିଟିପିଟି ହତ୍ୟା କରିଥିବା ଘଟଣାକୁ ନେଇ ମୃତକ ବିଶ୍ୱନାଥଙ୍କ ପରିବାର ଲୋକେ ହତ୍ୟାକାରୀକୁ ଗିରଫ ଏବଂ ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ରାସ୍ତାରୋକ କରିଥିଲେ। ଘଟଣା ପରେ ଦୁଇ ହତ୍ୟାକାରୀ ଫେରାର ଥିବାବେଳେ ନନ୍ଦିପଦା ପୁଲିସ ଅପରେସନ୍ ଜାରି ରଖି ଉକ୍ତ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ହରେକୃଷ୍ଣ ପହିକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଉପଖଣ୍ଡ ଆରକ୍ଷୀ ଅଧିକାରୀ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି।



## ମଦ ବୋଝେଇ ପିକଅପ ଜବତ, ଦୁଇ ଗିରଫ

ବେତନଟୀ,୨୭।୬(ସମିସ): ବେତନଟୀ ପୁଲିସ ଶୁକ୍ରବାର ରାତିରେ ବେତନଟୀ ବଡ଼ସାହି ରାସ୍ତାର ପୁରୁଣା କୋର୍ଟ ଛକ ନିକଟରୁ ଏକ ଦେଶୀମଦ ବୋଝେଇ ପିକଅପକୁ ଜବତ କରି ଥାନାକୁ ନେଇଥିବାବେଳେ ୨ ଜଣଙ୍କୁ ଗିରଫ କରିଛି। ଏହି ପିକଅପରେ ଟ୍ୟୁବରେ ଦେଶୀମଦ ଭର୍ତ୍ତି କରି ରଖାଯାଇଥିଲା। ମଦର ପରିମାଣ ୧୦୫୦ ଲିଟର ବୋଲି ଜଣାପଡିଛି। ପିକଅପରେ ଥିବା ବଡ଼ସାହିର ଦିନେଶ ସାହୁ ଓ ବିହାର ଅଞ୍ଚଳର ରୂପେଶ କୁମାର ଏହି ଦୁଇଜଣଙ୍କୁ ବେତନଟି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ରରୁଆଁରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା



ଶୁକୃଳି, ୨୭।୬(ସମିସ): ରତ୍ନଗର୍ଭା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଇବା ନିମନ୍ତେ ''ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଚଳିତ ମାସ ଜୁନ୍ ୧୭ ତାରିଖରୁ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ (ସମସ୍ତ ବ୍ଲକ୍/ ମ୍ୟୁନିସିପାଲିଟି/ ଏନଏସି) ପର୍ଯ୍ୟାୟକ୍ରମେ ଜିଲ୍ଲାର ଏକମାତ୍ର ଅଗ୍ରଣୀ ତଥା ଅଣରାଜନୈତିକ ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଖିଚିଂସ୍ଥ ମା' କିଚକେଶ୍ୱରୀ ଦେବୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇସାରିଥିବା ସ୍ଥଳେ ଆଜି ରରୁଆଁ ବ୍ଲକ୍‌ସ୍ଥ ମୁଖ୍ୟ ବଜାରଠାରେ ଭଞ୍ଜସେନା ବ୍ଲକ୍ ସଭାପତି ବିଶାଳ କୁମାର ସୁଲତାନିଆଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ମଶାଲ ଶୋଭାଯାତ୍ରାରେ ପାଞ୍ଚପୀଢ଼ ଉପଖଣ୍ଡ କର୍ଯ୍ୟକାରୀ ସଭାପତି ଶୁଭଜିତ୍ ଦାସଙ୍କ ସମେତ ସଂଗଠନର ଶତାଧିକ ଯୁବ ଛାତ୍ର ସଂଗଠକ ସାମିଲ ଥିଲେ।

## ମହିଳାଙ୍କୁ ହତ୍ୟା, ଯୁବକ ଗିରଫ

ବେତନଟୀ, ୨୭।୬(ସମିସ): ବେତନଟୀ ଥାନା ଅଧୀନ ତାରାକୋଟି ଗ୍ରାମର ଧ୍ରୁବ ସିଂଙ୍କ ପତ୍ନୀ ବୁଧୁନି ସିଂ (୪୩)ଙ୍କୁ ହତ୍ୟା କରାଯାଇଥିବା ନେଇ ମହିଳାଙ୍କ ସ୍ୱାମୀ ଧ୍ରୁବ ସିଂ ଶନିବାର ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ବେତନଟୀ ପୁଲିସ ୨୭୨/୨୦୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୋଗ ଅନୁସାରେ ପତ୍ନୀ ବୁଧୁନି ଶୁକ୍ରବାର ଦିନ ବାରିପଦା ଯାଉଥିବା କହି ଘରୁ ବାହାରି ଯାଇଥିବାବେଳେ ଘରକୁ ଫେରି ନ ଥିଲେ। ଶନିବାର ଦିନ ବାରିପଦା ପିଆରଏମ ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହେବାପରେ ତାଙ୍କ ସ୍ୱାମୀ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଥାନା ଅଧୀନ ଗରୁଡ଼ବସା ଗ୍ରାମର ଜିତେନ୍ଦ୍ର ମହାନ୍ତ ଅନେକ ଦିନ ଧରି ତାଙ୍କ ସ୍ତ୍ରୀଙ୍କ ସହିତ ଅନୈତିକ ସମ୍ପର୍କ ରଖି ଆସୁଥିଲେ। ସ୍ୱାମୀ ଏହାର ପ୍ରତିବାଦ କଲେ ଜିତେନ୍ଦ୍ର ବହୁବାର ତାଙ୍କୁ ଧମକ ମଧ୍ୟ ଦେଉଥିଲେ। ଜିତେନ୍ଦ୍ର ମୃତ ମହିଳାଙ୍କ ସହିତ ଅବୈଧ ସମ୍ପର୍କ ରଖିବା ପରେ କୌଣସି କାରଣ ପାଇଁ ଝଗଡା ହୋଇଥାଇପାରେ ଓ ଏଥିରେ ଉତକ୍ଷିପ୍ତ ହୋଇ ସେ ମାଡ଼ ମାରି ଥାଇପାରିଥା'ନ୍ତି। ତାଙ୍କ ଦେହର ବିଭିନ୍ନ ସ୍ଥାନରେ ମାଡ଼ର କ୍ଷତ ଚିହ୍ନ ରହିଛି। ଘଟଣା ଘଟାଇ ସାରିବା ପରେ ଜିତେନ୍ଦ୍ର ଗୁରୁତର ଅବସ୍ଥାରେ ବାରିପଦା ପିଆରଏମ ମେଡିକାଲ କଲେଜରେ ଉକ୍ତ ମହିଳାଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରିଥାଇପାରନ୍ତି ବୋଲି ସନ୍ଦେହ ହୋଇଥିଲା। ଏହି ଅଭିଯୋଗ ପାଇବା ପରେ ପୁଲିସ ଶବ ବ୍ୟବଚ୍ଛେଦ କରାଇ ପରିବାରକୁ ମୃତ ଦେହ ହସ୍ତାନ୍ତର କରିଥିବାବେଳେ ଯୁବକ ଜିତେନ୍ଦ୍ର ମହାନ୍ତକୁ ଗିରଫ କରିଛି। ପୁଲିସର ସମ୍ପୂର୍ଣ୍ଣ ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ମୟୂରଭଞ୍ଜ ଜିଲ୍ଲା ଶାଖା ବୈଠକ

ସାରସକଣା, ୨୭।୬(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାର ବିକାଶ ଓ ଓଡ଼ିଆ ଅସ୍ମିତାର ସରକ୍ଷା ନିମନ୍ତେ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣର ରୂପରେଖ ପ୍ରସ୍ତୁତ ପାଇଁ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀ, ମୟୂରଭଞ୍ଜ ଶାଖା ଆନୁକୂଲ୍ୟରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାଗୃହରେ ସଦସ୍ୟ/ ସଦସ୍ୟା ଓ ନିମନ୍ତ୍ରିତ ଅତିଥିଙ୍କୁ ନେଇ ଏକ ବୈଠକର ଆୟୋଜିତ ହୋଇଯାଇଛି। ବୈଠକରେ ପ୍ରତିଷ୍ଠାନର ଜିଲ୍ଲା ସଭାପତି କାବେରୀ ମିଶ୍ର ପୌରୋହିତ୍ୟ କରିଥିଲେ। ସମ୍ପାଦକ ଅଜୟ ପାଳ ଶ୍ରୀଜଗନ୍ନାଥ ଚେତନା ଗବେଷଣାର ବିକାଶ ଲକ୍ଷ୍ୟ ରଖି ପ୍ରତିଷ୍ଠାନ ବିଶ୍ୱ ସ୍ତରରେ କିଭଳି ନିରନ୍ତର କର୍ତ୍ତବ୍ୟରତ ସେ ଉପରେ ସୂଚନା ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ମହିମା ଓ କୈମ୍ବଦନ୍ତିକ କଥାମୃତକୁ ଆଧାର କରି ଜିଲ୍ଲାର ତୃଣମୂଳ ସ୍ତରରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ଭିତରେ ଆଗ୍ରହ ସୃଷ୍ଟିର ଆବଶ୍ୟକତା ବିଷୟରେ ଉତ୍ତରାଞ୍ଚଳ ସଭାପତି ଅଜିତ କୁମାର କାବାଟ, ରାଜ୍ୟ ଉପସଭାପତି ପଦ୍ମନାଭ ସାହୁ, ସାହିତ୍ୟିକ ଇଂ ମନୋଜ ଦଳବେହେରା, ମହାପ୍ରଭୁଙ୍କ ସେବାପୂଜା ବିଧିର ପ୍ରବକ୍ତା ଅରୁଣ ମିଶ୍ର, ସଦସ୍ୟ ଦୁର୍ଗାଚରଣ ଜିତବାବୁ ଓ ନରସିଂହ ବାରିକ ପ୍ରମୁଖ ମତ ରଖିଥିଲେ। ଜିଲ୍ଲା ଶାଖା ଜୁଲାଇରୁ ସ୍କୁଲସ୍ତରୀୟ ଏହି କାର୍ଯ୍ୟକ୍ରମ ହାତକୁ ନେବେ ବୋଲି ବୈଠକରେ ସ୍ଥିର ହୋଇଛି। ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ ଭାରତ ପକ୍ଷରୁ ପୂଜାପଣ୍ଡା ଅରୁଣ ମିଶ୍ର ସେବା ଶିରୋମଣି ସମ୍ମାନ ଲାଭ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ଖୁଣ୍ଟାପୁର-ଅସ୍ତପୁରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଶୋଚନୀୟ

ବୈଶିଙ୍ଗା, ୨୭।୬(ସମିସ): ବେତନଟୀ ବ୍ଲକ୍ ଅନ୍ତର୍ଗତ ବୈଶିଙ୍ଗା ଅଞ୍ଚଳର ଖୁଣ୍ଟାପୁର ସ୍କୁଲ ଛକଠାରୁ ଅସ୍ତପୁରା ଦେଇଯାଇଥିବା ଖୁଣ୍ଟାପୁର-ଅସ୍ତପୁରା ଗ୍ରାମ୍ୟ ସଡ଼କ ଏବେ ଶୋଚନୀୟ ହୋଇପଡ଼ିଛି। ପ୍ରାୟ ୩୦ ବର୍ଷ ହେବ ଏହି ରାସ୍ତା ପିଚୁ ହୋଇଥିଲା। ଏହି ସମୟ ମଧ୍ୟରେ ମରାମତି ନ ହେବାରୁ ରାସ୍ତା ଏତେ ଖରାପ ହୋଇଯାଇଛି। ଗାଡ଼ି ଚଳାଚଳ ତ ଦୂରର କଥା, ଖାଲି ପାଦରେ ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଫଳରେ ଉକ୍ତ ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହାର ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।

### ୩୦ ବର୍ଷ ପୂର୍ବେ ହୋଇଥିଲା ପିଚୁ

ପଣସିଆ-ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଖୁଣ୍ଟାପୁର ସ୍କୁଲ ଛକଠାରୁ ଆରମ୍ଭ ହୋଇ ଅସ୍ତପୁରା ନିକଟରେ ବୈଶିଙ୍ଗା-ରୁପସା (ଏମ୍‌ଡିଆର୍-୭୦)କୁ ସଂଯୋଗ କରୁଛି। ଦେଢ଼ କିଲୋମିଟର ଲମ୍ବର ଏହି ରାସ୍ତାରେ ବଡ଼ ବଡ଼ ମେଟାଲ୍ ଉଠି ରାସ୍ତା ଉପରେ ବିଛୁଡ଼ି ପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସାରା ଦେଶ ଓ ରାଜ୍ୟରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ସମୟରେ ଏହି ରାସ୍ତାର କୌଣସି ଧ୍ୟାନ ଦିଆଯାଉନାହିଁ। ଗତ ୩୦ ବର୍ଷ ମଧ୍ୟରେ ଏହି ଅଞ୍ଚଳରୁ ଅନେକ ସାଂସଦ, ବିଧାୟକ ଓ ସରପଞ୍ଚ ନିର୍ବାଚିତ ହୋଇ ବିଦାୟ ନେଇଛନ୍ତି, କିନ୍ତୁ ରାସ୍ତା ମରାମତି ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏପର୍ଯ୍ୟନ୍ତ ନିଆଯାଇନାହିଁ। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ବିଭାଗୀୟ ଅଧିକାରୀ ଯଦି ରାସ୍ତାର ବର୍ତ୍ତମାନ ଅବସ୍ଥା ଯାଞ୍ଚ କରି ଶୀଘ୍ର ମରାମତି କାମ ଆରମ୍ଭ କରନ୍ତି, ତେବେ ଅଞ୍ଚଳବାସୀ ଉପକୃତ ହେବେ। ଯଦି ପଦକ୍ଷେପ ଗ୍ରହଣ କରା ନ ଯାଏ, ଆନ୍ଦୋଳନ କରିବାକୁ ବାଧ ହେବୁ।



## ୧୨ଟିକିଆ ହାତୀପଲ ଉତ୍ପାତରେ ଅଞ୍ଚଳବାସୀ ଭୟଭୀତ

# ପୁଣି ସ୍କୁଲ ପାଚେରି ଭାଙ୍ଗି ବ୍ୟାପକ କ୍ଷୟକ୍ଷତି




ମୋରଡା,୨୭।୬(ସମିସ)

ରାସଗୋବିନ୍ଦପୁର ରେଞ୍ଜ ଅଧୀନରେ ବର୍ଷ ତମାମ ହାତୀଙ୍କ ଉପଦ୍ରବ ଲାଗି ରହିଥିବାବେଳେ ଗୁରୁବାର ହଷ୍ଟେଲ ପାଚେରି ଭାଙ୍ଗି ପଶି ହାତୀପଲ ଚାଉଳ, ପନିପରିବା ଖାଇବା ସହିତ ନଷ୍ଟ କରିଥିଲେ। ପୁଣି ଶୁକ୍ରବାର ରାତିରେ ୧୨ଟିକିଆ ହାତୀପଲ ରାସଗୋବିନ୍ଦପୁର ବ୍ଲକ ଅଧୀନରେ ଥିବା ଛାତନା ଗାଁରେ ଆତଙ୍କ ଖେଳାଇ ବିଶ୍ୱନାଥ ବିଦ୍ୟାପୀଠ ଉଚ୍ଚବିଦ୍ୟାଳୟ ପାଚେରି ଭାଙ୍ଗିଛନ୍ତି। ସ୍କୁଲ ମଧ୍ୟରେ ପଶି ଗ୍ରିଲ ଓ କବାଟ ଭାଙ୍ଗି ହଷ୍ଟେଲ ଓ ମଧ୍ୟାହ୍ନଭୋଜନ ପାଇଁ ଥିବା ଚାଉଳ ଖାଇବା ସହ ବ୍ୟାପକ ନଷ୍ଟ କରିଥିବା ଦେଖିବାକୁ ମିଳିଛି।




ସେହିପରି ମୋରଡା ବ୍ଲକରେ ଦୀର୍ଘଦିନ ଧରି ହାତୀଙ୍କର ଉପଦ୍ରବ ଲାଗି ରହିଛି। କେତେବେଳେ ହାତୀ ଧାନ ଫସଲ ନଷ୍ଟ କରୁଛନ୍ତି ତ ଆଉ କେତେବେଳେ ଖାଦ୍ୟ ପାଇଁ ଗାଁ ମୁହାଁ ହୋଇ ଜୀବନ ନେଉଛନ୍ତି। ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ହାତୀ ଉପଦ୍ରବ ରୋକିବାକୁ ଦାବି ହୋଇଆସିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ଅଞ୍ଚଳର ବିଧାୟକ ଓ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରତି ଲୋକଙ୍କ ଅସନ୍ତୋଷ ବୃଦ୍ଧି ପାଉଥିବା ଜଣାପଡ଼ିଛି।

### ଖାଇଲେ ଚାଉଳ, ଭୟଭୀତ ଅଭିଭାବକ



# 'ରଜ କୁଇନ୍' ଗ୍ରାଣ୍ଡ ଫିନାଲେରେ ଅନୁଭବ

ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ୍ 'ଜୀ ସାର୍ଥକ'ର ବହୁ ଚର୍ଚ୍ଚିତ ରିଆଲିଟି ଶୋ' 'ରଜ କୁଇନ୍' ଆରମ୍ଭ ହୋଇଯାଇଛି । ନିଜର ପ୍ରତିଭା ଓ କଠିନ ପରିଶ୍ରମ ବଳରେ ଶ୍ରେଷ୍ଠ ୧୨ ଜଣ ପ୍ରତିଯୋଗୀ ଏହି ବହୁ ପ୍ରତୀକ୍ଷିତ ଗ୍ରାଣ୍ଡ ଫିନାଲେରେ ପ୍ରବେଶ କରିଛନ୍ତି । ଏହି ମହାମୁକାବିଲା ଚଳିତ ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇଯାଇଛି ।



ଏହା ଜୁନ୍ ୨୮ , ଜୁଲାଇ ୪ ଓ ୫ ତାରିଖରେ ରାତି ୯ଟା ୩୦ରେ ଜୀ ସାର୍ଥକରେ ପ୍ରସାରିତ ହେବ । ଫିନାଲେର ପ୍ରଥମ ସପ୍ତାହ ଧମାକାଦାର ହେବ । ଯାହାର ନାମ ରଖାଯାଇଛି 'ବାଲୁଙ୍ଗା ୱିକେଣ୍ଡ' । ଏହି ସ୍ୱତନ୍ତ୍ର ସପ୍ତାହରେ ମୁଖ୍ୟ ଆକର୍ଷଣ ସାଜିଛନ୍ତି ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତି ଏବଂ ତାଙ୍କ ଚଳଚ୍ଚିତ୍ର 'ଛକିଶୂନ'ର ସମ୍ପୂର୍ଣ୍ଣ ଟିମ୍ । ଦର୍ଶକଙ୍କ ମନୋରଞ୍ଜନ ପାଇଁ 'ଛକିଶୂନ' ଟିମ୍ ପକ୍ଷରୁ ଏକ ଦମ୍‌ଦାର ସ୍ପେଶାଲ୍ ପର୍ଫମାନ୍ସ ଦେଖିବାକୁ ମିଳିବ । ଏହି ରଙ୍ଗାରଙ୍ଗ ଉତ୍ସବରେ ସେଲିବ୍ରିଟି ଗେଷ୍ଟ ଭାବେ ଅଭିନେତ୍ରୀ ଶୀତଲ, ଦିବ୍ୟା ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଅନ୍ତରା ଚକ୍ରବର୍ତ୍ତୀ ଯୋଗ ଦେଇ ନିଜ ଦମଦାର ପ୍ରଦର୍ଶନ ସହ ପ୍ରତିଯୋଗୀଙ୍କ ଉତ୍ସାହ ବଢ଼ାଇବେ । କାର୍ଯ୍ୟକ୍ରମରେ ଗ୍ଲାମର୍ ଓ ହସର ମାହୋଲ ସୃଷ୍ଟି କରିବା ପାଇଁ ଅଭିନେତ୍ରୀ ଶିବାନୀ, ଦୀପ୍ତିରେଖା ପାଢ଼ୀ, ଶୁଭାଶିଷ (ମଣ୍ଟୁ) ଏବଂ ଲୋକପ୍ରିୟ ହାସ୍ୟ ଅଭିନେତା କ୍ରିଷ୍ଣା ମଧ୍ୟ ମଞ୍ଚରେ ନିଜ କଳାର ପ୍ରଦର୍ଶନ କରିବେ । ଏହି ଗ୍ରାଣ୍ଡ ଫିନାଲେ ପର୍ଯ୍ୟନ୍ତ ପ୍ରତିଯୋଗୀମାନଙ୍କୁ ପହଞ୍ଚାଇବା ଏବଂ ସେମାନଙ୍କୁ ମଞ୍ଚ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାରେ ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକର କଳାକାରମାନେ ମେଣ୍ଟର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । 'ତୁ ଖରା ମୁଁ ଛାଇ'ର ଅଭି ଓ ମାନି, 'ସାଥି ସାତ ଜନ୍ମର'ର ଦେବ୍ ଓ ଅର୍ଚ୍ଚନା, 'ସୁନା ଝିଅ'ର ସମ୍ଭବ ଓ ବଂଶୁ ଏବଂ 'ମୁଁ ନୁହେଁ ମୁଁ ତୁମ ବିନା'ର ସାଇ ଓ ଶ୍ରଦ୍ଧାଙ୍କ ଭଳି ପ୍ରତିଷ୍ଠିତ ଯୋଡିମାନେ ପ୍ରତିଯୋଗୀମାନଙ୍କୁ ବିଶେଷ ନିଜର ଅଭିଜ୍ଞତା ଏବଂ ଦିଗଦର୍ଶନ ମାଧ୍ୟମରେ ଆଗକୁ ନେଇଛନ୍ତି । ■

# ୪୫ ଡିଗ୍ରୀ ତାପମାତ୍ରାରେ ଗୀତ ସୁଟିଂ



ପରଦା ପଛର କାହାଣୀ

ସୁପରଷ୍ଟାର ଅମିର ଖାନ୍ ନିଜ କ୍ୟାରିୟରରେ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ତନ୍ମଧ୍ୟରୁ 'ଲଗାନ' ଅନ୍ୟତମ । ୨୦୦୧ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ତାଙ୍କ କ୍ୟାରିୟରରେ ବିରାଟ ପରିବର୍ତ୍ତନ ଆଣିଥିଲା । ଫିଲ୍ମର କାହାଣୀ, ଅଭିନୟ ଏବଂ ଗୀତ ଅଦ୍ୟାବଧି ଲୋକଙ୍କ ମନରେ ଜୀବନ୍ତ ହୋଇରହିଛି । ଫିଲ୍ମର ଏକ ଗୀତ ରହିଛି "ଚଲେ ଚଲୋ...." । ଏହି ଗୀତକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ନିକଟରେ ଫିଲ୍ମରେ 'ଗୋଲି' ଚରିତ୍ରରେ ଅଭିନୟ କରିଥିବା ଅଭିନେତା ଦୟାଶଙ୍କର ପାଣ୍ଡେ ଏହି ଗୀତର ସୁଟିଂ ସମୟର କିଛି ସ୍ମରଣୀୟ ମୁହୂର୍ତ୍ତ ପ୍ରକାଶ କରିଛନ୍ତି । ତାଙ୍କ କହିବାନୁଯାୟୀ "ଚାଲେ ଚଲୋ..." ଗୀତଟି ଭୀଷଣ ଗରମରେ ସୁଟିଂ ହୋଇଥିଲା । ଏହି ଗୀତ ସୁଟ୍ କରିବାରେ କଳାକାରମାନେ ଝାଳରେ ଗାଧୋଇ ପଡ଼ିଥିଲେ । ପ୍ରାୟ ୪୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ଏହି ଗୀତ ସୁଟିଂ ହୋଇଥିଲା । ଏପରିକି ସେଟ୍‌ରେ ଡାକ୍ତର ମଧ୍ୟ ଉପସ୍ଥିତ ଥିଲେ । ଗରମ ଏତେ ହେଉଥିଲା ଯେ ଜଣଙ୍କ ପରେ ଜଣଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଥିଲା । ଏପରିକି ଝାଞ୍ଜି ପବନ ବହିବା ସହ ଧୂଳି ମଧ୍ୟ ପଡୁଥିଲା । ଗୀତରେ ସଂଘର୍ଷର ଦୃଶ୍ୟ ଦେଖାଇବା ପାଇଁ କଳାକାରଙ୍କ ଉପରକୁ ଧୂଳି ମଧ୍ୟ ଫୋପଡ଼ା ଯାଉଥିଲା । ଏଥିରେ ସେମାନଙ୍କ ପରିଶ୍ରମ ସ୍ପଷ୍ଟ ଦୃଶ୍ୟମାନ ହୋଇଥିଲା । ବହୁତ କଷ୍ଟମଷ୍ଟେ ଏହି ଗୀତର ସୁଟିଂ ସମ୍ଭବ ହୋଇଥିଲା । ଏହି ଗୀତ ସୁଟିଂରେ କଳାକାରମାନେ ଏତେ ବିରକ୍ତ ହୋଇଥିଲେ ଯେ, ଶେଷରେ ସେମାନେ ଅମିର୍ ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋବାରିକରଙ୍କ ଉପରେ ରାଗି ଯାଇଥିଲେ । ଏପରିକି ସେମାନଙ୍କୁ ସ୍ୱାର୍ଥପର ବୋଲି ଭାବି ନେଇଥିଲେ । ହେଲେ ଏସବୁ ଗୀତର ଡିମାଣ୍ଡ ଅନୁସାରେ ସୁଟ୍ ହୋଇଥିଲା । ଆଶୁତୋଷ ଗୋବାରିକର ଗାଁ ଲୋକଙ୍କ ମୁହଁରେ ସଂଘର୍ଷ ଏବଂ ସାହସ ଦେଖାଇବାକୁ ଚାହୁଁଥିଲେ । ■

# 'ଲାଇନ୍ ବାଲା'ରେ ସମ୍ବିତ ଓ ସ୍ୱପ୍ନାଙ୍କ ଯୋଡ଼ି

ଶ୍ରୀହରି ମୋସନ ପିକ୍‌ଚର୍ସ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର 'ଲାଇନ୍‌ବାଲା' ଜୁଲାଇ ୧୦ ତାରିଖରେ ରିଲିଜ୍ ହେବ । ଏହାର ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ମଣିଷ ଜୀବନରେ ଗୋଟେ ଅଂଶ ହେଲା ବିଦ୍ୟୁତ । ମୌଳିକ ଆବଶ୍ୟକ ମଧ୍ୟ କହିପାରିବା । କିନ୍ତୁ ଯେଉଁମାନଙ୍କ ପାଇଁ ଆମେ ସେବା ପାଇଥାଉ ସେମାନଙ୍କୁ କେବେ ସମ୍ମାନ ଦେଉନେ । ମଣିଷ ସମାଜ ସେମାନଙ୍କ ନିଷ୍ଠା, କର୍ତ୍ତବ୍ୟକୁ ଅବହେଳା କରିଚାଲିଛି । ସେମାନେ ଅନ୍ଧାରର ନାୟକ । ସେମାନଙ୍କ ଦୁଃଖ କଷ୍ଟକୁ ଆମେ ସିନେମା ମାଧ୍ୟମରେ ଦେଖେଇବା ପାଇଁ ଚେଷ୍ଟା କରିଛୁ । ସେମାନଙ୍କର ଦୁଃଖ, କଷ୍ଟରେ ସହଭାଗୀ ହେବା ପରିବର୍ତ୍ତେ ସେମାନଙ୍କୁ ଆମେ ନିର୍ଯାତନା ଦେଇଥାଉ । ବିଲ ଟଙ୍କା ମାଗିଲେ ଆମେମାନେ ମାଡ଼ ମାରିବାକୁ ବି ପଛାଉ ନାହୁଁ । ତଥାପି ସେମାନେ ନିଜ କର୍ମକୁ ବ୍ରତ ଭାବି କର୍ମ କରିଥାନ୍ତି । ଏବେ ସମୟ ଆସିଛି ଆମେ ତାଙ୍କୁ ସମ୍ମାନ ଦେବା । ନିର୍ଦ୍ଦେଶକ ନିରଞ୍ଜନ କୁହନ୍ତି, ସୁଟିଂ ସମୟରେ ଆମକୁ ବହୁତ କଷ୍ଟ କରିବାକୁ ପଡ଼ିଛି । ଆମେ ଅପେକ୍ଷା କରିଥାଉ ସଟ୍ ଡାଉନ୍ ହେଲେ ସୁଟିଂ କରିବୁ । କିଛି ଆର୍ଟିଷ୍ଟ ଖୁଣ୍ଟି ଉପରେ ଚଢ଼ି ଅଭିନୟ କରିଛନ୍ତି । ଅବଶ୍ୟ ପ୍ରଯୋଜକ ସୁଶାନ୍ତ ସାର୍ ସବୁ ବ୍ୟବସ୍ଥା କରିଥିଲେ । ଯେହେତୁ ଏହା ସତ କାହାଣୀ ଥିଲା ପ୍ରଯୋଜକ ସବୁ ସେଟ୍‌ରେ ରହୁଥିଲେ । ସିନେମାକୁ ବାସ୍ତବଧର୍ମୀ କରିବାକୁ ଆମେ କିଛି ଥିଏଟର ଆର୍ଟିଷ୍ଟ ନେଇଛୁ । ସେମାନେ ଭଲ ଅଭିନୟ କରିଛନ୍ତି । ବୈଦ୍ୟନାଥ ଦାଶଙ୍କ ଗୀତ ସହିତ ସିନେପ୍ରେମୀମାନେ ଏକ ମୌଳିକ କାହାଣୀ ସହିତ କିଛି ଶିକ୍ଷଣୀୟ କଥା ଏହି ସିନେମାରେ ଦେଖିବେ । ■



ଟେଲିଭିଜନ ପ୍ରିମିୟର

# ରଙ୍ଗଶୂର

ଆଜି ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଓଡ଼ିଶାର ସମୃଦ୍ଧ ଲୋକକଳା 'ବାଘ ନାଚ' ଏବଂ ନାରୀ ସଶକ୍ତୀକରଣକୁ ନେଇ ନିର୍ମିତ ବହୁ ପ୍ରତୀକ୍ଷିତ ଡ୍ରାମା-ଥ୍ରୀଲର ଚଳଚ୍ଚିତ୍ର 'ରଙ୍ଗଶୂର'ର ଟେଲିଭିଜନ ପ୍ରିମିୟର ହେବ । ଏକ ସାମାଜିକ ବାର୍ତ୍ତା ସହ ଦର୍ଶକଙ୍କୁ ଏକ ଅଭିନବ ଚଳଚ୍ଚିତ୍ର ଭେଟି ଦେବାକୁ ପ୍ରସ୍ତୁତି ଶେଷ ହୋଇଛି । ଆଗରୁ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ଦର୍ଶକଙ୍କ ଅନେକ ଭଲ ପାଇବା ସାଉଁଟିଥିଲା । ଏହାର କାହାଣୀ ଏକ ଗାଁର ବାପା ଓ ଝିଅଙ୍କ ସମ୍ପର୍କ ଏବଂ କଳା ପ୍ରତି ସମର୍ପଣକୁ ନେଇ ଗତିଶୀଳ । ବାପା ଜଣେ ପାରମ୍ପରିକ ବାଘ ନାଚ କଳାକାର ହୋଇଥିବା ବେଳେ ଝିଅ ଏହି ଲୁପ୍ତପ୍ରାୟ କଳାକୁ ଆଗକୁ ବଢ଼ାଇ ଏହାର ଉତ୍ତରାଧିକାରୀ ହେବାକୁ ସ୍ୱପ୍ନ ଦେଖୁଛି । କିନ୍ତୁ ସମାଜର ରକ୍ଷଣଶୀଳ ଚିନ୍ତାଧାରା ଅନୁଯାୟୀ ଏହି କଳା କେବଳ ପୁରୁଷମାନେ ହିଁ ପରିବେଷଣ କରିପାରିବେ । ଏହି ସାମାଜିକ ପ୍ରଥା ଓ ଲିଙ୍ଗଗତ ବାଧାବିଘ୍ନ ବିରୋଧରେ ଝିଅର ସଂଘର୍ଷ ଏବଂ ବିଦ୍ରୋହ କାହାଣୀରେ ମୁଖ୍ୟ ବିନ୍ଦୁ ସାଜିଛି । ପ୍ରତାପ ରାଉତଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଛନ୍ତି ସୂର୍ଯ୍ୟମୟୀ ମହାପାତ୍ର , ଚୌଧୁରୀ ଜୟପ୍ରକାଶ ଦାସ, ଦୀପନ୍ୱିତ ଦାଶମହାପାତ୍ର, ସମରେଶ ରାଉତରାୟ, ଶୁଭାଶିଷ ଶର୍ମା, ଜ୍ୟୋତି ରଞ୍ଜନ ନାୟକ, ସୁଶାନ୍ତ ଦାସ ମହାପାତ୍ର ଏବଂ ଶୁଭଶ୍ରୀ ଜେନା । ମୁନ୍ ଟିଭି ଆସୋସିଏସନ୍ ଏବଂ ପ୍ରକାଶ ଫିଲ୍ମସ ଓ ମାକ୍ସିମିନିଆ ଫିଲ୍ମସର ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ହିମାଂଶୁ ରାଜ, ଉମଙ୍ଗ ଏବଂ ଶତ୍ରୁଘ୍ନ କୁମାର । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । ■



ସା କ୍ଷା ତ କା ର

# 'ପ୍ରଥମ ପାରିଶ୍ରମିକରେ ଋଣ ଶୁଝିଥିଲି'

ମଞ୍ଚ ନାଟକ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରେ । ସେ ମଞ୍ଚନାଟକ କରୁଥିଲେ । ଅନେକ ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେବା ପରେ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ । 'ଆହେ ନୀଳ ଶୈଳ' ନାଟକର ଜଗୁନି ଚରିତ୍ର ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି । ସେ ହେଉଛନ୍ତି ଯାଜପୁର ଟାଉନ୍‌ର ଚିନ୍ମୟ ମହାନ୍ତି । 'ମୋ ଦେହେ ବୋଲିଦେ ତୋ ଦେହ କଳା' ତାଙ୍କର ପ୍ରଥମ ଅଭିନୀତ ଧାରାବାହିକ । ଏବେ ସେ 'ସାଥି ସାତ ଜନ୍ମର' ଧାରାବାହିକରେ ଅଭିନୟ କରୁଛନ୍ତି । ତେବେ ଚିନ୍ମୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।



ଚିନ୍ମୟ ମହାନ୍ତି, ଅଭିନେତା

**ମଞ୍ଚ ଅଭିନେତାରୁ ଧାରାବାହିକରେ ଅଭିନୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ୨୦୧୭ ମସିହାରେ ମୋତେ ଜଣେ ଅଭିନୟ ବିଷୟରେ କହିବା ପରେ ଏହି ଲାଇନ୍‌ରେ ଯିବାକୁ ଇଚ୍ଛା ରଖି ମୁଁ ବମ୍ବେ ଗଲି । ଅନୁପମ ଖେର୍ ଆକ୍ଟିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ମୁଁ ପାସ୍ ଆଉଟ୍ । ଥିଏଟର୍ କରୁଥିଲି । 'ରେବତୀ', 'ସାହାଯ୍ୟକାରିଣୀ', 'ଆହେ ନୀଳ ଶୈଳ', 'ଅଦୃଶ୍ୟ ନଟ', 'ଅଶ୍ୱତ୍ଥାମା', 'ବିଷକନ୍ୟା' ଆଦି ଅନେକ ମଞ୍ଚ ନାଟକରେ ଅଭିନୟ କରିଛି । 'ଆହେ ନୀଳ ଶୈଳ'ର 'ଜଗୁନି' ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ତେବେ ଥିଏଟର କରିବା ସମୟରେ ଜଣେ ନିର୍ଦ୍ଦେଶକ ମୋତେ ଧାରାବାହିକରେ କାମ କରିବାକୁ ସୁଯୋଗ ଦେଇଥିଲେ । ମଞ୍ଜରୀ ଚ୍ୟାନେଲ୍‌ର 'ମୋ ଦେହେ ବୋଲିଦେ ତୋ ଦେହ କଳା' ମୋର ପ୍ରଥମ ଧାରାବାହିକ । ଏଥିରେ ନାୟିକାଙ୍କ ଦିଅର 'ଦେବ' ଚରିତ୍ର ମୋତେ ମିଳିଥିଲା । ଏହାପରେ ମୁଁ 'ଅନୁରାଧା' ଆଉ ଏବେ 'ସାଥି ସାତ ଜନ୍ମର' ଧାରବାହିକରେ ଅଭିନୟ ଜାରି ରଖିଛି ।

**ତାଲିମ ନେବା ପରେ ଅଭିନୟ କରିବାକୁ ସହଜ ହୋଇଛି କି?**

● ଆଜ୍ଞା, ବହୁତ ସହଜ ହୋଇଛି । ମଞ୍ଚରେ ଦର୍ଶକଙ୍କୁ କେମିତି ସାମ୍ନା କରିବାକୁ ହୁଏ, ଜୀବନ୍ତ ଅଭିନୟ, ଭୟ କେମିତି ଛାଡ଼ିବ ସବୁକିଛି ଶିଖାଯାଉଥିଲା । ଯାହାକି ଏବେ ମୋତେ ଏହି ଲାଇନ୍‌ରେ ଆଗକୁ ବଢ଼ିବାକୁ ସାହସ ଦେଉଛି ।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ଥିଏଟର ଏବଂ କ୍ୟାମେରା ଫର୍ମାଟ୍ ସମ୍ପୂର୍ଣ୍ଣ ଅଲଗା । ମଞ୍ଚରେ ଅଭିନୟ କରିବାକୁ ମୁଁ ସହଜ ଅନୁଭବ କରେ । ହେଲେ କ୍ୟାମେରା ସାମ୍ନାରେ ପ୍ରଥମେ ଟିକେ ଭୟ ଲାଗିଥିଲା । କ୍ୟାମେରା, ଟେକ୍ ଏବଂ ଓକେ ଅନୁସାରେ କାମ କରିବାକୁ ହେଉଥିବାରୁ କ୍ୟାମେରା ସାମ୍ନାରେ ସହଜ ହେବାକୁ ମୋତେ ଗୋଟିଏ ମାସ ସମୟ ଲାଗିଥିଲା ।

**କେଉଁ ଚରିତ୍ର ଆପଣଙ୍କୁ ଅଧିକ ଦର୍ଶକୀୟ ପ୍ରଶଂସା ଦେଇଛି?**

● 'ମୋ ଦେହେ ବୋଲିଦେ ତୋ ଦେହ କଳା' ଧାରାବାହିକର 'ଦେବ' ଚରିତ୍ରକୁ ଦର୍ଶକ ବହୁତ ଭଲ ପାଇବା ଦେଇଥିଲେ । ଏଥିରେ ଅଭିନୟ କରିବାର ମାତ୍ର ୧୫ ଦିନ ପରେ ଦର୍ଶକଙ୍କ ପ୍ରତିକ୍ରିୟା ମିଳିପାରିଥିଲା । ଦର୍ଶକଙ୍କ ଭଲ ପାଇବା ମୋତେ ଆଗକୁ ଦେବାକୁ ପ୍ରେରଣା ଯୋଗାଇଥିଲା ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

● ଅଭିନୟ ଜଗତରେ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା । ପ୍ରଥମ ପାରିଶ୍ରମିକରୁ ମୁଁ ମୋର ସବୁ ଋଣ ଶୁଝି ଥିଲି ।

**ଭଲ ଅଭିନୟ ପ୍ରଦର୍ଶନ କରିବାକୁ କ'ଣ କରନ୍ତି?**

● ଦର୍ଶକ ଆମକୁ ପରଦା ଉପରେ ଦେଖୁଛନ୍ତି । ତେଣୁ ଅଭିନୟ ସହିତ ଜଣେ କଳାକାରର ଶରୀର ଗଠନ, ଅଙ୍ଗଭଙ୍ଗୀ, ଭାବଭଙ୍ଗୀ, ଚରିତ୍ରକୁ ସୁହାଇଲା ପରି ସଂଳାପ ଆଦି ବହୁତ ଦିଗକୁ ଧ୍ୟାନ ଦିଏ । ମୁଁ ମୋ ଚରିତ୍ରକୁ ଜୀବନ୍ତ କରିବାକୁ ଚତୁଃପାର୍ଶ୍ୱର ସମସ୍ତଙ୍କଠାରୁ କିଛି ନା କିଛି ଶିଖି ତାହାକୁ ଅଭିନୟ ସହିତ ସଂଯୋଗ କରେ । ଏହାଦ୍ୱାରା ଅଭିନୟ ଜୀବନ୍ତ ଲାଗେ ।

**ଆଗାମୀ ଯୋଜନା କ'ଣ ରହିଛି?**

● ଏବେ ଧାରାବାହିକରେ କାମ ଚାଲିଛି । ଆଗକୁ ସୁଯୋଗ ମିଳିଲେ ମୁଁ ବଡ଼ ପରଦାରେ କାମ କରିବି । ଥିଏଟର କେବେ ବି ଛାଡ଼ିବିନି । କାରଣ ଥିଏଟରର ମଜା ସବୁବେଳେ ରହିବ ।

**ଅଭିନୟରେ ରୁଚି ରଖୁଥିବା ପିଲାଙ୍କୁ କ'ଣ କହିବେ?**

● ଯେଉଁମାନେ ବି ଏଲାଇନ୍‌କୁ ଆସିବାକୁ ଚାହୁଁଛନ୍ତି ଆଗେ ଶିଖିକରି ଆସନ୍ତୁ । କେଉଁଠି ନା କେଉଁଠି ତାଲିମ ନିଅନ୍ତୁ । କାରଣ ସୋସିଆଲ୍ ମିଡିଆ, ରିଲ୍‌ସ ଏହା ତତ୍‌କ୍ଷଣାତ ଲୋକପ୍ରିୟତା ଦେବ । ହେଲେ ଏହା କିଛି କ୍ଷଣ ପାଇଁ । ସେଥିପାଇଁ ପ୍ରସ୍ତୁତ ହୋଇ ଆସନ୍ତୁ । ଅଭିନୟ ଜରିଆରେ କିପରି ଲୋକଙ୍କୁ ସଚେତନ କରିପାରିବେ ଓ ଦର୍ଶକଙ୍କ ଭଲ ପାଇବା ପାଇବେ ତାହାକୁ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ । ■

ସକାଳ
THE SAKALA
www.sakalaepaper.com






# ସବୁଠୁ ଛୋଟିଆ ଦେଶ
# ନକ୍‌ଆଉଟ ଖେଳିବ କେପ୍ ଭର୍ଡ

ଜାପୋପାନ୍/ହଷ୍ଟନ,୨୭।୬(ଏଜେନ୍ସି):

ଉରୁଗୁଏକୁ ୧-୦ ଗୋଲରେ ପରାସ୍ତ କରି ଗ୍ରୁପ୍-ଏଚ୍'ରେ ସ୍ପେନ୍ ପ୍ରଥମ ସ୍ଥାନ ଅଧିକାର କରି ଚଳିତ ଫିଫା ବିଶ୍ୱକପ୍‌ର ନକ୍‌ଆଉଟରେ ପ୍ରବେଶ କରିଛି। ଦୁଇଥରର ବିଶ୍ୱକପ୍ ଚାମ୍ପିଅନ୍ ଉରୁଗୁଏ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛି। ଜାପୋପାନ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ସ୍ପେନ୍‌ର ଖେଳାଳିମାନେ ଅତ୍ୟନ୍ତ ଚତୁର ଖେଳିଥିଲେ। ପ୍ରତିପକ୍ଷ ଉରୁଗୁଏ ଦଳର ଗୋଲରକ୍ଷକ ଫର୍ଣ୍ଣାଣ୍ଡୋ ମୁସେଲିରାଙ୍କୁ ବିଟ୍ କରି ସ୍ପେନ୍‌ର ଆଲେକ୍ସ ବାୟେନା ମ୍ୟାଚ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଉରୁଗୁଏ ତାହାର ଗୋଲରକ୍ଷକ ପରିବର୍ତ୍ତନ କରି ଆଉ ଗୋଲ ଖାଇ ନ ଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ଯାହା ଫଳରେ ଦଳ ମାତ୍ର ଗୋଟିଏ ଗୋଲ ଲାଗି ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିଲା।



ଅନ୍ୟପକ୍ଷରେ ହଷ୍ଟନରେ ଖେଳାଯାଇଥିବା ସାଉଦି ଆରବ ବିପକ୍ଷ ମୁକାବିଲାରେ କେପ୍ ଭର୍ଡ ପୁଣିଥରେ ତାହାର ଡିଫେନ୍‌ସକୁ ମଜଭୁତ କରି ମ୍ୟାଚ୍‌କୁ ଗୋଲଶୂନ୍ୟ ଭାବେ ଡ୍ର ରଖିବାରେ ସଫଳ ହୋଇଥିଲା। ସପ୍ତମ ପ୍ରଚେଷ୍ଟାରେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା କେପ୍ ଭର୍ଡ ତାହାର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍‌କୁ ଡ୍ର ରଖି ନକ୍‌ଆଉଟକୁ ଉନ୍ନୀତ ହୋଇଛି। ବିଶ୍ୱକପ୍ ଇତିହାସରେ ନକ୍‌ଆଉଟ ଖେଳିବାରେ ପଦାର୍ପଣକାରୀ କେପ୍ ଭର୍ଡ ସବୁଠାରୁ ଛୋଟିଆ ଦେଶ ହୋଇଛି। ଏହି ଆଫ୍ରିକୀୟ ରାଷ୍ଟ୍ରର ଲୋକସଂଖ୍ୟା ୫ ଲକ୍ଷ ୩୦ ହଜାର ରହିଛି। ନକ୍‌ଆଉଟରେ କେପ ଭର୍ଡ ସହ ଆର୍ଜେଣ୍ଟିନାର ମୁକାବିଲା ହେବ।

## ବିଶ୍ୱକପ୍ ପଏଣ୍ଟ ଟେବଲ

| ଟିମ୍ | ମ୍ୟା | ବି | ଡ୍ର | ପ | ଗୋଫ | ପ |
|---|---|---|---|---|---|---|
| ଗ୍ରୁପ୍-ଜି' | | | | | | |
| ବେଲଜିୟମ | ୩ | ୧ | ୨ | ୦ | ୪ | ୫ |
| ଇଜିପ୍ଟ | ୩ | ୧ | ୨ | ୦ | ୨ | ୫ |
| ଇରାନ | ୩ | ୦ | ୩ | ୦ | ୦ | ୩ |
| ନ୍ୟୁଜିଲାଣ୍ଡ | ୩ | ୦ | ୧ | ୨ | -୬ | ୧ |
| ଗ୍ରୁପ୍-ଏଚ' | | | | | | |
| ସ୍ପେନ | ୩ | ୨ | ୧ | ୦ | ୫ | ୭ |
| କେପ ଭର୍ଡ | ୩ | ୦ | ୩ | ୦ | ୦ | ୩ |
| ଉରୁଗୁଏ | ୩ | ୦ | ୨ | ୧ | -୧ | ୨ |
| ସା.ଆରବ | ୩ | ୦ | ୨ | ୧ | -୪ | ୨ |
| ଗ୍ରୁପ୍-ଆଇ' | | | | | | |
| ଫ୍ରାନ୍ସ | ୩ | ୩ | ୦ | ୦ | ୮ | ୯ |
| ନରୱେ | ୩ | ୨ | ୦ | ୧ | ୧ | ୬ |
| ସେନେଗାଲ | ୩ | ୧ | ୦ | ୨ | ୨ | ୩ |
| ଇରାକ | ୩ | ୦ | ୦ | ୩ | -୧୧ | ୦ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ଗୋଫ- ଗୋଲ ଫରକ, ପ- ପଏଣ୍ଟ।

# ବେଲ୍‌ଜିୟମ୍ ନଂ-୧, ଇଜିପ୍ଟ-୨

ଭାଙ୍କୋଭର,୨୭।୬(ଏଜେନ୍ସି): ଉତ୍ସାହୀ ନ୍ୟୁଜିଲାଣ୍ଡକୁ ୫-୧ ଗୋଲରେ ପରାସ୍ତ କରି ବେଲଜିୟମ ଗ୍ରୁପ୍-ଜି'ରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ମ୍ୟାଚ୍‌ରେ ଦଳ ପକ୍ଷରୁ ଲିଆଣ୍ଡ୍ରୋ ଟ୍ରୋସାଡ ୨ଟି, ଭେଟେରାନ କେଭିନ୍ ଡି ବ୍ରୁଇନ୍, ରୋମେଲୁ ଲୁକାକୁ ଓ ଆଲେକ୍ସିସ୍ ସାଇଲେ ମାଇକର୍ସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏଲିଜା ଜଷ୍ଟ ଗୋଟିଏ ଗୋଲ ଶୁଝାଇବାରେ ସଫଳ ହୋଇଥିଲେ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଇଜିପ୍ଟ ସହ ଇରାନ ମ୍ୟାଚ୍ ୧-୧ ଗୋଲରେ ଡ୍ର ରଖିଛି। ଫଳରେ ବେଲଜିୟମ ପଛକୁ ଇଜିପ୍ଟ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୩ଟି ଡ୍ର ମ୍ୟାଚ୍‌ରୁ ୩ ପଏଣ୍ଟ ପାଇଥିବା ଇରାନ ଏବେ ଅନ୍ୟ ଦଳର ପ୍ରଦର୍ଶନ ଉପରେ ନକ୍‌ଆଉଟରେ ଖେଳିବ କି ନାହିଁ ତାହା ସ୍ଥିର ହେବ। ସମସ୍ତ ୩ଟି ଯାକ ମୁକାବିଲାରେ ଇରାନ ଚାପରେ ରହି ଖେଳିଥିଲା।

ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଦଳର ପ୍ରଥମ ପେନାଲ୍‌ଟି ଗୋଲ ଅଫ୍ ସାଇଡ୍ ହେବାପରେ ବେଲଜିୟମ ପ୍ରଭାବ ବିସ୍ତାର କରି ଖେଳିଥିଲା। ଲିଆଣ୍ଡ୍ରୋଙ୍କ ଡବଲ ଗୋଲ, ଦୁଇ ଭେଟେରାନ ଖେଳାଳି ଡି ବ୍ରୁଇନ୍ ଓ ଲୁକାକୁଙ୍କ ଗୋଲ ବଳରେ ବେଲଜିୟମ ଦକ୍ଷତା ଅନୁଯାୟୀ ଖେଳିଥିଲା। ଫଳରେ ଦଳକୁ ନିୟନ୍ତ୍ରଣ କରିବାରେ ସଫଳତା ମିଳିଥିଲା। ଅନ୍ୟ ଏକ ମ୍ୟାଚରେ ଇଜିପ୍ଟ ଓ ଇରାନ ଦୁଇ ସମଭାବାପନ୍ନ ଦେଶ ମଧ୍ୟରେ ଲଢ଼େଇ ହୋଇଥିଲା। ଏଥିରେ କେହି କାହାରିକୁ ଇଞ୍ଚେ ଛାଡ଼ି ନ ଥିଲେ। ଯାହା ଫଳରେ ଉନ୍ନତ ଖେଳାଳି ଥିଲେ ମଧ୍ୟ ଗୋଲ ଦେବାରେ କେହି ସଫଳ ହୋଇ ନ ଥିଲେ।

# ସେନେଗାଲ୍‌ର ବୃହତ୍ ବିଜୟ

ଟରଣ୍ଟୋ, ୨୭।୬ (ଏଜେନ୍ସି): ବଦଳ ଖେଳାଳି ପାପେ ଗୁୟେଙ୍କ ଡବଲ ଗୋଲ୍ ଜରିଆରେ ଏଠାରେ ଖେଳାଯାଇଥିବା ଗ୍ରୁପ୍-ଜି'ର ଅନ୍ୟ ଏକ ମ୍ୟାଚ୍‌ରେ ସେନେଗାଲ ୫-୦ ଗୋଲରେ ଇରାକ୍‌କୁ ପରାସ୍ତ କରିଛି। ବୃହତ୍ ବିଜୟ ସତ୍ତ୍ୱେ ଦଳ ଗ୍ରୁପ୍‌ରେ ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଦଳ ଗୋଟିଏ ମ୍ୟାଚ୍ ଜିତିଥିବାରୁ ନକ୍‌ଆଉଟ ଖେଳିବାର ସମ୍ଭାବନା ରହିଛି। ବିଜୟୀ ଦଳ ପକ୍ଷରୁ ଏଚ୍ ଡିଆରା, ଆଇ ସାର ଓ ଆଇ ନିଦାୟେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରୁ ଇରାକ୍ ସମସ୍ତ ମ୍ୟାଚ୍‌ରେ ପରାଜିତ ହୋଇ ନକ୍‌ଆଉଟ ପୂର୍ବରୁ ବାଦ୍ ପଡ଼ିଛି।

# ପର୍ତ୍ତୁଗାଲକୁ ନକ୍‌ଆଉଟ ଯୋଗ୍ୟତା

ଡଲାସ,୨୭।୬(ଏଜେନ୍ସି): ପର୍ତ୍ତୁଗାଲ ଓ ଅନ୍ୟ କିଛି ଦେଶ ସେମାନଙ୍କ ଶେଷ ରାଉଣ୍ଡ ବିଶ୍ୱକପ୍ ଲିଗ୍ ମ୍ୟାଚ୍ ଖେଳିବା ପୂର୍ବରୁ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୪ ପଏଣ୍ଟ ପାଇଥିବା କିଛି ଦଳ ଅନ୍ୟ ଗ୍ରୁପ୍‌ର ମ୍ୟାଚ୍ ଫଳାଫଳରୁ ନକ୍‌ଆଉଟ ଯାଇଛନ୍ତି। ସେହି ଦେଶଗୁଡ଼ିକ ମଧ୍ୟରେ ପର୍ତ୍ତୁଗାଲ, ଇଂଲଣ୍ଡ, ଇଜିପ୍ଟ, ଘାନା ଓ ପାରାଗୁଏ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ ମଧ୍ୟ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପର୍ତ୍ତୁଗାଲ କ୍ରମାଗତ ତୃତୀୟଥର ଲାଗି ନକ୍‌ଆଉଟରେ ଖେଳିବ।

# ଆଜିଠୁ ନକ୍‌ଆଉଟ୍

ଲସ ଆଞ୍ଜେଲ୍ସ, ୨୭।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଯାଇଛି। ରବିବାର ରାତିରୁ ନକ୍‌ଆଉଟ୍ ଅର୍ଥାତ୍ ରାଉଣ୍ଡ ଅଫ୍ ୩୨ ପର୍ଯ୍ୟାୟ ଆରମ୍ଭ ହେବ। ନକ୍‌ଆଉଟ୍‌ର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକା ସହ କାନାଡାର ମୁକାବିଲା ହେବ। ଏହି ମ୍ୟାଚ୍ ଲସ୍ ଆଞ୍ଜେଲ୍ସରେ ରାତି ୧୨ଟା ୩୦ ମିନିଟରେ ଖେଳାଯିବ।

**ଆରମ୍ଭ: ରାତି ୧୨ଟା ୩୦**

**ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫**

# ଡେମ୍ବେଲେଙ୍କ ଦ୍ରୁତତମ ହ୍ୟାଟ୍ରିକ୍



ଫକ୍ସବରୋ,୨୭।୬(ଏଜେନ୍ସି): ତାରକା ଖେଳାଳି ଓଉସମାନେ ଡେମ୍ବେଲେଙ୍କ ବିଶ୍ୱକପ୍‌ରେ ଦ୍ୱିତୀୟ ଦ୍ରୁତତମ ହ୍ୟାଟ୍ରିକ୍ ଗୋଲ ବଳରେ ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଆଇ'ର ଏକ ମୁକାବିଲାରେ ଫ୍ରାନ୍ସ ୪-୧ ଗୋଲରେ ନରୱେକୁ ପରାସ୍ତ କରିଛି। ଏଥିସହ ଫ୍ରାନ୍ସ ଗ୍ରୁପ୍‌ରେ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇ ୯ ପଏଣ୍ଟ ସହ ଶୀର୍ଷ ସ୍ଥାନ ହାସଲ କରିଛି। ବାଲନ ଓ' ଡିଓର ପୁରସ୍କାର ବିଜେତା ଷ୍ଟ୍ରାଇକର ଡେମ୍ବେଲେ ଖେଳର ୭ମ, ୨୦ତମ ଓ ୨୭ତମ ମିନିଟ୍‌ରେ ଗୋଲ ସ୍କୋର କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ତାଙ୍କ ପୂର୍ବରୁ ୧୯୫୪ ବିଶ୍ୱକପ୍‌ରେ ଅଷ୍ଟ୍ରିଆର ଏରିକ୍ ପ୍ରୋବ୍ସଟ ମାତ୍ର ୨୪ ମିନିଟ୍ ମଧ୍ୟରେ ହ୍ୟାଟ୍ରିକ୍ ଅର୍ଜନ କରି ଦ୍ରୁତତମ ହ୍ୟାଟ୍ରିକ ଅର୍ଜନ କରିଥିଲେ। ନରୱେ ପକ୍ଷରୁ ଜୋର୍ଗେନ ଷ୍ଟ୍ରାଣ୍ଡ ଗୋଟିଏ ଗୋଲ ଶୁଝାଇଥିଲେ। ଷ୍ଟପେଜ୍ ଟାଇମ୍‌ରେ ଡିଜାୟର ଡୋଉ ଫ୍ରାନ୍ସ ପକ୍ଷରୁ ଚତୁର୍ଥ ଗୋଲ ସ୍କୋର କରିଥିଲେ। ସମସ୍ତ ମ୍ୟାଚ୍ ଜିତିଥିବା ଫ୍ରାନ୍ସ ରାଉଣ୍ଡ ଅଫ୍ ୩୨ ତଥା ନକ୍‌ଆଉଟରେ ସ୍ୱିଡେନ ସହ ମୁକାବିଲା କରିବ। ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ନରୱେ ସହ ଆଇଭରୀ କୋଷ୍ଟର ରାଉଣ୍ଡ ଅଫ୍ ୩୨ରେ ମୁକାବିଲା ହେବ।

# ଫିଡେ ୧୦ ବର୍ଷରୁ କମ୍ ବିଶ୍ୱକପ୍‌ରେ ସୌମ୍ୟଙ୍କୁ କାଂସ୍ୟ

ଭୁବନେଶ୍ୱର, ୨୭।୬ (ସମିସ): ଓଡ଼ିଆ ଶିଶୁ ଚେସ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ପୁଣିଥରେ ଦେଶ ଏବଂ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟଗୋଷ୍ଠୀ ପରେ ସାତ୍ତ୍ୱିକ ଏବେ ବିଶ୍ୱକପରେ ମଧ୍ୟ ପଦକ ଜିତିଛନ୍ତି। ଜର୍ଜିଆରେ ଉଦଯାପିତ ହୋଇଥିବା ଫିଡେ ୧୦ ବର୍ଷରୁ କମ୍ ଚେସ ବିଶ୍ୱକପରେ ସାତ୍ତ୍ୱିକ ଓପନ୍ ବିଭାଗରେ ଚମତ୍କାର ପ୍ରଦର୍ଶନ କରି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଶେଷ ରାଉଣ୍ଡରେ ଡ୍ର ହୋଇ ଯିବାରୁ ସାତ୍ତ୍ୱିକ ସ୍ୱର୍ଣ୍ଣ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। କିନ୍ତୁ ବ୍ଲୁକୋଲୋଜରେ ସେ କାଂସ୍ୟ ପଦକ ଜିତିଥିଲେ। ସାତ୍ତ୍ୱିକ ବର୍ତ୍ତମାନ କିଙ୍ଗ ଚେସ ସେଣ୍ଟର୍‌ରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ଅବସରରେ ବରିଷ୍ଠ ଚେସ କୋଚ୍ ବିଶ୍ୱଜିତ୍ ରାୟ, ରାଜ୍ୟ ଚେସ ସଂଘର ସମସ୍ତ କର୍ମକର୍ତ୍ତା, ଟ୍ରିପଲ ସି ଚେସ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ,ଉପସଭାପତି ଅର୍ଘ୍ୟ ଅର୍ପଣ ପରିଡ଼ା, କୋଚ୍ ପ୍ରଶାନ୍ତ ଜେନା ପ୍ରମୁଖ ସାତ୍ତ୍ୱିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଅଞ୍ଜୁ ବବି ଜର୍ଜଙ୍କ ୨୨ ବର୍ଷର ରେକର୍ଡ ଭାଙ୍ଗିଲା



ଭୁବନେଶ୍ୱର, ୨୭।୬ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଆନ୍ତଃ-ରାଜ୍ୟ ସିନିଅର ଆଥଲେଟିକ ଚାମ୍ପିଅନସିପ୍‌ର ଚତୁର୍ଥ ଦିବସ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଜି ମହିଳା ଲଙ୍ଗ ଜମ୍ପରେ ନୂତନ ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। କେରଳର ଆନ୍ସି ସୋଜାନ ୬.୮୮ ମିଟର ଦୂରକୁ ଲମ୍ଫ ପ୍ରଦାନ କରି ପୋଡିୟମର ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଫଳରେ କିମ୍ବଦନ୍ତୀ ଅଞ୍ଜୁ ବବି ଜର୍ଜଙ୍କ ନାମରେ ରହିଥିବା ୨୨ ବର୍ଷ ତଳର ପୁରୁଣା ରେକର୍ଡ ଭଙ୍ଗ ହୋଇଛି। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ଅଞ୍ଜୁ ୬.୮୩ ମିଟର ଲମ୍ଫ ପ୍ରଦାନ କରିଥିଲେ। ଅଞ୍ଜୁଙ୍କ ଏହି ଜାତୀୟ ରେକର୍ଡ ୨୨ ବର୍ଷ ଧରି ବଳବତ୍ତର ରହିଥିଲା। ଯାହାକୁ ଆଜି ୨୫ ବର୍ଷୀୟା କେରଳ ଆଥ୍‌ଲେଟ୍ ଆନ୍ସି ଭାଙ୍ଗିଛନ୍ତି। ଆନ୍ସି ଆଜି ତାଙ୍କର ପାଞ୍ଚଟି ଯାକ ପ୍ରୟାସରେ ଯଥାକ୍ରମେ ୬.୭୩ମି, ଫାଉଲ, ୬.୬୭ମି, ୬.୭୨ମି, ୬.୮୮ମି ଓ ୬.୬୯ ମିଟର ହାସଲ କରିଥିଲେ।

# ସିରିଜ ବଞ୍ଚାଇବା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ବେଲ୍‌ଫାଷ୍ଟ, ୨୭।୬ (ଏଜେନ୍ସି): ଆୟର୍ଲାଣ୍ଡ ଗସ୍ତରେ ଥିବା ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଏହାର ଅନ୍ତିମ ତଥା ଦ୍ୱିତୀୟ ଟି-୨୦ ମ୍ୟାଚ୍ ରବିବାର ଖେଳିବ। ସ୍ଥାନୀୟ ସିଭିଲ ସର୍ଭିସ କ୍ରିକେଟ୍ ଗ୍ରାଉଣ୍ଡରେ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଶୁକ୍ରବାର ଖେଳାଯାଇଥିବା ସିରିଜର ପ୍ରଥମ ମୁକାବିଲାରେ ଘରୋଇ ଆୟର୍ଲାଣ୍ଡ ୩୪ ରନରେ ଭାରତକୁ ହରାଇ ଐତିହାସିକ ବିଜୟ ଲାଭ କରିଥିଲା। ଟି-୨୦ ଇତିହାସରେ ଭାରତ ବିପକ୍ଷରେ ଆୟର୍ଲାଣ୍ଡର ଏହା ପ୍ରଥମ ବିଜୟ ଥିଲା। ଘରୋଇ ଦଳ ଏବେ ରବିବାର ଦ୍ୱିତୀୟ ମ୍ୟାଚରେ ମଧ୍ୟ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି। ଯଦି ଆୟର୍ଲାଣ୍ଡ ବିଜୟୀ ହୁଏ ତେବେ ସିରିଜ ମଧ୍ୟ କବଜା କରିବ। ଯାହାକି ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ଝଟକା ହେବ। ଆୟରଙ୍କ ନେତୃତ୍ୱରେ ପ୍ରଥମଥର ଲାଗି ଟି-୨୦ ଖେଳୁଥିବା ଭାରତ ଏବେ ସମ୍ମାନ ବଞ୍ଚାଇବା ଲାଗି ଆପ୍ରାଣ ଉଦ୍ୟମ କରିବ। ପ୍ରଥମ ମ୍ୟାଚରେ ଆୟରଙ୍କ ସହ ସଞ୍ଜୁ ସାମସନ, ଇଶାନ କିଶାନ, ତିଲକ ବର୍ମା ପ୍ରମୁଖ ନିରାଶ କରିଥିଲେ। ଅଭିଷେକ ଶର୍ମା ୫୦ ରନର ଦ୍ରୁତ ପାଳି ଖେଳିଥିଲେ। ତେଣୁ ସିରିଜ ବଞ୍ଚାଇବାକୁ ହେଲେ ଏବେ ଆଗଧାଡ଼ିର ବ୍ୟାଟରଙ୍କଠୁ ବଡ଼ ଇନିଂସ ଦଳ ଆବଶ୍ୟକ କରୁଛି। ସେହିଭଳି ୧୫ ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ମ୍ୟାଚରେ ପଦାର୍ପଣ କରିବାର ସୁଯୋଗ ମିଳିପାରେ।

**ଆଜି ଦ୍ୱିତୀୟ ଟି-୨୦**

**ଆରମ୍ଭ: ସନ୍ଧ୍ୟା ୬ଟା**

**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

# ଅଷ୍ଟ୍ରେଲିଆକୁ ହରାଇ ସେମିଫାଇନାଲ ଲକ୍ଷ୍ୟରେ ଭାରତ

**ଆଇସିସି ମହିଳା ଟି-୨୦ ବିଶ୍ୱକପ୍**

ଲଣ୍ଡନ, ୨୭।୬ (ଏଜେନ୍ସି):

ଇଂଲଣ୍ଡରେ ଚାଲିଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଗ୍ରୁପ ପର୍ଯ୍ୟାୟ ମୁକାବିଲା ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ରବିବାର ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବ। ଅନ୍ତିମ ଦିବସରେ ଭାରତ-ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚ୍ ସହ ଗ୍ରୁପ୍-ଏ'ରୁ କେଉଁ ଦୁଇଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବ ତାହା ସ୍ପଷ୍ଟ ହେବ। ଅଷ୍ଟ୍ରେଲିଆ ମହିଳା ଦଳ ୪ଟି ମ୍ୟାଚରୁ ୪ ବିଜୟ ସହ ୮ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷରେ ରହି ଏକପ୍ରକାର ସେମିରେ ସ୍ଥାନ ସୁଦୃଢ଼ କରିଛି। ସେହିଭଳି ଭାରତ ଓ ଦକ୍ଷିଣ ଆଫ୍ରିକା ୪ଟି ମ୍ୟାଚରୁ ୩ଟି ଲେଖାଏ ବିଜୟ ସହ ୬ ପଏଣ୍ଟ ପାଇଛନ୍ତି। କିନ୍ତୁ ଉନ୍ନତ ରନରେଟ୍ ଯୋଗୁ ଦକ୍ଷିଣ ଆଫ୍ରିକା (+୦.୭୩୪)କୁ ପଛରେ ପକାଇ ଭାରତ (+୨.୨୬୮) ଦ୍ୱିତୀୟ ସ୍ଥାନରେ ରହିଛି। ସେମିଫାଇନାଲରେ ପ୍ରବେଶ ଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଆଶାବାଦୀ ରହିଛନ୍ତି। ଉଭୟ ନିଜ ନିଜର ଶେଷ ମ୍ୟାଚରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ ଶେଷ ମ୍ୟାଚରେ ବିଜୟ ସହଜ ମନେ ହେଉଛି। କିନ୍ତୁ ରେକର୍ଡ ଛଅଥରର ବିଜେତା ଅଷ୍ଟ୍ରେଲିଆକୁ ହରାଇବା ଭାରତ ପାଇଁ କଷ୍ଟସାଧ୍ୟ ଲକ୍ଷ୍ୟ ରହିଛି। ହରମନପ୍ରୀତ୍ କୌରଙ୍କ ଦଳ ଯଦି ଏହି ମ୍ୟାଚରେ ପରାଜୟବରଣ କରେ ତେବେ ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମ୍ୟାଚର ଫଳାଫଳ ଉପରେ ସେମିଫାଇନାଲ ଖେଳିବା ନିର୍ଭର କରିବ।

**ଆଜିର ମ୍ୟାଚ**

**ଦ. ଆଫ୍ରିକା ବନାମ ବାଂଲାଦେଶ**

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା**

**ଭାରତ ବନାମ ଅଷ୍ଟ୍ରେଲିଆ**

**ମ୍ୟାଚ୍ ଆରମ୍ଭ: ରାତି ୭ଟା**

**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର**




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS